

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୯ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 JULY 2022

Vol.No. 35 ■ No. 177 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ସିଞ୍ଜୋ ଆବେଙ୍କୁ ଗୁଳି କରି ହତ୍ୟା





ନୂଆଦିଲ୍ଲୀ, ୦୮/୦୭ : ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶ୍ୱ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ସିଞ୍ଜୋ ଆବେଙ୍କୁ ଗୁଳି କରି କରାଯାଇଛି ହତ୍ୟା । ଏହି ଗୁଳିମାଡ ଜାପାନରେ ହୋଇଥିଲା, କିନ୍ତୁ ଏହାର ଶବ୍ଦ ସାରା ବିଶ୍ୱରେ ଗୁଞ୍ଜରିତ ହୋଇଛି । ଜାପାନ ପରି ଏକ ଶାନ୍ତି ପ୍ରିୟ ରାଷ୍ଟ୍ରରେ ଜଣେ ଏତେ ବଡ ନେତାଙ୍କୁ ହତ୍ୟା କରାଯିବା ଘଟଣା ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୯ ବର୍ଷ ଧରି ଜାପାନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ଆବେଙ୍କ ଚିନ୍ତାଧାରାକୁ ବିରୋଧ କରି ତାଙ୍କୁ ହତ୍ୟା କରିଛି ଆତତାୟୀ । ନାରା ପ୍ରାନ୍ତର କାସିହାରା ସହରରେ ନିର୍ବାଚନୀ ଭାଷଣ ଦେଉଥିଲେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ । ଲୋକପ୍ରିୟ ନେତା ସିଞ୍ଜୋ ଆବେଙ୍କ ଭାଷଣ ଶୁଣିବା ପାଇଁ ଲୋକଙ୍କ ଭିଡ଼ ଲାଗିଥିଲା । ହେଲେ କେହି କିଛି ବୁଝିବା ପୂର୍ବରୁ ହଠାତ୍ ଗୁଳିମାଡ଼ର ଶବ୍ଦ ଶୁଭିଥିଲା । ଅତି ନିକଟରୁ ଆବେଙ୍କ ପଛପଟୁ ଗୁଳି ମାଡ଼ କରିଥିଲା ଆତତାୟୀ । ଦୁଇଟି ଗୁଳି ବାଜିବା ପରେ ଘଟଣାସ୍ଥଳରେ ହିଁ ଟଳିପଡିଥିଲେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ । ସିଞ୍ଜୋ ଆବେଙ୍କ ଶରୀରରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତୁରନ୍ତ ଏୟାରଲିଫ୍ଟ କରାଯାଇ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ହସ୍ପିଟାଲରେ ପହଞ୍ଚିବା ବେଳେ ତାଙ୍କୁ ହୃଦଘାତ ମଧ୍ୟ ହୋଇଥିଲା । ତାଙ୍କୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପୂରା ଦମ୍ ଲଗାଇ ଦେଇଥିଲେ । କିନ୍ତୁ ଡାକ୍ତରଖାନାରେ ତାଙ୍କର ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇ ପଡିଥିଲା । ପ୍ରାୟ ସାଢ଼େ ୫ ଘଣ୍ଟାର ଉଦ୍ୟମ ପରେ ସିଞ୍ଜୋ ଆବେଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଜାପାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ଗୁଳି ମାଡ଼ ହୋଇଥିଲା । କିନ୍ତୁ ଏହାର ଶବ୍ଦ ଶୁଭିଥିଲା ସାରା ବିଶ୍ୱରେ । କାରଣ ବିଶ୍ୱ ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ସିଞ୍ଜୋ ଆବେ । ଭାରତ ସମେତ ଆମେରିକା, ରୁଷ, ବ୍ରିଟେନ୍, କାନାଡ଼ା ଆଦି ଦେଶ ଗଭୀର ଶୋକ ପ୍ରକାଶ କରିଛନ୍ତି । ସିଞ୍ଜୋ ଆବେଙ୍କୁ ଗୁଳିମାଡ଼ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ତେବେ ଯିଏ ସିଞ୍ଜୋ ଆବେଙ୍କ ଉପରକୁ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି ଘଟଣାସ୍ଥଳରେ ହିଁ ତାଙ୍କୁ ଗିରଫ କରାଯାଇଛି । ଜାପାନ ନୌସେନାରେ ସେ ୩ ବର୍ଷ କାର୍ଯ୍ୟ କରୁଥିଲେ । ନିଜକୁ ସାମ୍ବାଦିକ ଦର୍ଶାଇ ସିଞ୍ଜୋ ଆବେଙ୍କ ନିର୍ବାଚନୀ ଭାଷଣ ବେଳେ ଉପସ୍ଥିତ ଥିଲେ । ହାତରେ ବନ୍ଧୁକ ତିଆରି କରି କ୍ୟାମେରା ଭଳି କଳା କପଡ଼ାରେ ଗୁଡାଇ ଆଣିଥିଲେ । କୁହାଯାଉଛି, ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିଚାରଧାରାକୁ ନାପସନ୍ଦ କରୁଥିଲେ ଅଭିଯୁକ୍ତ ୟାମାଗାମୀ । ସିଞ୍ଜୋ ଆବେଙ୍କ ନୀତି ଓ ବିଚାର ଧାରାକୁ ନେଇ ସେ ଅସନ୍ତୁଷ୍ଟ ଥିଲେ । ସିଞ୍ଜୋ ଆବେ ପ୍ରଧାନମନ୍ତ୍ରୀ ଥିବା ବେଳେ ଭାରତ ଓ ଜାପାନର ସଂପର୍କରେ ନୂଆ ଲାଗିଥିଲା । ଭାରତ ବୁଲେଟ୍ ଟ୍ରେନ ପ୍ରକଳ୍ପ ଓ ଅନ୍ୟ ପ୍ରକଳ୍ପ ପାଇଁ ସହଯୋଗର ହାତ ବଢାଇଥିଲେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ସଂପର୍କ ବେଶ ନିବିଡ଼ ଥିଲା । ତାଙ୍କ ମୃତ୍ୟୁରେ ଟ୍ୱିଟ୍ କରି ଶୋକ ପ୍ରକାଶ କରିଛନ୍ତି ମୋଦୀ । ଭାରତରେ ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ୬୭ ବର୍ଷୀୟ ସିଞ୍ଜୋ ଆବେ ଜାପାନର ଏକମାତ୍ର ପ୍ରଧାନମନ୍ତ୍ରୀ ଯିଏକି ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ଭାର ନେଇଥିଲେ । ୨୦୦୬ ରୁ ୨୦୦୭ ଓ ୨୦୧୨ରୁ ୨୦୨୦ ପର୍ଯ୍ୟନ୍ତ ଜାପାନର ପ୍ରଧାନମନ୍ତ୍ରୀ ରହିଥିଲେ ସିଞ୍ଜୋ ଆବେ । ଅସୁସ୍ଥତା କାରଣରୁ ୨୦୨୦ରେ ପଦ ଛାଡିଥିଲେ ।

# ବାହୁଡା ଯାତ୍ରା ଆଜି



ଭୁବନେଶ୍ୱର, ୦୮/୦୭ (ନି.ପ୍ର): ରାତି ପାହିଲେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା । ଆଉ ଆଜି ଘୋଷ ଯାତ୍ରାର ନବମ ତିଥି । ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ନବମୀ ଦର୍ଶନ ବ ସନ୍ଧ୍ୟା ଦର୍ଶନ ହୋଇଛି । ଦୁଇ ବର୍ଷ ପରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ କରିଛନ୍ତି । ଜଗମୋହନ ନିକଟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଥିଲା । ପ୍ରଭୁଙ୍କ ଦର୍ଶନ ପାଇଁ କାହିଁ କେତେଦୂରରୁ ଛୁଟି ଆସିଥିଲେ ଭକ୍ତ । ଶ୍ରୀଜୀଉଙ୍କୁ ଦର୍ଶନ କରି ଧନ୍ୟ ହୋଇଛି ଭକ୍ତ । ଅପରାହ୍ନ ୬ଟା ଯାଏଁ ଭକ୍ତ ସନ୍ଧ୍ୟା ଦର୍ଶନ କରିଛନ୍ତି । ଏହାପରେ ଗୁଣ୍ଡିଚା ମନ୍ଦିରକୁ ଶୋଧ କରାଯାଇଛି । ନାକଚଣା ଦ୍ୱାର ଆଗରେ ପ୍ରସ୍ତୁତ ହୋଇ ଠିଆ ହୋଇଛି ତିନି ରଥ । କାଲି ବଡଭାଇ ବଳଭଦ୍ର, ଉଭଣୀ ସୁଭଦ୍ରାଙ୍କୁ ଧରି ଶ୍ରୀମନ୍ଦିର ଫେରିବେ ଶ୍ରୀଜଗନ୍ନାଥ । ବାହୁଡାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁପ୍ରକାରର ବ୍ୟବସ୍ଥା ହୋଇଛି । ମଧ୍ୟାହ୍ନ ୧୨ଟାରୁ ୨ଟା୩୦ ମଧ୍ୟରେ ବାହୁଡା ପହଣ୍ଡି. ଦିନ ୨ଟା୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା, ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ଓ ୪ଟାରେ ରଥଟଣା ପାଇଁ ନୀତିନିର୍ଘଂଟ ▶▶ପୃଷ୍ଠା ୭

# ଭାରତର ଧୈର୍ଯ୍ୟ ପରୀକ୍ଷା କରୁଛି ଚୀନ : ଭାରତ ବାୟୁସୀମାରେ ଚୀନ ସେନାର ଅନୁପ୍ରବେଶ ଉଦ୍ୟମ



ନୂଆଦିଲ୍ଲୀ, ୦୮/୦୭ : ସୁଧୁରୁନି ଚୀନ । ନିୟମ ଉଲ୍ଲଂଘନ କରି ଭାରତୀୟ ବାୟୁସୀମାରେ ପୁଣି ଅନୁପ୍ରବେଶ ପାଇଁ ଚେଷ୍ଟା କରିଛି ଚୀନର ଲଢୁଆ ବିମାନ । ଉତରପୂର୍ବ ଲଦାଖରେ ଚୀନ ଯୁଦ୍ଧ ବିମାନ ଅନୁପ୍ରବେଶ କରିଥିବା ଜଣାପଡିଛି । ଭୋର ୪ଟା ସମୟର ଏହି ଘଟଣା ବାବଦରେ ସୂଚନା ମିଳିବା ମାତ୍ରକେ ଭାରତୀୟ ସେନା ଆର୍ଲଟକୁ ଆସିଥିଲେ ଓ ଚୀନ ବିମାନ ଫେରି ଯାଇଥିବା କୁହାଯାଉଛି । ସୀମାରେ ମୃତୟନ ରାଡାର ଘଟଣା ସମ୍ବନ୍ଧରେ ଜାଣିବାକୁ ପାଇଥିଲା । ଏୟାରସ୍ପେଶରେ ଅନୁପ୍ରବେଶ ହେଉଥିବା ଦେଖି ଭାରତୀୟ ବାୟୁସେନା ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜର ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା । ଘଟଣାକୁ ନେଇ ଆପତି ପ୍ରକାଶ କରିଛି ଭାରତୀୟ ସେନା । ଲଦାଖ ସୀମାକୁ ଲାଗି ଚୀନ ସେନାଭ୍ୟାସ କରୁଛି । ସେପଟେ ଲଦାଖରେ ବେଶ କିଛି ଦିନ ହେବ ଭାରତ ଓ ଚୀନ ମଧ୍ୟରେ ଗତିରୋଧ ଜାରି ରହିଛି । ସବୁ ସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନା ସଜାଗ ରହିଛି । ସେପଟେ ଚୀନ ମଧ୍ୟ ଭାରତୀୟ ସୀମାକୁ ଲାଗି ବହୁ ସଂଖ୍ୟକ ଫାଇଟର ଜେଟ ଓ ଏୟାରକ୍ରାଫ୍ଟ ମୃତୟନ କରିଛି ।

## ସିଞ୍ଜୋ ଆବେଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା କରାଯିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ସିଞ୍ଜୋ ଆବେ ଭାରତର ପରମ ମିତ୍ର ଥିଲେ । ଇଣ୍ଡୋ-ଜାପାନ ସମ୍ପର୍କକୁ ସୁଦୃଢ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏଭଳି ଦୁଃଖଦ ସମୟରେ ମୁଖମନ୍ତ୍ରୀ ଶୋକସନ୍ତପ୍ତ ପରିବାର ଏବଂ ଜାପାନବାସୀଙ୍କୁ ସମବେଦନା ଜଣାଇଛନ୍ତି ।

## ନୂପୁରଙ୍କୁ ନେଇ ମୌଲାନାଙ୍କ ବଡ ବୟାନ

ନୂଆଦିଲ୍ଲୀ, ୦୮/୦୭ : ବିଜେପିର ନିଲମ୍ବିତ ମୁଖ୍ୟପାତ୍ର ନୂପୁର ଶର୍ମାଙ୍କ ବୟାନକୁ ନେଇ ଦେଶ ଏବଂ ବିଦେଶରେ ମୋଦୀ ସରକାରଙ୍କୁ ବିରୋଧରେ ସମ୍ମୁ କରିବାକୁ ପଡୁଥିବା ବେଳେ ଏହାକୁ କେନ୍ଦ୍ର କରି ୫ରୁ ଅଧିକ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଗଲାଣି । ହେଲେ ଏହି ବୟାନ ପାଇଁ ନୂପୁରଙ୍କୁ ଖରାପ ବ୍ୟବହାର କରୁଥିବା ଏବଂ ▶▶ପୃଷ୍ଠା ୭

# ଅମରନାଥ ଗୁମ୍ଫା ନିକଟରେ ବାଦଲ ଫଟା ବର୍ଷା : ୧୫ ମୃତ



ନୂଆଦିଲ୍ଲୀ, ୦୮/୦୭ : ଜାମ୍ମୁ-କାଶ୍ମୀରର ଅମରନାଥ ଗୁମ୍ଫା ନିକଟରେ ବାଦଲ ଫଟା ବର୍ଷା ହୋଇଛି । ଏଥିରେ ୧୫ ଜଣ ପ୍ରାଣ ହରାଇଛନ୍ତି । ଅନେକ ଲୋକ ନିଖୋଜ ଅଛନ୍ତି । ଏନଡିଆରଏଫ, ଏସଡିଆରଏଫ ଓ ଆଇଟିବିପିର ଯବାନ ଉଦ୍ଧାର କାମରେ ସାମିଲ ହୋଇଛନ୍ତି । ବାଦଲ ଫାଟିବା ପରେ ପାଣି ଅମରନାଥ ଗୁମ୍ଫା ନିକଟରେ ଥିବା ଟେଣ୍ଟକୁ ଧୋଇନେଇଥିଲା । ଏଥିରେ ଭକ୍ତମାନେ ଆଶ୍ରୟ ନେଇଥିଲେ । ଏହାପରେ ଅମରନାଥ ଦର୍ଶନରେ ଯାଇଥିବା ଭକ୍ତଙ୍କ ମଧ୍ୟରେ ହାହାକାର ସୃଷ୍ଟି ହୋଇଥିଲା । ବାଦଲ ଫଟା ବର୍ଷା ଯୋଗୁଁ ଅନେକ ଭାସିଯାଇଥିଲେ । ଅମରନାଥ ଦର୍ଶନ ଆରମ୍ଭ ହେବା ପରେ ପ୍ରାୟ ୮ରୁ ୧୦ ହଜାର ଲୋକ ଦର୍ଶନ ପାଇଁ ଯାଇଛନ୍ତି । ଅମରନାଥଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି । ତେବେ ପାଗ ଖରାପ ଥିବାରୁ ଉଦ୍ଧାର କାମ ବାଧାପ୍ରାପ୍ତ ହୋଇଛି । ଏହାଛଡା ସେଠାକାର ଭୌଗଳିକ ସ୍ଥିତି ଓ ଉଚ୍ଚତା ଯୋଗୁଁ ଉଦ୍ଧାରକାରୀ ଟିମ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ପ୍ରବଳ ପାଣି ଯୋଗୁଁ ୩୦ରୁ ୪୦ ଟେଂଟ ଭାସିଯାଇଥିବା ଅନୁମାନ କରାଯାଉଛି । ହଠାତ ବାଦଲ ଫାଟିବା ଯୋଗୁଁ ପଣିର ପ୍ରକୋପ ବଢିଯାଇଥିଲା ▶▶ପୃଷ୍ଠା ୭

# ରାଜ୍ୟରେ ବଢ଼ିଲା ସଂକ୍ରମଣ : ଦୈନିକ ସଂକ୍ରମଣ ୫୦୦ ମୁହାଁ



ଭୁବନେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟରେ ବଢ଼ିଲା ସଂକ୍ରମଣ । ଦୈନିକ ସଂକ୍ରମଣ ୫୦୦ ମୁହାଁ । ୨୪ ଘଣ୍ଟାରେ ୪୭୦ ଆକ୍ରାନ୍ତ ଚିହ୍ନଟ ହୋଇଛି । ୧୮ବର୍ଷରୁ କମ୍ ବର୍ଷର ୪୯ ଜଣ ଚିହ୍ନଟ ହୋଇଛନ୍ତି । ସଙ୍ଗରୋଧରୁ ୨୭୬ ଏବଂ ସ୍ଥାନୀୟ ଅଞ୍ଚଳରୁ ୧୯୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚିନ୍ତା ବଢ଼ାଇଲେ ଖୋର୍ଦ୍ଧା, କଟକ । ଏହି ଦୁଇ ଜିଲ୍ଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଖୋର୍ଦ୍ଧାରୁ ୨୨୧ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କଟକରୁ ୯୪ ଚିହ୍ନଟ । ସେହିପରି ବାଲେଶ୍ୱରରୁ ୯, ଭଦ୍ରକ ୧, ଗଜପତି ୧, ଗଞ୍ଜାମ ୪, ଜଗତସିଂହପୁର ୭, ଯାଜପୁର ୪, ଝାରସୁଗୁଡା ୧, କେନ୍ଦ୍ରାପଡା ୨, କେନ୍ଦୁଝର ୩, ମୟୂରଭଞ୍ଜ ୭, ନୟାଗଡ ୪, ନୂଆପଡା ୫, ପୁରୀ ୧୭, ରାୟଗଡା ୧, ସମ୍ବଲପୁର ୯, ସୋନପୁର ୪, ସୁନ୍ଦରଗଡ ୨୪ ଓ ଷ୍ଟେଟପୋଲରୁ ୫୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେବେ ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୪୮୭ ରେ ପହଞ୍ଚିଲାଣି ।

## ଭିଜିଲାନ୍ସ ଜାଲରେ ରରୁଆଁ ତହସିଲଦାର ଓ ଅମିନ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଜମି ପଟ୍ଟା କରିବା ପାଇଁ ଲାଂଚ ନେଉଥିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ତହସିଲର ତହସିଲଦାର ସତ୍ୟ ସୁନ୍ଦର ରାଉତ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି । ତାଙ୍କ ସହ ଅମିନ କମଳ ଲୋଚନ ପାତ୍ର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି । ଜମି ପଟ୍ଟା କରିଦେବା ପାଇଁ ଭଞ୍ଜକିଆର ଚକ୍ରଧର ମହାନ୍ତଙ୍କ ଠାରୁ ୧୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଛି । ମୋଟ ୪୦ ହଜାର ଟଙ୍କା କଥାବାର୍ତା ହେଇଥିବା ବେଳେ ପୂର୍ବରୁ ୨୫ ହଜାର ଟଙ୍କା ଅମିନ କମଳ ପାତ୍ରଙ୍କ ଜରିଆରେ ନେଇଥିଲେ । ଆଜି ବାକି ୧୫ ହଜାର ଟଙ୍କା ନେଲାବେଳେ ଭିଜିଲାନ୍ସ ମାଡି ବସିଥିଲା । ଏହାପରେ ଶ୍ରୀ ରାଉତ ଏବଂ ଶ୍ରୀ ପାତ୍ରଙ୍କ ସମ୍ପତି ଯାଂଚ କରାଯାଉଛି । ତହସିଲଦାର ସତ୍ୟସୁନ୍ଦରଙ୍କ ୪ଟି ସ୍ଥାନରେ ଏବଂ ଅମିନ କମଳଲୋଚନଙ୍କ ଗୋଟିଏ ଜାଗାରେ ଚଢ଼ଉ ଜାରୀ ରହିଛି । ଚଢ଼ଉ ଚାଲିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏନେଇ ବାଲେଶ୍ୱର ଭିଜିଲାନ୍ସ କେସ୍ ନଂ ୧୯/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

# ଚିଲିକା ମଝିରେ ଫସିଲା ଯାତ୍ରୀବାହୀ ଭସାପୋଲ : ଫସି ରହିଛନ୍ତି ୧୦୦ରୁ ଅଧିକ ଯାତ୍ରୀ



ଭୁବନେଶ୍ୱର,୦୮/୦୭ (ନି.ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା-ସାତପଡ଼ା ଚିଲିକା ମଝିରେ ଫସି ରହିଛି ଯାତ୍ରୀବାହୀ ଭସାପୋଲ । ଭସାପୋଲ ଉପରେ ଫସିଛନ୍ତି ୧୦୦ରୁ ଅଧିକ ଯାତ୍ରୀ । ଚିଲିକାରେ ପାଣି କମ ଥିବାରୁ ଜହ୍ନିକୁଦା ଘାଟ ଠାରୁ ମାତ୍ର ତିନି ଶହ ମିଟିର ଦୂର ଚିଲିକା ମଝିରେ ଯାତ୍ରୀବାହୀ ଭସାପୋଲ ଫସିଥିବା ସୂଚନା ମିଳିଛି । ଭସାପୋଲଟି ଜହ୍ନିକୁଦା ଘାଟ ଠାରୁ ୧୦୦ ଜଣ ଯାତ୍ରୀ ସହ ଦୁଇଟି ବୋଲେରୋ ଏବଂ ୨୦ଟି ବାଇକ ସହ ୧୦୦ ରୁ ଅଧିକ ଯାତ୍ରୀ ନେଇ ସାତପଡା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଭସାପୋଲ ଚ୍ୟାନେଲ ବାହାରକୁ ଯିବା ଫଳରେ ଫସି ରହିଛି । ଯାତ୍ରୀବାହୀ ଭସାପୋଲ ଚିଲିକା ମଝିରେ ଅଟକି ରହିଛି । ଖବର ପାଇ ସ୍ଥାନୀୟ ମସ୍ୟଜୀବୀ ଫସିଥିବା ଯାତ୍ରୀ ମାନଙ୍କୁ ଉଦ୍ଧାର କରିବା ପାଇଁ ପହଞ୍ଚିଛନ୍ତି ।

# ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱର ଶ୍ରେୟ ନେବାକୁ ବିଜେଡି-ବିଜେପି ପ୍ରତିଯୋଗିତା



ନୂଆଦିଲ୍ଲୀ, ୦୮/୦୭ : ଆଜି ଓଡିଶା ଆସି ବିଜେପି ଓ ବିଜେଡିର ସମର୍ଥନ ଲୋଡିଛନ୍ତି ଦ୍ରୌପଦୀ ମୁର୍ମୁ । ସେ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଅର୍ଥାତ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ସାମୁଖ୍ୟର ପ୍ରାର୍ଥୀ । ଯେଉଁ ସାମୁଖ୍ୟରେ ବିଜେଡି ନାହିଁ । ଏପରିକି ଓଡିଶାରେ ବିଜେପି ପ୍ରମୁଖ ବିରୋଧୀ ଦଳ । ଶାସକ ଦଳ ହିସାବରେ ବିଜେଡିର ସିଧାସଳଖ ଲଢେଇ ବିଜେପି ସହିତ । ହେଲେ ଆଜି ଦିନଯାକର ଚିତ୍ର ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ନେଇ ଏକ ଦ୍ୱନ୍ଦାତ୍ମକ ସ୍ଥିତି ତିଆରି କରିଛି । ପ୍ରକୃତରେ ଦ୍ରୌପଦୀ ମୁର୍ମୁ କାହାର ପ୍ରାର୍ଥୀ ? ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିଛି ବିଜେପି । ଦଳର ବିଧାୟକ, ସାଂସଦ, ନେତା ଓ କର୍ମୀମାନେ ବାଜା ବଜାଇ ସଂକୀର୍ତନ କରି ତାଙ୍କୁ ପାଛୋଟି ନେଇଛନ୍ତି । ସେପଟେ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଜେଡି ବିଧାୟକ, ସାଂସଦ ଓ ନେତା ମଧ୍ୟ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି । ତେବେ ଦ୍ରୌପଦୀଙ୍କ ପ୍ରାର୍ଥୀତ୍ୱକୁ ନେଇ ଶ୍ରେୟ ରାଜନୀତି ଏତିକିରେ ସରିନଥିଲା । ପୁଣି ବିଜେପି ତାଙ୍କୁ ନେଇ ଷ୍ଟେଟ ଗେଷ୍ଟହାଉସରେ ସମ୍ବର୍ଦ୍ଧନା ପର୍ବର ଆୟୋଜନ କରିଥିଲା । ଆଉ ଦ୍ରୌପଦୀ, ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଏକାଠି ମଧ୍ୟାହ୍ନ ଭୋଜନ କରିବାର ଦୃଶ୍ୟ ଭିନ୍ନ ବାର୍ତା ଦେଇଛି । କେବେ ରାଜ୍ୟମନ୍ତ୍ରୀ ତ ଆଉକେବେ ଝାଡଖଣ୍ଡ ରାଜ୍ୟପାଳ ଭାବେ ଦିଲ୍ଲୀରୁ ଆସି ଓଡିଶାରେ ପହଞ୍ଚିଥିବେ ଦ୍ରୌପଦୀ ମୁର୍ମୁ । ହେଲେ ଏଥର ତାଙ୍କର ଭୂମିକା ଭିନ୍ନ ଏବଂ ଓଡିଶା ଆସିବାର ଉଦ୍ଦେଶ୍ୟ ମଧ୍ୟ ଭିନ୍ନ । ତେଣୁ ଏହିଭଳି ଭବ୍ୟ ସ୍ୱାଗତ କରିଛନ୍ତି ବିଜେପି ବିଧାୟକ, ସାଂସଦ, ନେତା ଓ କର୍ମୀ । ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ବିଜେପି ଓ ବିଜେଡି ବିଧାୟକ, ସାଂସଦଙ୍କ ସମର୍ଥନ ମାଗିବାକୁ ଭୁବନେଶ୍ୱରରେ ପହଞ୍ଚିଥିଲେ ଦ୍ରୌପଦୀ । ଆଉ ତାଙ୍କୁ ବାଜା ବଜାଇ, ସଂକୀର୍ତନ କରି ବିମାନବନ୍ଦରରୁ ଷ୍ଟେଟ୍ ଗେଷ୍ଟହାଉସ ଯାଏଁ ପାଛୋଟି ନେଇଥିଲା ବିଜେପି । ଓଡିଶା ଇତିହାସରେ ପୂର୍ବରୁ କେବେ ଏମିତି ଦୃଶ୍ୟ ଦେଖିବାକୁ ମିଳିନଥିଲା । ଏନଡିଏର ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଓଡିଶାର ଶାସକ ଦଳ ବିଜେଡି, ଯେଉଁ ଦଳ ▶▶ପୃଷ୍ଠା ୭

# ୫ ଦିନ ଯାଏଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୮/୦୭ (ନି.ପ୍ର): ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଦକ୍ଷିଣ ଓଡିଶା ଏବଂ ଉତର ଆନ୍ଧ୍ର ସମୁଦ୍ର ଅଞ୍ଚଳରେ ଆଜି ମଧ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ବାୟୁମଣ୍ଡଳରେ ୭.୬କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଓ ବଜ୍ରପାତ ଜାରି ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୪ ଜିଲ୍ଲାକୁ ଅରେଂଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ , ଗଂଜାମ , ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ▶▶ପୃଷ୍ଠା ୭

# ରାଗିଙ୍ଗ ଉପରେ ରୋକ୍ ଲଗାଇବା ନିମନ୍ତେ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

ଝାରସୁଗୁଡ଼ା,୮/୦୭ (ନି.ପ୍ର): ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ ମାନଙ୍କରେ ରାଗିଙ୍ଗ ଉପରେ ରୋକ ଲଗାଇବା ନିମନ୍ତେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଜି ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲାର ସମସ୍ତ ଯୁକ୍ତ ଦୁଇ, ଯୁକ୍ତ ତିନି ମହାବିଦ୍ୟାଳୟ ସମେତ ସମସ୍ତ ଯାନ୍ତ୍ରିକ ବିଦ୍ୟାଳୟ, ଆଇ.ଟି.ଆଇ., ନର୍ସିଂ ସ୍କୁଲ ଓ ଘରୋଇ ବିଦ୍ୟାଳୟ ମାନଙ୍କ ଅଧ୍ୟକ୍ଷ ଅଧ୍ୟକ୍ଷାମାନଙ୍କୁ ଆଂଟିରାଗିଙ୍ଗ ସ୍କ୍ୱାର୍ଡ ଓ ଇଂଟରନାଲ କମ୍ପ୍ଲେନ କମିଟି ଗଠନ ସମ୍ପର୍କରେ ପଚାରି ବୁଝିବା ସହ ରାଗିଙ୍ଗ ସମ୍ପର୍କିତ ଘଟଣାର ତୁରନ୍ତ ଅନୁସନ୍ଧାନ କରିବା ଓ ଏ ଦିଗରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଶିକ୍ଷାୟତନ ପରିସରରେ ଶୈକ୍ଷିକ ବାତାବରଣ ସଠିକ ଭାବରେ ପରିଚାଳନା କରିବା ଏବଂ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ପାଇଁ ଯତ୍ନବାନ ହେବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଛାତ୍ରାବାସ ଦାୟିତ୍ୱରେ ରହୁଥିବା ଅଧ୍ୟକ୍ଷ, ୱାର୍ଡେନ ଛାତ୍ରାବାସ ନିକଟରେ ରହିବା ଓ ପ୍ରତ୍ୟହ ଦୁଇ ଥର ଛାତ୍ରାବାସ ପରିଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ । ଶାରୀରିକ ଓ ମାନସିକ ସ୍ତରରେ ରାଗିଙ୍ଗର ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ କାଉନସେଲିଂ ମାଧ୍ୟମରେ ସଚେତନ କରାଇବା ସହ ରାଗିଙ୍ଗରେ ସମ୍ପୃକ୍ତ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍ଦିଷ୍ଟ ଦଣ୍ଡ ବିଧାନ ସମ୍ପର୍କରେ ସତର୍କ କରାଇବାକୁ ଜିଲ୍ଲାପାଳ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ପ୍ରକଳ୍ପ ନିର୍ଦ୍ଦେଶକ ( ପୁନର୍ବାସ ଓ ଥଇଥାନ ) ଆଲୋମଣି ସେଠୀ, ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ, ଡେପୁଟି କଲେକ୍ଟର ଯୋଗେନ୍ଦ୍ର ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପଲତା ମିଞ୍ଜ, ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଧ୍ୟକ୍ଷ ଡି. ଖୁରା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଲିଆପାଲି ସ୍କୁଲରେ ବନ ମହୋତ୍ସବ

ବଲାଙ୍ଗିର ,୮/୦୭ (ନି.ପ୍ର): ଆଜି ଆଗଲପୁର ବ୍ଲକ୍ ଅନ୍ତର୍ଗତ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବ ଓ ଜୁନିୟର ରେଡକ୍ରସ୍ ଶାଖା ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଦୁର୍ଯ୍ୟୋଧନ ପଶାୟତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସଭା କାର୍ଯ୍ୟରେ ବନ ମହୋତ୍ସବର ଗୁରୁତ୍ୱ, ପରିବେଶ ସୁରକ୍ଷା, ବ୍ୟାପକ ମାତ୍ରାରେ ସ୍କୁଲ ଓ ଗାଁ ଚାରିପାଖରେ ବହୁଳ ମାତ୍ରାରେ ଗଛ ଲଗାଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବକଟି କ୍ଲଷ୍ଟର ସିଆରସିସି ଜ୍ୟୋତିର୍ମୟ ମିଶ୍ର ମୁଖ୍ୟ ଅତିଥି ଓ ୱାର୍ଡ ସଭ୍ୟ ବିଘ୍ନେଶ୍ୱର କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସ୍କୁଲ ପରିସରରେ ନିମ୍ବ, ଶାଗୁଆନ, ଶାଳ, ପଣସ, କାଜୁ ଇତ୍ୟାଦି ପ୍ରାୟ ୩୦ ଗୋଟି ଚାରା ରୋପଣ କାରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦଶରଥ ପଟେଲ, ଧିରେନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ପାଇକଚନ୍ଦନ ଏବଂ ରେଡ୍‌କ୍ରସ୍ ଶାଖାର ବିଦ୍ୟାର୍ଥୀ ସୁମି ସାହୁ, ମାନସୀ ବରିହା, ରିମା ପଧାନ, କଲ୍ୟାଣୀ ଭୋଇ, ସୁଶାନ୍ତ ମୁଣ୍ଡା, ସୌମ୍ୟରଞ୍ଜନ ସେଠ୍, ସୁଜିତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସଭାପତି ଭାବେ ନଗେନ୍ଦ୍ର ବିଶ୍ୱାଳ ନିର୍ବାଚିତ




ବାସୁଦେବପୁର,୮/୦୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅରଣ୍ଡୁଆ ଗ୍ରାମର ନିକଟତମ ପ୍ରତିଦ୍ୱନ୍ଦୀ ରଶ୍ମିତା ନାୟକ ଙ୍କୁ ହରାଇ ଶ୍ରୀ ନଗେନ୍ଦ୍ର ବିଶ୍ୱାଳ ୧୫ ରୁ ୮ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଓ ପ୍ରିଜାଇଡିଂ ଅଫିସର ସମସ୍ତ ଦାୟିତ୍ୱ ଠିକ ଭାବେ ତୁଲାଇଥିଲେ । ଅତୀତରେ ମଧ ଶ୍ରୀ ବିଶ୍ୱାଳ ବରଣ୍ଡୁଆ ସୋସାଇଟି ରେ ସଭାପତି ଥିଲେ । ଆଗାମୀ ଦିନରେ ଚାଷୀ ମାନଙ୍କ ର ଧାନ ଠିକ ଭାବେ ସୋସାଇଟି ମାଧ୍ୟମରେ ବିକ୍ରି ହେବ ଓ ଆମେ ଚାଷୀ ମାନଙ୍କ ର ସମସ୍ୟା କୁ ସମାଧାନ କରି ତାଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବୁ ବୋଲି ନଗେନ୍ଦ୍ର ବିଶ୍ୱାଳ ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଥିଲେ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଙ୍କ ସହଯୋଗ ରେ ବର୍ତ୍ତମାନ ଶ୍ରୀ ବିଶ୍ୱାଳ ବାସୁଦେବପୁର ବ୍ଲକର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ବିଜୁ ଜନତା ଦଳର ଜଣେ ଟାଣୁଆ ନେତା ଭାବେ ତାଙ୍କର ପରିଚୟ ରହିଛି । ସଭାପତି ଭାବେ ଶ୍ରୀ ବିଶ୍ୱାଳ ଜିତିବା ପରେ ମାନ୍ୟବର ବିଧାୟକ, ସାଂସଦ,ବରଣ୍ଡୁଆ, ନରସିଂହପୁର, ଆରୁହା , ଅରଣ୍ଡୁଆ ପଂଚାୟତ ର ଗ୍ରାମବାସୀ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଭାବ ପ୍ରବଣତା ନୁହେଁ କର୍ମ ପ୍ରବଣତା ହିଁ ସ୍ୱଚ୍ଛତାକୁ ଆଗେଇ ନେବ

ବଲାଙ୍ଗିର,୮/୦୭ (ନି.ପ୍ର): ସୁବର୍ଣ୍ଣପୁର ପୌର ପ୍ରଶାସନ ଓ ଜ଼ିଲ୍ଲା ପ୍ରଶାସନ ସ୍ୱଚ୍ଛତା କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର ପ୍ରସାର କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଘନ ଘନ ବୈଠକ ଓ ପ୍ରସ୍ତୁତି କରୁଛନ୍ତି । କିନ୍ତୁ ବାସ୍ତବରେ ବେଳେ ବେଳେ କେତେକ ଜାଗାରେ ତାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଆଉ ଭାବ ପ୍ରବଣତା ନୁହେଁ କର୍ମ ପ୍ରବଣତା ଓ ସାମାଜିକ ପ୍ରତିବଦ୍ଧତାରେ ହିଁ ଜ଼ିଲ୍ଲାରେ କ୍ଲିନ ସୁବର୍ଣ୍ଣପୁର ସ୍ୱଚ୍ଛତା ଅଭିଯାନକୁ ଆଗେଇ ନେବ ଓ ସମସ୍ତ କ୍ଷେତ୍ରରେ ସଫଳତା ଦେବ । ତାହେଲେ ଯାଇ ଗାନ୍ଧିଜୀଙ୍କ ଆହ୍ୱାନକୁ ସଫଳ କରିହେବ । ଆଉ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେଭଳି ଏକ ଉଦାହରଣ ସାଜିଛନ୍ତି ସୁବର୍ଣ୍ଣପୁରର ପୋଲିସ ତଥା ସ୍ୱଚ୍ଛ ଭାରତର ଆଗଧାଡିର ଯୋଦ୍ଧା ମନୋଜ ପଣ୍ଡା । ବର୍ତ୍ତମାନ ସେ ସୁବର୍ଣ୍ଣପୁର ଜ଼ିଲ୍ଲା ତରଭା ରଥ ଯାତ୍ରାରେ ମହାପ୍ରଭୁ ଓ ଲୋକଙ୍କ ସୁରକ୍ଷା ପୋଲିସ ଡିଉଟି ସାଙ୍ଗେ ସାଙ୍ଗେ କିଛି ସମୟ ବାହାର କରି ସହରର ସ୍ୱଚ୍ଛତା କ୍ଷେତ୍ରରେ କିଛି ସୁଧାର ଆଣିବାକୁ ଅଣ୍ଟା ଭିଡ଼ିଛନ୍ତି । ଗତ ୩ ତାରିଖରେ ତରଭା ଠାରେ ଅନୁଷ୍ଠିତ ମେଗା ସ୍ୱାସ୍ଥ୍ୟ ମେଳା ଓ ପଲିଥିନ ମୁକ୍ତ ସଚେତନତା ଅଭିଯାନରେ ସ୍ୱଚ୍ଛ ଭାରତ ସଂଗଠନ ସହିତ ଶ୍ରୀ ପଣ୍ଡା ସମସ୍ତ ସହଯୋଗ କରି ଆସିଥିବା ବେଳେ ଗତ ୫ ତାରିଖରେ ସହରର ଏକ ମାତ୍ର ତରଭା କଲେଜ ଖେଳ ପଡିଆ ଠାରେ ପଚାଷଢା କୁଢ଼ କୁଢ଼ ଅଳିଆ ଆବର୍ଜନା ଓ ପଲିଥିନ ଜମା ହୋଇଥିବା ଦୃଶ୍ୟକୁ ଦେଖି ସେ ଆଶ୍ଚର୍ଯ୍ୟ ଓ ବିଚଳିତ ହୋଇଯାଇଥିଲେ । ଏବଂ ଫଟୋ ଉଠାଇ ସ୍ଥାନୀୟ ଏନଏସି କର୍ତ୍ତୃପକ୍ଷ ଓ ସାନିଟାରୀ ଇନ୍ସପେକ୍ଟର ଅଜୟ ସ୍ୱାଇଁଙ୍କ ନଜରକୁ ଆଣି ତୁରନ୍ତ ସେଇ ଜାଗାରୁ ପଲିଥିନ ଓ ଆବର୍ଜନା ସବୁକୁ ସଫା କରିବାକୁ ପ୍ରଥମେ ଅଫିସ ରେ ରିପୋର୍ଟ କଲା ପରେ କେହି ଶୁଣି ନ ଥିଲେ । ପରେ ପୁଣି ଶ୍ରୀ ସ୍ୱାଇଁଙ୍କୁ ଅନୁରୋଧ କରି ଥିଲେ, ଆଉ ଏଥିରେ ଅବହେଳା କଲେ ଜ଼ିଲ୍ଲାପାଳଙ୍କୁ ଏ ଦୃଶ୍ୟ ଟୁଇଟ ମାଧ୍ୟମରେ ଜଣାବାକୁ କହିଥିଲେ । ତାପରେ ଶ୍ରୀ ପଣ୍ଡା ଏନଏସିର ସହମତି ପରେ ସ୍ୱଚ୍ଛ ସାଥୀ ସୁପରଭାଇଜର ସନ୍ଧ୍ୟାରାଣୀ ସେଠିଙ୍କ ନେତୃତ୍ୱରେ ସ୍ୱଚ୍ଛ ସାଥୀ କଳ୍ପନା ସରଭଙ୍ଗ, ଅହଲ୍ୟା ତାଣ୍ଡି, ଚପଳା ତାଣ୍ଡି, ପିଙ୍କି ପଣ୍ଡା ଓ ମାଙ୍ଗେଲାଲ ଆଗ୍ରୱାଲାଙ୍କ ସହିତ କିଛି ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଗତ ମଙ୍ଗଳବାର ଅପରାହ୍ନରୁ ରାତି ଭିତରେ ହିଁ ସମସ୍ତ ଆବର୍ଜନାକୁ ସଫେଇ କରିବାରେ ସଫଳ ହୋଇଥିଲେ । ନିଜେ ବି ସହଯୋଗ କରିଥିଲେ ଓ ପଡିଆରେ ଥିବା ମୀନା ବଜାରର ପ୍ରତ୍ୟେକ ଷ୍ଟଲ କୁ ଶ୍ରୀ ପଣ୍ଡା, ଏନଏସି କର୍ମକର୍ତ୍ତା ଓ ସ୍ୱଚ୍ଛ ସାଥୀ ମାନେ ବୁଲି ବୁଲି ଦୋକାନୀଙ୍କୁ ଗ୍ରାହକଙ୍କୁ ପଲିଥିନ ପଡିଆରେ ନ ପକାଇ ଡଷ୍ଟବିନରେ ପକାଇବାକୁ ସାମୁହିକ ସଚେତନ କରାଇଥିଲେ । ଏବଂ ଆଗାମୀ ଦିନରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିବାକୁ ଏନଏସି କର୍ତ୍ତୃପକ୍ଷ କିଛି ସମାଜସେବୀଙ୍କ ସମେତ ତରଭା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ମଧ୍ୟ ଦୃଢ଼ ପ୍ରତିଶୃତି ଦେଇ ଶ୍ରୀ ପଣ୍ଡାଙ୍କୁ ଉତ୍ସାହିତ କରିଥିଲେ । କେବଳ ମନୋଜ ନୁହେଁ ସ୍ୱଚ୍ଛ ଭାରତର ସମସ୍ତ ସଭ୍ୟଙ୍କୁ ଜ଼ିଲ୍ଲାପାଳ, ଏସପି ଓ ଅନ୍ୟ ସମସ୍ତ ପ୍ରଶାସକ ମାନେ ଏ ଦିଗରେ କାମ ଜାରି ରଖିବାକୁ ସବୁବେଳେ ଉତ୍ସାହିତ କରୁଛନ୍ତି, ସାହସ ଦେଇଛନ୍ତି । ସୋନପୁର, ବୌଦ୍ଧ ଉଭୟ ଜ଼ିଲ୍ଲାର ବିଭିନ୍ନ ଅଂଚଳରେ ପରିବେଶ ସ୍ୱଚ୍ଛତା ପ୍ରତି ଯତ୍ନବାନ ରହି ଏବେ ଆତ୍ମ ବିଶ୍ୱାସର ସହିତ ସ୍ୱଚ୍ଛ ଓ ପରିବେଶ ସଚେତନତା କାର୍ଯ୍ୟ କରୁଛନ୍ତି । ଗତ ସପ୍ତାହରେ ତରଭା ମାହେଶ୍ୱରୀ ଓ ସୋନପୁର ସ୍ୱଚ୍ଛ ଭାରତ ସଂଗଠନର କିଛି କର୍ମକର୍ତ୍ତାଙ୍କ ସହିତ ଜ଼ିଲ୍ଲାପାଳ ଅବୋଲି ସୁନୀଲ ନର୍ଭଣେ ଏହି ସ୍ୱଚ୍ଛତା ଓ କ୍ଲିନ ସୋନପୁର ଅଭିଯାନ ଉପରେ କିଛି ଜରୁରୀ ଆଲୋଚନା କରି ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଇ ଜ଼ିଲ୍ଲା ସାରା ଲୋକଙ୍କୁ ସଚେତନ କରାଇବାକୁ ଉତ୍ସାହିତ କରିଥିଲେ । ସାର ଜଣେ ଦୁଇ ଜଣ ଲୋକ ଆପଣ ଚାହିଁଲେ ଆମ ସହର ଓ ଜ଼ିଲ୍ଲା କଣ ସ୍ୱଚ୍ଛ ହୋଇଯିବ ? ସରକାର ପଲିଥିନ ଫେକ୍ଟ୍ରି ବନ୍ଦ କରିଦେଲେ ଆପେ ଏହାର ସମାଧାନ ହୋଇଯିବ ବୋଲି ତରଭା ଠାରେ ଜଣେ ଚା ଦୋକାନୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପଣ୍ଡା କହିଥିଲେ ଯେ, ଭାରତ ଦେଶର ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧୀ ଆଗେ ଏକା ଲଢ଼ିଥିଲେ ଅନେକ ସମାଲୋଚିତ ହୋଇଥିଲେ । ପରେ ପରେ ଏ ଅଭିଯାନ ଆରମ୍ଭ କରି ପର୍ଯ୍ୟାୟ କ୍ରମେ ଦେଶ ସାରା ଲୋକଙ୍କୁ ସେଇ ଆନ୍ଦୋଳନରେ ଯୋଡିଥିଲେ ଆଉ ସଫଳ ବି ହୋଇଥିଲେ । ଠିକ ସେଭଳି ତରଭା ର ଏହି ସ୍ୱଟ ଏକ୍ସନ ବା ସ୍ୱଟ ସମାଧାନ ମାଧ୍ୟମରେ କର୍ମ ପ୍ରବଣତା ଓ ସାମାଜିକ ପ୍ରତିବଦ୍ଧତାର ଏକ ଝଲକ ବା ଉଦାହରଣ ଦେଇଛନ୍ତି ଶ୍ରୀ ପଣ୍ଡା ଏବଂ ସମାଜ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଉତ୍ସାହିତ କରିଛନ୍ତି ।

# ଡେଙ୍ଗ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ବଲାଙ୍ଗିର,୮/୦୭ (ନି.ପ୍ର): ସଇଁତଲା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଡେଙ୍ଗ ଠାରେ ଅମରାବତୀ ଇକୋ କ୍ଲବ ଓ ଜୁନିୟର ରେଡକ୍ରସ ର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱ ଓ ପ୍ରକୃତିବନ୍ଧୁ ଶିକ୍ଷକ ତଥା ଜୁନିୟର ରେଡକ୍ରସ କାଉନସିଲର ରାମ ନାରାୟଣ ଦାଶଙ୍କର ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଡେଙ୍ଗ ପଂଚାୟତର ସରପଂଚ ଇତିଶ୍ରୀ ସାହୁ ଓ ମୁଖ୍ୟବକ୍ତା ଭାବରେ ସଇଁତଲା ବନପାଳ ଆଶୁତୋଷ ମହାକୁର ଯୋଗଦାନ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବରେ ସ୍ୱେଚ୍ଛାସେବୀ ଟିକେଶ୍ୱର ସାହୁ, ବନରକ୍ଷୀ ସତ୍ୟାନନ୍ଦ ପଧାନ, ନମିତା ତାଣ୍ଡି, ପାରା ଫରେଷ୍ଟର ଷ୍ଟାଫ ସୁରେଶ ବଗର୍ତି ପ୍ରମୁଖ ଉପସ୍ଥିତ ଥିଲେ । ଗଛ ବିନା ସୃଷ୍ଟି ଅସମ୍ଭବ । ତେଣୁ ମାନବ ସମାଜକୁ ଗଛର ସୁରକ୍ଷା ନିତାନ୍ତ ଜରୁରି ଅଟେ । ଗଛ ଲଗାଇବା ସଙ୍ଗେ ସଙ୍ଗେ ତାର ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦେବା ଉଚିତ ବୋଲି ଅତିଥି ଗଣ ମତପ୍ରକାଶ କରିଥିଲେ । ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରାରେ ଛାତ୍ର ଛାତ୍ରୀମାନଙ୍କ ସହିତ ଶିକ୍ଷକଗଣ ଗ୍ରାମରେ ଗଛର ଉପକାରିତା ବିଷୟରେ ସଚେତନ କରାଇବା ସହିତ ଚାରା ରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ହିମାଂଶୁ ବିଶ୍ୱାଳ, ଶିକ୍ଷୟିତ୍ରୀ ରେଣୁକା ସାହୁ, ଗାୟତ୍ରି ବାରିକ, ଦ୍ରୋପଦୀ ଭୋଇ, କାନ୍ତୀ ଭୋଇ ତଥା ଗ୍ରାମବାସୀ ବିଶେଷ ଭାବରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଲିଙ୍ଗରାଜ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମେହେର ପରିଚାଳନା ଓ ଶିକ୍ଷକ ସୁଦର୍ଶନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଟ୍ରିକ ପରୀକ୍ଷାରେ ଗୁରୁକୁଳ ସ୍କୁଲର ସଫଳତା

କେନ୍ଦ୍ରାପଡ଼ା,୮/୦୭ (ନି.ପ୍ର): ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦ୍ରାପଡ଼ା ବ୍ଲକ ଅଧିନ ଗରାପୁର ସ୍ଥିତ ଗୁରୁକୁଳ ଆବାସିକ ଶିକ୍ଷା ନିକେତନର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉନ୍ନିତ ହେବାର ଗୌରବ ଅର୍ଜନ କରିଛନ୍ତି । ଛାତ୍ରୀ ସେହ୍ନଲତା ସାମଲ ସର୍ବୋଚ୍ଚ ୫୬୪ ନମ୍ବର ରଖିଥିବାବେଳେ ମୋନାଲିସା ସେଠୀ ୫୪୦, ଜୟଶ୍ରୀ ନାୟକ ୫୩୭, ସୂର୍ଯକାନ୍ତ ଦାସ ୫୩୩, ନନ୍ଦିତା ପ୍ରିୟଦର୍ଶିନୀ ୫୩୦, ବିକାଶ ବାରିକ ୫୧୫, ଚିନ୍ମୟୀ କର ୫୧୨, ବୁଦ୍ଧଦେବ ବସୁ ୫୦୫, ଆଶିଷ ବିଶ୍ୱାଳ ଓ ପ୍ରୟଙ୍କା ମଣ୍ଡଳ ୫୦୪ ନମ୍ବର ରଖି ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ସ୍କୁଲର ଏହି ସଫଳତା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଅଭିମନ୍ୟୁ ଗୋଛାୟତଙ୍କ ସହ ଶିକ୍ଷକ ଚିତରଞ୍ଜନ ଆଚାର୍ଯ୍ୟ, ଖଗେଶ୍ୱର କର, ସନ୍ତୋଷ ମିଶ୍ର, ସାରଦା ପ୍ରସନ୍ନ ନନ୍ଦ, ପ୍ରମୋଦ ସିଂହ, ପ୍ରମୋଦ କୁମାର ସାହୁ, ବଳରାମ ଦାସ, ଉଷାରାଣୀ ଭୂୟାଁ, ବେବିଲିନ ସାହୁ, ପ୍ରଶାନ୍ତ ସେଠୀ, ବଳରାମ ବେହେରା, ତପମ ଦଲାଲ, ବିଜୟ ମଲିକ ପ୍ରମୁଖଙ୍କ ସମେତ ଅବିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ଖଡ଼ିଆଲରେ ବନ ମହୋତ୍ସବ ସପ୍ତାହ ପାଳନ

ନୂଆପଡ଼ା,୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଲ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ନିମ୍ବ , ଦେବଦାରୁ, ଅଁଳା ଆଦି ଚାରା ରୋପଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ସମେତ ଇକୋ କ୍ଲବ ଇନଚାର୍ଜ ରତନ ସିଂହ ବାରିକ, ଏନ୍.ସି.ସି. ଅଫିସର ଅକ୍ଷୟ କୁମାର ରଥ, ବକ୍ସି ଜଗବନ୍ଧୁ ସ୍କାଉଟ୍ ଟ୍ରୁପର ସ୍କାଉଟ୍ ମାଷ୍ଟର ଅଶୋକ କୁମାର ବେହେରା, ଆର୍ତତ୍ରାଣ ସାହିତ୍ୟ ସଂସଦ ତଥା ଲିଗାଲ ଲିଟ୍ରେସି କ୍ଲବ ଇନଚାର୍ଜ ଗୌରାଙ୍ଗ କୁମାର ସାହୁ, ଶିକ୍ଷକ ସୁର ବିଜୟକାନ୍ତ ତାଣ୍ଡି, ଗୌରୀଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର, ପ୍ରଭୁଦତ ପୁରୋହିତ, ଶ୍ୟାମ ନାରାୟଣ ମୁଣ୍ଡ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ସରସ୍ୱତୀ ରାଉତ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ପ୍ରତ୍ୟେକ ବିଭାଗର ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ : ବଲାଙ୍ଗିରର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୮/୦୭ (ନି.ପ୍ର): ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ବଲାଙ୍ଗିର ର ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ନୃସିଂହ ମନ୍ଦିର ଠାରେ ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଇଯାଇଛି । ସଭାର ପ୍ରାରମ୍ଭରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଂପାଦକ ମଳିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ ଓ ସଭାରେ ଏହାର ଦୃଢ଼ିକରଣ କରାଯଇଥିଲା । ସଭାରେ ଉପସ୍ଥିତ ନୂତନ ସଭ୍ୟବୃନ୍ଦ ଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ସେମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ତାପରେ ସଂପାଦକ ଶ୍ରୀ ଗଡୁଆ ଆୟ ବ୍ୟୟର ଉପସ୍ଥାପନ କରିଥିଲେ । ଓଡିଶା ରାଜ୍ୟ ସରକାରଙ୍କୁ ୦୧.୦୧.୨୦୨୨ ତାରିଖରୁ ୩% ମହଙ୍ଗା ଭତା ପ୍ରଦାନ କରିବା ନିମିତ ଅନୁରୋଧ କରାଗଲା । ଏତଦ୍ ବ୍ୟତିତ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମେଡିକାଲ ଏଲାଉନ୍ସ ପ୍ରଦାନ କରିବା ନିମିତ ସରକାରଙ୍କ ଅନୁରୋଧ କରାଗଲା । ଆଜିକାର ବୈଠକରେ ଉପସଭାପତି ପର୍ଶୁରାମ ନାୟକ ଓ ପ୍ରଶନ୍ନ କୁମାର ମିଶ୍ର, କାର୍ଯ୍ୟକାରୀ ସଭ୍ୟ ରଘୁନାଥ ମିଶ୍ର, ଜିବନ କୁମାର ତ୍ରିପାଠି, ହରେକୃଷ୍ଣ ପଟେଲ, ପୂର୍ଣ୍ଣଚନ୍ଦ୍ର ଦାସ, ମନୋରଂଜନ ମିଶ୍ର, ଗୋପବନ୍ଧୁ ପୁରୋହିତ, ଉପଦେଷ୍ଟା ସତ୍ୟବନ୍ତ ବେଦବାକ ଏବଂ ସଭ୍ୟ କୃଷ୍ଣଚନ୍ଦ୍ର ନାଥ, ବିନୋଦ ବିହାରୀ ସିଂହ, ନରସିଂହ ରାଓ, ଯୋଗେଶ୍ୱର ପଣ୍ଡା, ବିରଞ୍ଚ ହୋତା ଏବଂ ଲୋକନାଥ ନେପାକ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତି ମତାମତ ପ୍ରଦାନ କରିଥିଲେ । ପରିଶେଷରେ ମନୋରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କ ୯୪ତମ ଜନ୍ମ ଜୟନ୍ତୀ

କେନ୍ଦ୍ରାପଡ଼ା,୮/୦୭ (ନି.ପ୍ର): କେନ୍ଦ୍ରାପଡା ତଥା ରାଜ୍ୟର ଜଶସ୍ୱୀ ରାଜନେତା, ସମବାୟବିତ୍, ବରିଷ୍ଠ ଆଇନଜିବି ତଥା ପୂର୍ବତନ ମନ୍ତ୍ରୀ, ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡାରେ ପାଳିତ ହୋଇଯାଇଛି । ଦିନବନ୍ଧୁ ସାହୁ ଆଇନ ମହା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ଗୁରୁ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ । ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଦିନରେ ଶାସନର ଅବକ୍ଷୟ ଘଟିଲେ ଗାନ୍ଧି ଆଦର୍ଶ ଅପରିହାର୍ଯ୍ୟ । କେନ୍ଦ୍ରାପଡାରେ ରାଜନୈତିକ ବିକାଶ ଘଟିଥିଲେ ମଧ୍ୟ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଭାଗବତ ବାବୁଙ୍କ ଭଳି ନିରବଚ୍ଛିନ୍ନ ଉଦ୍ୟମ ଅପରିହାର୍ଯ୍ୟ ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ସ୍ମୃତିଚାରଣା କରିବା ସହ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଭାଗବତ ବାବୁଙ୍କ ସହିତ ତାଙ୍କ ସଂପର୍କ ଓ ରାଜନୈତିକ କାର୍ଯ୍ୟକଳାପର ସ୍ମୃତିଚାରଣା କରିଥିଲେ । କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟିର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ଭାଗବତ ବାବୁଙ୍କ ସହ ରାଜନୈତିକ ସଂପର୍କର ଅନୁଭୂତି ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ଃ ଅପର୍ଣ୍ଣା ମହାନ୍ତି, ଡ଼ଃ ଅମୀୟ ଜେନା, ଅଧ୍ୟାପକ ତପନ କୁମାର ପତି ପ୍ରମୁଖ କେନ୍ଦ୍ରାପଡା ମହା ବିଦ୍ୟାଳୟର ବିକାଶ ସଂପର୍କରେ ଅବତାରଣା କରି ତହିଁରେ ଭାଗବତ ବାବୁଙ୍କ ଯୋଗଦାନ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଟ୍ରଷ୍ଟି ବସନ୍ତ କୁମାର ସେଠୀ, ଶରତ ବେହୁରା, ଫକିର ଚରଣ ଖଟୁଆ, ଅର୍ବାନ ବ୍ୟାଙ୍କର ଅବସର ପ୍ରାପ୍ତ ଅଧିକାରୀ ସୁଶୀଲ କୁମାର ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଅଲେଖ ଚନ୍ଦ୍ର ଜେନା, ସାମ୍ବାଦିକ ପରିକ୍ଷିତ ପାତ୍ର, ଭଜକୃଷ୍ଣ ରାଉତ, ରାଜେଶ ଦାସ, ହଳଧର ସେଠୀ, ଆଡଭୋକେଟ ହାଡିବନ୍ଧୁ ସିଂହ, ବିଧୂଭୂଷଣ ମହାପାତ୍ର, ମୁକ୍ତାର ଖାନ, ଆକବର ଅଲ୍ଲୀ, ପ୍ରଦୀପ ମହାନ୍ତି, ସ୍ୱାଧିକାର ସଂପାଦକ ଅକ୍ଷୟ କୁମାର ପତି, ଡ଼ଃ ବିଶ୍ୱ ପ୍ରକାଶ କାନୁନଗୋ, ବାବାଜୀ ଧଳ, ବିରେନ କୁମାର ସାହୁ, ଈଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରେଗିଙ୍ଗ୍ ବିପକ୍ଷରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର,୮/୦୭ (ନି.ପ୍ର): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଏନଟି ରେଗିଙ୍ଗ୍ ସେଲ, ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷା ଡ ମନୋରମା ଦେବୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଜୟପୁର ତହସିଲଦାର ପ୍ରଧାନ ଟୁଲିଆମ୍ମା ଯୋଗଦେଇ ସମବେତ ଛାତ୍ରୀ ମାନଙ୍କୁ ରେଗିଙ୍ଗ୍ ର ଦୁଷ୍ପରିଣାମ ଓ ଆଇନଗତ ଦଣ୍ଡାଦେଶ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅଧ୍ୟକ୍ଷା ଡ଼ ମନୋରମା ଦେବୀ ନିଜର ଅଠେଇଶି ବର୍ଷର ଏହି ମହାବିଦ୍ୟାଳୟର କାର୍ଯ୍ୟକାଳ ମଧ୍ୟରେ ଏଭଳି କୌଣସି ସମସ୍ୟା ହୋଇନାହିଁ ଏବଂ ପିଲାମାନେ ଅତ୍ୟନ୍ତ ଶୃଙ୍ଖଳିତ କହିବା ସହ ଭବିଷ୍ୟତରେ ଏକାଗ୍ରତା ସହ ଭଲ ପଢି ଭଲ ମଣିଷ ହେବାପାଇଁ ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଯୁବ ସଂସ୍କାର କାର୍ଯ୍ୟକ୍ରମ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ ମନୋରଞ୍ଜନ ପ୍ରଧାନ ରେଗିଙ୍ଗ୍ ଏକ ମାନସିକ ବିକାର ଏହା ଶିକ୍ଷା ଅନୁଷ୍ଠାନ ଓ ଶିକ୍ଷାର୍ଥୀଙ୍କ ପାଇଁ ଅନୁକୂଳ ନୁହେଁ ବୋଲି କହିବା ସହ ନିୟମିତ ଉପସ୍ଥିତି, କଠୋର ପରିଶ୍ରମ ଓ ଉତମ ଆଚରଣ ଦ୍ୱାରା ସମସ୍ତଙ୍କର ଶ୍ରଦ୍ଧାଭାଜନ ହେବା ଓ ଭଲ କାମ କରି ସମାଜର ମଙ୍ଗଳ କରିବା ଯୁବ ସମାଜର ଧ୍ୟେୟ ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ ।

# ଘର କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

କନ୍ଧମାଳ ,୮/୦୭ (ନି.ପ୍ର): ଫିରିଙ୍ଗିଆ ବ୍ଲକ ଲେଣ୍ଡିରି ଗାଁ ରେ ଆଜି ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି । ଫିରିଙ୍ଗିଆ ବ୍ଲକ ସାଡୀଙ୍ଗିଆ ପଂଚାୟତ ଲେଣ୍ଡ୍ରିଗାଁ ରେ ଜଣେ ବିବାହିତ ମାହିଳା ସକାଳୁ ଘର ପଛପଟେ କାମ କରୁଥିବା ବେଳେ ଘରଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ମୃତ୍ୟୁ ବରଣ କରିଛନ୍ତି । ମୃତ ମହିଳା ଜଣକ ଲେଣ୍ଡ୍ରିଗାଁ ର ରିସୁ କହଁର ଙ୍କ ସ୍ତ୍ରୀ ସତ୍ୟବତୀ କହଁର (୩୨) ବୋଲି ଜଣାପଡିଛି । ତେବେ କିପରି ଭାବରେ ମୃତ ମହିଳା ଜଣକ ବିଦ୍ୟୁତ ତାର ସସ୍ପର୍ଷ ରେ ଆସି ମୃତ୍ୟୁ ବରଣ କଲେ ତାହା ଜଣା ପଡିନଥିବା ବେଳେ ଗୁରୁତର ଅବସ୍ଥା ରେ ପରିବାର ଲୋକ ଗ୍ରାମବାସୀ ଙ୍କ ସହଯୋଗରେ ମହିଳା ଜଣକୁ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମେଡିକାଲ ରେ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଥାନା ଅଧିକାରୀ ବିକାଶ କୁମାର ଜାଲି ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇ ୦୪/୨୦୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛନ୍ତି କ୍ଷ ଅନ୍ୟପଟେ ବିଦ୍ୟୁତ ବିଭାଗ ର ଅବହେଳା ପାଇଁ ମହିଳା ଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ବିଦ୍ୟୁତ ବିଭାଗ କୁ ଘର ଉପରୁ ବିଦ୍ୟୁତ ତାର ନେବା ପାଇଁ ବାରମ୍ବାର ମନା କଲା ପରେ ମଧ ବିଭାଗ ଶୁଣିନଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି କ୍ଷଅନ୍ୟ ପଟେ ତାର ତଳେ କୌଣସି ସୁରକ୍ଷା ଜାଲି ଆଜିପର୍ଯ୍ୟନ୍ତ ଦିଆଯାଇ ନାହିଁ ଯାହା ପାଇଁ ମହିଳା ଙ୍କ ମୃତ୍ୟୁ ହୋଇଛି ବୋଲି ଗ୍ରାମବାସୀ ମଧ୍ୟ ଅଭିଯୋଗ କରିଛନ୍ତି । ଏହ ଘଟଣା କୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଖବର ଦେଲା ପରେ ମଧ ବିଦ୍ୟୁତ ବିଭାଗ ର କୌଣସି କର୍ମଚାରୀ ପହଂଚି ନଥିବାରୁ ଅସନ୍ତୋଷ ଦେଖା ଦେଇଛି । ବର୍ତ୍ତମାନ ପରିବାର ରେ ଗୋଟିଏ ଝିଅ ଓ ଦୁଇଟି ପୁଅ ଥିବା ବେଳେ ବଡ଼ ଝିଅ ଅଷ୍ଟମ ଶ୍ରେଣୀ ରେ ପଢୁଥିବା ବେଳେ ଜଣେ ପୁଅ ଚତୁର୍ଥ ଶ୍ରେଣୀ ଓ ସାନ ଅଙ୍ଗନବାଡି ରେ ପଢୁଥିବା ଜଣା ପଡିଛି ।

# ପଟ୍ଟାଙ୍ଗି ଓ କୁନ୍ଦୁଲି ଲ୍ୟାମ୍ପକୁ ନାବାର୍ଡ ଡ଼ି ଡ଼ି ଏମ ମୁରାରୀ ମୋହନ ବେହେରାଙ୍କ ପରିଦର୍ଶନ

ଜୟପୁର,୮/୦୭ (ନି.ପ୍ର): ଆଜି ପୋଟାଙ୍ଗୀ ଲ୍ୟାମ୍ପ ଓ କୁନ୍ଦୁଲି ଲ୍ୟାମ୍ପ କୁ ନାବାର୍ଡ ର ଡି ଡି ଏମ ମୁରାରୀ ମୋହନ ବେହେରା ପୋଟାଙ୍ଗୀ ଅଂଚଳ ର ଚାଷୀ ଓ ସେମିଳିଗୁଡା ବ୍ଲକ ର କୁନ୍ଦୁଲି ଲ୍ୟାମ୍ପ ର ଚାଷୀ ମାନଙ୍କର ଧାନ କିଣା ପ୍ରକ୍ରିୟା ର ସରଳି କରଣ ସଂଗେ ସଂଗେ ଅଧିକ ରୁ ଅଧିକ ସଂଖ୍ୟରେ କିପରି ଧାନ କିଣା ବିକା କରିବେ ତାପାଇଁ ସୁପରମର୍ଷ ଦେଇଥିଲେ ଓ ଧାନ ମହଜୁଦ ପାଇଁ ଲ୍ୟାମ୍ପ ଜାଗାରେ ଗୋଦାମ ଗୃହ ନିର୍ମାଣ ପାଇଁ ସତକଡା ୧%ସୁଧରେ ଋଣଯୋଗାଇଦେବେ ବୋଲି କହିଥିଲେ, ଏହାଛଡା ଲ୍ୟାମ୍ପର ଉନ୍ନତି ପାଇଁ ଯାହା ଯାହା କରିବାକୁ ପଡିବ ନାବାର୍ଡ ଦ୍ୱାରା ସହାୟତା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଲେ ଏବଂ ନାନୋ ୟୁରିଆର ଅଧିକ ବ୍ୟବହାର ପାଇଁ ଡ୍ରୋନ ଜରିଆରେ ଚାଷ ଜମିରେ ସ୍ପ୍ରେ କରିବା ପାଇଁ ଯୋଗାଇଦେବାକୁ କହିଥିଲେ ଓ କୋଟିଆ ଅଂଚଳ ବିକାଶ ପାଇଁ କିପରି ବଳରାମ ଯୋଜନାରେ ଅଧିକ ଋଣ ପ୍ରଦାନ ହେଇ ପାରିବ ତାହାର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ ଏହି ପରିଦର୍ଶନ ବେଳେ ପଟାଙ୍ଗୀ ର ପରିଚାଳନା ନିର୍ଦ୍ଦେଶକ ଦିଗାମ୍ବର ନାୟକ ଓ କୁନ୍ଦୁଲି ର ବି ସବିତା ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ଥିଲେ ଓ କୁନ୍ଦୁଲି ରବି ରାବନା, ସନ୍ତୋଷ ଆଚାର୍ଯ୍ୟ ଚକ୍ରଧର ପଟ୍ଟନାୟକ, ଲକିନାଥ ଖରା ଜଗନାଥ, ସତ୍ୟନାରାୟଣ ଚାଲାଣ ପୁର୍ଣଚନ୍ଦ୍ର ଖରା, ପୋଟାଙ୍ଗୀର ଟି ପି ରାକେଶ, ଦଶରଥ ଖଡା, ନାରାୟଣ ହାଂଟାଲ ପ୍ରଦୀପ ସାହୁ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# କୁଟୁରାପାଲି ହାଇସ୍କୁଲରେ ୭୩ ତମ ବନ ମହୋତ୍ସବ ପାଳିତ

ବଲାଙ୍ଗିର,୮/୦୭ (ନି.ପ୍ର): ଲୋଇସିଂହା ବ୍ଲକ୍ ଅନ୍ତର୍ଗତ କୁଟୁରାପାଲି ହାଇସ୍କୁଲ ଠାରେ ବନବିଭାଗ ସହାୟତାରେ ୭୩ ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ମୁକେଶ କୁମାର ତ୍ରିପାଠୀ, କମିଟି ସଭ୍ୟ ପୂର୍ବତନ ଶିକ୍ଷକ ଦୁଃଖୀଶ୍ୟାମ ଧରୁଆ, ପ୍ରଧାନଶିକ୍ଷକ ଅବନି କୁମାର ତ୍ରିପାଠୀ, ଇକୋ କ୍ଲବ ଶିକ୍ଷକ ହରେକୃଷ୍ଣ ତ୍ରିପାଠୀ, ଖେଳ ଶିକ୍ଷକ ସୁରେଶ କୁମାର ପଟେଲ, ଶିକ୍ଷକ ମଦନ ସାହୁ, ସଦାନନ୍ଦ ସାହୁ, ଯୁଧିଷ୍ଠିର ନାୟକଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷକ ଛାତ୍ର ଛାତ୍ରୀ ଯୋଗଦେଇ ଚାରା ରୋପଣ କରିଥିଲେ ।

## ଆମ ଜନ ଜୀବନରେ ପବିତ୍ର ବାହୁଡ଼ା ଯାତ୍ରା



ଉମେଶ ଚନ୍ଦ୍ର ପାତ୍ର



ଯୁଗେ ଯୁଗେ ବିଭିନ୍ନ ଅବତାରରେ ଭଗବାନ ପାର୍ଥିବ ଦେହ ଛାଡ଼ିଛନ୍ତି । ଅର୍ଥାତ୍ ଦେହରୁ ଆତ୍ମା ଅଭିମୁଖେ ବାହୁଡ଼ା ଯାତ୍ରାରେ ଫେରି ଯାଇଥିବା ସତ୍ୟକୁ ଆମେମାନେ ଦେଖୁଛୁ । ଦ୍ୱାପର ଯୁଗର ପ୍ରେମମୟ ଶ୍ରୀକୃଷ୍ଣ ହୁଅନ୍ତୁ ବା ତ୍ରେତୟାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, କଳି ଯୁଗରେ ଯୁଗାବତାର ପରମପୁରୁଷୋତ୍ତମ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ନିଜ ପାର୍ଥିବ ଶରୀର ଛାଡ଼ିଥିଲେ । ତେବେ ଦେହ ଓ ଆଧ୍ୟାତ୍ମିକ କ୍ଷେତ୍ରର ବାହୁଡ଼ା ଚିନ୍ତନ ଦେଖିଲେ ଏହା ହିଁ ସତ୍ୟ ଯେ ଜନ୍ମ ପରେ ମୃତ୍ୟୁ ହିଁ ଚିରନ୍ତନ ଓ ଶାଶ୍ୱତ । ଆସନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଚିନ୍ତା କରିବା ଏହି ଦେହମନ ବାହୁଡ଼ାର ଅନୁଚିନ୍ତନକୁ । ଆଷାଢ଼ ଶୁକ୍ଳ ଦଶମୀ ତିଥି । ପବିତ୍ର ବାହୁଡ଼ା ଯାତ୍ରା । ଦକ୍ଷିଣାଭିମୁଖୀ ହୋଇ ରଥରେ ଫେରନ୍ତି ମହାପ୍ରଭୁ । ଏଥିପାଇଁ ସକାଳୁ ସକାଳୁ ଆନୁସଙ୍ଗିକ ନୀତି ବଢ଼ିଥାଏ । ମହାପ୍ରଭୁ ସଜ ହୋଇ ଟାହିଆ ଲଗେଇ ବାହାରନ୍ତି ବଡ଼ ଦେଉଳ ଅଭିମୂଖେ । ପୂର୍ବରୁ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟରେ ପ୍ରସ୍ତୁତ ଥାଆନ୍ତି । ଏହି ଦ୍ୱାରବାଟେ ଠାକୁରମାନେ ଧାଡ଼ି ପହଣ୍ଡିରେ ଆସନ୍ତି । ପ୍ରଥମେ ସୁଦର୍ଶନ ତା'ପରେ ବଳଭଦ୍ର, ପୁଣି ପଛକୁ ଥାନ୍ତି ଦେବୀ ସୁଭଦ୍ରା ଓ ଜଗନ୍ନାଥ । ଏହି ବାହୁଡ଼ା ଯାତ୍ରା ରଥଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କାରଣ ଏହା ଠାକୁରଙ୍କ ପ୍ରଥମ ରଥଯାତ୍ରାର ସ୍ମାରକୀ । ଇତିହାସ କହେ, ଶ୍ରୀଜିଉଙ୍କ ପ୍ରଥମ ରଥଯାତ୍ରା ହୋଇଥିଲା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ । ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ବି ଗଜପତି ଛେରାପହଁରା କରନ୍ତି । ତା'ପରେ ରଥ ଗଡ଼େ ଶରଧାବାଲିରେ, ବଡ଼ଦାଣ୍ଡରେ ବାଟରେ ବିଭିନ୍ନ ମଠ ପକ୍ଷରୁ ପନ୍ତି ଭୋଗ ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରା କାଳରେ ଠାକୁରେ ତିନି ଜାଗା ଅଟକିଥାନ୍ତି । ତାଙ୍କ ରଥ ଟିକେ ରହିଯାଏ ଭକ୍ତ ସାଲବେଗଙ୍କ ସମାଧି ମନ୍ଦିର ଆଗରେ । ଦିନେ ସାଲବେଗ ଏହି ରଥଯାତ୍ରା ଦେଖିଲେ ଆଶା ପୋଷଣ କରି ୭୫୦ କୋଷ ଦୂରରୁ ମହାପ୍ରଭୁଙ୍କୁ ଆକୁଳ କରିଥିଲେ, ମହାପ୍ରଭୁ ମଧ ରଥରେ ଅଟକିଥିଲେ । ଏହାପରେ ମହାପ୍ରଭୁ ଅଟକନ୍ତି ତାଙ୍କ ମାଉସୀଙ୍କ ମନ୍ଦିର ଆଗରେ । ବାଟରେ ଏହି ମନ୍ଦିର ପଡ଼ିଥାଏ । ଏହି ମନ୍ଦିରରେ ପୂର୍ବରୁ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ ଏବଂ ମହାପ୍ରଭୁଙ୍କୁ ଭୋଗ ଲାଗେ । ଏହି ବାହୁଡ଼ାଯାତ୍ରାରେ ଗଜପତିଙ୍କ ନଅର ଆଗରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି କରାଯାଏ । ଏଥିପାଇଁ ନନ୍ଦିଘୋଷରେ ଅଟକିଥାନ୍ତି ପ୍ରଭୁ । ବିମାନବଡୁମାନେ ଲକ୍ଷ୍ମୀଙ୍କୁ ଆଣି ସିଂହଦ୍ୱାରର ଉତ୍ତର ପାର୍ଶ୍ୱସ୍ଥିତ ଚାହାଣି ମଣ୍ଡପରେ ରହି ନନ୍ଦିଘୋଷ ରଥ ଆଡ଼କୁ ମୁହଁ କରାଇଥାନ୍ତି । ଗଜପତି ମହାରାଜାଙ୍କ ଆମନ୍ତ୍ରଣ ପାଇବା ପରେ ଲକ୍ଷ୍ମୀଙ୍କୁ ଶ୍ରୀନଅର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ । ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି । ଶ୍ରୀଜଗନ୍ନାଥଙ୍କର ବନ୍ଦାପନା ପରେ ଲକ୍ଷ୍ମୀଙ୍କୁ ନନ୍ଦିଘୋଷ ରଥ ଚାରିପାଖେ ପରିକ୍ରମା କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରନ୍ତି । ପୂର୍ବରୁ ଦୁଇ ରଥ ତାଳଧ୍ୱଜ ଓ ଦେବଦଳନ ସିଂହଦ୍ୱାରରେ ପହଞ୍ଚି ଯାଇଥାନ୍ତି । ଲକ୍ଷ୍ମୀନାରାୟଣ ଭେଟ ପରେ ନନ୍ଦିଘୋଷ ଟଣା ହୋଇ ସିଂହଦ୍ୱାରକୁ ଯାଏ । ବାହୁଡ଼ାଯାତ୍ରା ଦିନ ବହୁ ଭକ୍ତଙ୍କ ସମାଗମ ହୋଇଥାଏ ।

ପ୍ରଥମେ ବଳଭଦ୍ରଙ୍କ ରଥ ବଡ଼ ଶଙ୍ଖ ଯାଏ ଆସିବା ପରେ ସୁଭଦ୍ରାଙ୍କ ରଥ ଟଣାଯାଏ । ଏହାପରେ ଜଗନ୍ନାଥଙ୍କ ରଥ ଟଣା, ଏହାପରେ ଜଗନ୍ନାଥଙ୍କ ରଥ ଟଣା ଆରମ୍ଭ ହୁଏ । ବାଟରେ ଠାକୁରମାନଙ୍କ ପାଇଁ ପନ୍ତି ଭୋଗର ବ୍ୟବସ୍ଥା କରାଯାଇଥାଏ । ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରୁ ଅଳ୍ପଦୂରରେ ରହିଥିବା ସମୟରେ ବାଟରେ ମାଉସୀ ମା ଅର୍ଦ୍ଧାଶନୀ ଦେବୀଙ୍କ ମନ୍ଦିର ଆଗରେ ଜଗନ୍ନାଥଙ୍କ ରଥ ଅଟକି ରହେ । ସେଠାରେ ମନ୍ଦିରରେ ତିଆରି ଛେନା ।ପୋଡ଼ପିଠା ଭୋଗ ଜଗନ୍ନାଥଙ୍କୁ ଦିଆଯାଏ । ଏହି ସ୍ଥାନ ମାଉସୀ ବେଦୀ ନାମରେ କଥିତ । ମାଉସୀ ମା' ମନ୍ଦିରରୁ ପୋଡ଼ିପଠା ଭୋଗ ଖାଇସାରି ଜଗନ୍ନାଥମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ବଡ଼ଦେଉଳ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳକୁ ଜଗନ୍ନାଥଙ୍କ ରଥ ଗଜପତି ନଅର ସମ୍ମୁଖରେ ରଖାଯାଇଥାଏ । ଏହାପରେ ଲକ୍ଷ୍ମୀ ବିମାନରେ ବସି ପଣ୍ଡା ଓ ଦଇତାପତିମାନଙ୍କ କୁଳବଧୂଙ୍କ ଗହଣରେ ଜଗନ୍ନାଥଙ୍କ ରଥ ପାଖକୁ ଆସନ୍ତି । ସେଠାରେ ପୂଜା, ଆଳତି ଓ ବନ୍ଦାପନା କରାଯାଏ । ଏହି ବନ୍ଦାପନା କାର୍ଯ୍ୟରେ ଗଜପତି ମହାରାଜା ମୁଖ୍ୟଭୂମିକା ଗ୍ରହଣ କରନ୍ତି । ଠାକରଙ୍କ ପାଖରେ ଦହିପଟ ଭୋଗ ହୁଏ । ଏହି ଭୋଗ ସମୟକୁ ରାଜା ବିଜେ ହୁଅନ୍ତି । ଲକ୍ଷ୍ମୀ ବିମାନରେ ବସି ଜଗନ୍ନାଥଙ୍କ ରଥ ଚାରିପଟେ ପରିକ୍ରମା କରନ୍ତି । ଏହାପରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କୁ ବନ୍ଦପନା କରାଯାଏ । ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଏହି ସାକ୍ଷାତକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ । ଜଗନ୍ନାଥଙ୍କ ଅଧରମାଳ ଲକ୍ଷ୍ମୀଙ୍କୁ ଓ ଲକ୍ଷ୍ମୀଙ୍କ ଅଧରକୁ ଜଗନ୍ନାଥଙ୍କୁ ଅର୍ପିତ ହୁଏ । ଜଗନ୍ନାଥଙ୍କ ଅଙ୍ଗରୁ ଦଇତାପତିମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ବାହୁଡ଼ି ଯାଆନ୍ତି ଶ୍ରୀମନ୍ଦିରକୁ ।

ଜଗନ୍ନାଥଙ୍କ ରଥ କିଛି ସମୟ ପରେ ସିଂହଦ୍ୱାରଠାରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ପାଖରେ ପହଞ୍ଚେ । ବାହୁଡ଼ା ଦିନ ଠାକୁରମାନେ ରଥରେ ରହନ୍ତି । ମଧ୍ୟାହ୍ନ ଧୂପଠାରୁ ଶୃଙ୍ଖଳା ଭୋଗ ହୁଏ । ବାହୁଡ଼ା ପରଦିନ ଏକାଦଶୀ ତିଥିର ମଧ ତିନିଠାକୁର ରଥ ଉପରେ ବିରାଜମାନ ଥା'ନ୍ତି । ସେଠାରେ ସେମାନଙ୍କର ଏକାଦଶୀ ନୀତି, ଅଧରପଣା ଭୋଗ, ରାଜାବେଶ ହୁଏ । ଏହି ବେଶ ସଂପୂର୍ଣ୍ଣ ସୁନାରେ ହୋଇଥିବାରୁ ଏହାକୁ ଠାକୁରଙ୍କର ସୁନାବେଶ ବୋଲି ମଧ କୁହାଯାଏ । ଦ୍ୱାଦଶୀ ଦିନ ଠାକୁରମାନଙ୍କୁ ରଥରୁ ଓହ୍ଲାଇ ରତ୍ନବେଦୀ ନିଆଯାଏ । ଏହା ନୀଳାଦ୍ରୀ ବିଜେ ନାମରେ ଖ୍ୟାତ । ସନ୍ଧ୍ୟା ଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ । ଗୁଣ୍ଡିଚା ଯାତ୍ରାର ସମସ୍ତ ବିଧି ଅନୁସାରେ ଏହି ପହଣ୍ଡି କରାଯାଏ । ବଡ଼ଠାକୁର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନରେ ବିଜେ କରିବା ପରେ ଜଗନ୍ନାଥଙ୍କ ପହଣ୍ଡି ହୁଏ । ଜୟବିଜୟ ଦ୍ୱାର ବନ୍ଦ କରି ଲକ୍ଷ୍ମୀ ଅଭିମାନରେ ଜଗନ୍ନାଥଙ୍କୁ ଅଟକାଇ ରଖନ୍ତି । ଶ୍ରୀ ମନ୍ଦିର ଭିତର ପଟେ ଲକ୍ଷ୍ମୀ ପକ୍ଷରୁ ସେବକ ଦଇତାପତିମାନଙ୍କ ପତ୍ନୀ ବା ଦେବଦାସମାନେ ଏବଂ ବାହରାପଟେ ଜଗନ୍ନାଥଙ୍କ ପକ୍ଷରୁ ଦଇତାପତିମାନେ ରହି ପରସ୍ପର ମଧ୍ୟରେ ନାନା ବଚନିକା ଓ ପଦ୍ୟାବୃତ୍ତି କରନ୍ତି । ଏହାକୁ ଲକ୍ଷ୍ମୀ-ନାରାୟଣ କଳି କୁହାଯାଏ । ଜଗନ୍ନାଥ ବହୁତ ବୁଝାଇବା ପରେ ଲକ୍ଷ୍ମୀଙ୍କ ଅଭିମାନ ଭାଙ୍ଗେ ଏବଂ କଳି ତୁଟେ । ଏହାପରେ ଶ୍ରୀଜଗନ୍ନାଥ ସିଂହାସନରେ ବିଜେ କରନ୍ତି । ତାଙ୍କ ସମ୍ମୁଖରେ ଲକ୍ଷ୍ମୀଙ୍କୁ ସ୍ଥାପନ କରାଯାଏ । ଏଥିସହିତ ରଥଯାତ୍ରାର ପରିସମାପ୍ତି ଘଟେ । ବାହୁଡ଼ା ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କ ଭିତରେ ନିଜ ଦେହ, ଭୋଗ, ସୁଖ ଓ ଆନନ୍ଦର ପରିଶେଷରେ ସବୁକିଛିର ବାହୁଡ଼ା ବା ଫେରନ୍ତା ପଥ ସମ୍ବନ୍ଧରେ ସୂଚନା ଦେଇଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପବିତ୍ର ବାହୁଡ଼ାଯାତ୍ରାରେ ଅଗଣିତ ଭକ୍ତଜନଙ୍କୁ ଯେଉଁ କୃପାର ବାରି ପ୍ରଦର୍ଶନ କରିଥାନ୍ତି ତାହା ଆମ ସମସ୍ତଙ୍କ ପାଇଁ ଧେୟ ହେଉ ଏହା ହିଁ କାମନା ।

+ବିଭାଗୀୟ ମୁଖ୍ୟ ଓ ସହ-ପ୍ରତିରକ୍ଷିକ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଶ୍ରୀକ୍ଷେତ୍ରେ ଶ୍ରୀଗୁଣ୍ଡିଚା ଯାତ୍ରା



ବିପିନ ବିହାରୀ ମହାନ୍ତି

ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା କେବଳ ଓଡ଼ିଶାରେ ନୁହେଁ, ଭାରତର ବିଭିନ୍ନ ପ୍ରାନ୍ତରେ ପାଳିତ ହୁଏ । ଏବେ ବିଦେଶରେ ମଧ୍ୟ ଏହା ପାଳିତ ହେଉଛି । ତେବେ ରଥଯାତ୍ରା କହିଲେ ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରାକୁ ବୁଝାଏ । ଏହି ଯାତ୍ରାରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ଚକ୍ର ଅର୍ଥାତ୍ ଜୀଉମାନେ ଶ୍ରୀମନ୍ଦିର ପରିତ୍ୟାଗ କରି ନବଦିନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି । ଏଣୁ ଏହି ଯାତ୍ରାକୁ ଶ୍ରୀଗୁଣ୍ଡିଚା ଯାତ୍ରା କୁହନ୍ତି । ଏହି ଯାତ୍ରାର ଅନ୍ୟାନ୍ୟ ନାମ ହେଲା-ନୀଳାଦ୍ରୀଯାତ୍ରା, ଘୋଷଯାତ୍ରା, ପତିତପାବନ ଯାତ୍ରା ତଥା ମହାବେଦୀ ଯାତ୍ରା । ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ପୁଷ୍ୟାନକ୍ଷତ୍ର ଯୁକ୍ତ ଶୁକ୍ଳ ଦ୍ୱିତୀୟ ତିଥିରେ ଅନୁଷ୍ଠିତ ହୋଇଥାଏ । ଅଣବସର ପରେ ଆଷାଢ଼ ଅମାବାସ୍ୟା ଦିନ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପରେ ଏ ଯାତ୍ରା ପାଳିତ ହୁଏ ।

ରଥଯାତ୍ରା ନିମନ୍ତେ ରଥଗୁଡ଼ିର ନିର୍ମାଣ କାର୍ଯ୍ୟ ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଥାଏ । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ତିନିଟି ରଥ ନିର୍ମିତ ହୁଏ । ଶ୍ରୀଜଗନ୍ନାଥଙ୍କ ରଥର ନାମ 'ନନ୍ଦିଘୋଷ' । ଏଥିରେ ୭୪୨ ଖଣ୍ଡ କାଠ ଲାଗିଥାଏ । ଏହି ରଥର ଉଚ୍ଚତା ୩୩ ହାତ, ୫ ଆଙ୍ଗୁଳି । ଏଥିରେ ଅଷ୍ଟାଦଶ ସିଦ୍ଧିର ପ୍ରତୀକ ଭାବେ ୧୮ଟି ଚକ ଥାଏ: କିନ୍ତୁ ଅଭିଲିଖିତରେ ଏହି ସଂଖ୍ୟା ୧୬ ଅଟେ । ଏହି ରଥ ପିତନାଲି ବର୍ଣ୍ଣର ବସ୍ତ୍ର ଦ୍ୱାରା ଆବୃତ । ଏହି ରଥର ରକ୍ଷକ : ନୃସିଂହ ; ସାରଥୀ : ଦାରୁକ : ଏଥିରେ ଯୁତ ଥିବା ଅଶ୍ୱମାନେ ଧଳା ରଙ୍ଗର । ସେମାନଙ୍କର ନାମ ହେଲା-ରେଚିକା, ମୋଚିକା, ସୁଖ୍ମା ଓ ଅମୃତା । ପାର୍ଶ୍ୱ ଦେବତା ରୂପେ ଦକ୍ଷିଣ ଭାଗରେ ଥାନ୍ତି : ବରାହ, କୃଷ୍ଣ ଓ ଗୋପୀନାଥ; ପଶ୍ଚାତ୍‌ଭାଗରେ ଥାନ୍ତି : ନୃସିଂହ, ରାମ ଓ ନାରାୟଣ; ବାମଭାଗରେ ଥାନ୍ତି: ତ୍ରିବିକ୍ରମ, ହନୁମାନ ଓ ରୁଦ୍ର ଏବଂ ସମ୍ମୁଖ ଭାଗରେ ଥାନ୍ତି: ଇନ୍ଦ୍ର, କୃଷ୍ଣ ଓ ସପ୍ତର୍ଷି । ଏହି ରଥର ଶୀର୍ଷରେ ଚକ୍ର ଓ ଗରୁଡ଼ ଅଦୃଶ୍ୟ ଥିବାରୁ, ଏ ରଥର ନାମ ଗରୁଡ଼ଧ୍ୱଜ ବୋଲି ରଖାଯାଇଛି । ଏଥିର ରଷି ହେଉଛନ୍ତି 'ପଣ୍ଡୁ' । ଏଥିରେ ଲାଗିଥିବା ଶୁଆର ନାମ : ଶିବ ଓ ପରମ । ରଥର ଦଧିନଉତି ଓ ନେତର ନାମ ଯଥାକ୍ରମେ- ହରିଣ୍ୟଗର୍ଭ ଓ ଉନ୍ମାନା । ଏହାର ଦ୍ୱାରପାଳ : ଜୟବିଜୟ ଏବଂ ରଥଦେବୀ ହେଉଛନ୍ତି : ଯୋଗମାୟା ।

ବଳଭଦ୍ରଙ୍କ ରଥର ନାମ 'ତାଳଧ୍ୱଜ' । ଏହାର ଶୀର୍ଷରେ 'ତାଳ' ଥିବାରୁ ଏହାର ନାମକରଣ ଏପରି ହୋଇଅଛି । ଏଥିରେ ଲାଗିଥିବା କାଠ ସଂଖ୍ୟା-୭୩୧ ; ଏହାର ଉଚ୍ଚତା-୩୨ ହାତ, ୧୦ ଆଙ୍ଗୁଳି; ଏଥିରେ ୧୬ଟି କଳାର ପ୍ରତୀକ ଭାବେ ୧୬ଟି ଚକ ଥାଏ ; କିନ୍ତୁ ଅଭିଲିଖିତ ତଥ୍ୟ ଅନୁସାରେ ଏହି ସଂଖ୍ୟା ୧୪ ଅଟେ । ଏ ରଥ ନୀଳ ଓ ନାଲି ବସ୍ତ୍ରଦ୍ୱାରା ଆବୃତ । ଏହାର ରକ୍ଷକ; ଶେଷ(ବାସୁଦେବ); ସାରଥି; ସୁଦ୍ୟୁମ୍ନ(ମାତଳୀ); ଏଥିରେ ସଂପୃକ୍ତ ଅଶ୍ୱମାନେ ମାନେ ହେଲେ କୃଷ୍ଣବର୍ଣ୍ଣ ଏବଂ ସେମାନେ ହେଲେ: ସ୍ଥିରା, ଧୃତି, ସ୍ଥିତି ଓ ସିଦ୍ଧା । ପାର୍ଶ୍ୱଦେବତା ଭାବେ ଦକ୍ଷିଣ ଭାଗରେ ଗଣେଶ, କାର୍ତ୍ତିକେୟ ଓ ତ୍ରିମ୍ବକ; ବାମଭାଗରେ ନାତାମ୍ବର, ଗଜାନ୍ତକ, ଶେଷଦେବ ଓ ମହେଶ୍ୱର । ପଶ୍ଚାତ୍ ଭାଗରେ ହଳାୟୁଧ, ମୃତ୍ୟୁଞ୍ଜୟ, ହରିହର ଓ ସମ୍ମୁଖ ଭାଗରେ ରୁଦ୍ର, ସାତ୍ୟକୀ ଓ ଅଷ୍ଟବସୁ ଥାଆନ୍ତି । ଏ ରଥର ପାର୍ଶ୍ୱ ଦେବତାମାନେ ରୁଦ୍ର ସଂପ୍ରଦାୟର । ଏହାର ଦଧିନଉତି ଓ ଶୁଆର ନାମ ଯଥାକ୍ରମେ ଭୁବନକୋସ ଓ ଦ୍ୱାସୁପୂର୍ଣ୍ଣ । ଏହି ରଥର ଋଷି ଓ ନେତଙ୍କର ନାମ ଯଥାକ୍ରମେ- ଅଙ୍ଗୀରା ଓ ଉନ୍ନନି । ଏହାର ଦ୍ୱାରପାଳ ହେଉଛନ୍ତି - ନନ୍ଦ, ସନନ୍ଦ ।

ସୁଭଦ୍ରାଙ୍କ ରଥର ନାମ 'ଦେବଦଳନ ବା ଦର୍ପଦଳନ ବା ପଦ୍ମଧ୍ୱଜ' । ଏଥିରେ ବ୍ୟବହୃତ କାଠସଂଖ୍ୟା ୭୧୧ । ଏହାର ଉଚ୍ଚତା ୩୧ ହାତ; ଏଥିରେ ୪ ହାତ ପରିଧି ବିଶିଷ୍ଟ ଚତୁର୍ଥ ଭୁବନର ପ୍ରତୀକ ସ୍ୱରୂପ ୧୪ଟି ଚକ ଥାଏ । ମାତ୍ର ଅଭିଲିଖିତ ବା ରେକର୍ଡଭୁକ୍ତ ତଥ୍ୟ ଅନୁସାରେ ଏହି ସଂଖ୍ୟା ୧୨ ଅଟେ । ଏହା କୃଷ୍ଣ ଓ ଲୋହିତବର୍ଣ୍ଣ ବସ୍ତ୍ର ଦ୍ୱାରା ଆବୃତ । ଏହାର ରକ୍ଷକ ହେଉଛନ୍ତି ବନଦୁର୍ଗା ; ସାରଥୀ ହେଉଛନ୍ତି ଅର୍ଜୁନ ଏବଂ ୪ ଅଶ୍ୱଙ୍କ ନାମ ହେଉଛି-ଅଧର୍ମ, ଅଜ୍ଞାନ, ଅପରାଜିତା ଓ ଜିତା(ପ୍ରଜ୍ଞା, ଅନୁଜ୍ଞା, ଘୋରା ଓ ଅଘୋରା) । ଏହାର ଦ୍ୱାରପାଳିକା ହେଉଛନ୍ତି ଗଙ୍ଗା ଓ ଯମୁନା । ଦର୍ପଦଳନ ରଥ ନେତର ନାମ -ନାଦାମ୍ବିକା ଓ ଋଷିଙ୍କ ନାମ ଯାଜ୍ଞବାଲ୍ୟକ । ଦ୍ୱାରପାଳିକା ହେଲେ-ଗଙ୍ଗା, ଯମୁନା । ଏହି ରଥର ଦକ୍ଷିଣ ଭାଗରେ ଅଛନ୍ତି : ଚଣ୍ଡୀ, ଚାମୁଣ୍ଡା ଓ ଉଗ୍ରତାରା; ପଶ୍ଚାତ୍‌ଭାଗରେ ଅଛନ୍ତି : ବନଦୁର୍ଗା, ମହିଷାମର୍ଦ୍ଦିନୀ ଓ ବରାହୀ; ବାମ ଭାଗରେ ଥାଆନ୍ତି; ଶ୍ୟାମାକାଳୀ, ମଙ୍ଗଳା ଓ ବିମଳା ଏବଂ ସମ୍ମୁଖ ଭାଗରେ ଥାଆନ୍ତି ଶ୍ରୀଦେବୀ, ଭୂଦେବୀ ଓ ଅଷ୍ଟଭୈରବୀ । ଏମାନେ ସମସ୍ତେ ଶକ୍ତିରୂପିଣୀ ଭାବେ ସ୍ଥାନ ପାଇଥାନ୍ତି ।

ଏଠାରେ ସୂଚୀତ କରାଇ ଦେଉ ଯେ ସୁଭଦ୍ରାଙ୍କ ରଥ ଅର୍ଥାତ୍ 'ଦର୍ପଦଳନ' ରଥରେ ସୁଦର୍ଶନଙ୍କ ସହ ସୁଭଦ୍ରା ବିଜେ କରିଥାନ୍ତି । ରଥ ନିର୍ମାଣର ମୁଖ୍ୟ ଅଂଶଗୁଡ଼ିକ ହେଲେ ଚକ୍ରଦାଣ୍ଡିଆ, ଅର, ବାଙ୍କୀ, ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗଙ୍ଗପଟା, ସିଂହାସନ, କନକ ମୁଣ୍ଡାଇ, ଭୂମି, ଷୋଳବାହନ, ମକରଦଣ୍ଡା, ବସନ୍ତ, ଦ୍ୱାରଘୋଡ଼ା, ସାରଥୀପିଢ଼ି, କୁମ୍ଭପାଟି, ରାହୁପାଟି, ଆଠନାହାକା, ପିଢ଼, ଚାଷୀପଟା, ଦଣ୍ଡା, ପାରାଭାଡ଼ି, ଖପୁରୀ, ପାଦ, ଓଲଟାଶୁଆ, ଦଧିନଉତି, କଣ୍ଟି, ଦଣ୍ଡ, କଳସ ଓ କେତନ ।

ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ରଥଯାତ୍ରା ଆରମ୍ଭ ହୁଏ । ସେଦିନ ଜୀଉମାନଙ୍କୁ ଧାଡ଼ି ପହଣ୍ଡି ବିଜୟକ୍ରମେ ରଥାରୁଢ଼ କରାଯାଏ । ପ୍ରଥମେ ସୁଦର୍ଶନ, ତାପରେ ଯଥାକ୍ରମେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ରଥକୁ ବିଜେ କରାଯାଏ । ଏହାପରେ ବଳଭଦ୍ର ଓ ଜଗନ୍ନାଥଙ୍କ ରଥକୁ ଯଥାକ୍ରମେ, ରାମକୃଷ୍ଣ ଓ ମଦନମୋହନଙ୍କୁ ନିଆଯାଏ । ଏହାପରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ କରାଯାଏ । ସେ ବଳଭଦ୍ରଙ୍କ ରଥ ପରେ ଶ୍ରୀଜଗନ୍ନାଥଙ୍କ ରଥ ଏବଂ ଶେଷରେ ସୁଭଦ୍ରାଙ୍କ ରଥ ଛେରାପହଁରା କରନ୍ତି । ଏହା ପରେ ଆରମ୍ଭ ହୁଏ ରଥଟଣା । ପ୍ରଥମେ ବଳଭଦ୍ରଙ୍କ ରଥ ଟଣା ହୁଏ, ଏହାପରେ ଦେବୀ ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣାଯାଏ ଏବଂ ଏହି କ୍ରମରେ ତିନିରଥଙ୍କୁ ଘଂଟ, ହୁଳହୁଳି ଓ ହରିବୋଲ ଧ୍ୱନିରେ ଓ ପଟୁଆରରେ ଗୁଣ୍ଡିଚା ମନ୍ଦିରରେ ଲଗାଯାଏ । ଏଥିଅନ୍ତେ ଜୀଉମାନଙ୍କୁ ଗୋଟି ପହଣ୍ଡି ଯୋଗେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରାଯାଏ । ଯେଉଁଠି ସେ ଆଷାଢ଼ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି ।

ରଥଯାତ୍ରାର ଚତୁର୍ଥ ଦିବସରେ ହେରାପଂଚମୀ ବା ରଥେ ବିଜୟଉତ୍ସବ ପାଳିତ ହୁଏ । ସପ୍ତମୀ ଦିନ ସଂଧ୍ୟା ଦର୍ଶନ ହୁଏ ; ଅଷ୍ଟମୀ ଦିବସରେ ରଥଗୁଡିକର ଦକ୍ଷିଣମୋଡ଼ କରାଯାଏ ଏବଂ ନବମୀ ଦିବସ ଅର୍ଥାତ୍ ଦଶମୀ ତିଥି ବା ବାହୁଡ଼ାଯାତ୍ରା ଓ ଲକ୍ଷ୍ମୀନାରାୟଣ ଭେଟ ହୁଏ । ଏକାଦଶୀ ଦିନ ରଥରେ ସୁନାବେଶ ଦର୍ଶନ ହୁଏ ଏବଂ ଦ୍ୱାଦଶୀ ଦିନ ଅଧରପଣା ଉତ୍ସବ ଏବଂ ତାପରେ ଠାକୁରେ ନୀଳାଦ୍ରୀ ବିଜେ ସମୟରେ ଯେହେତୁ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଗୁଣ୍ଡିଚା ବିଜେରେ ସଙ୍ଗରେ ନେଇନଥିଲେ ସେହି କାରଣରୁ ଜଗନ୍ନାଥଙ୍କ ଉପରେ ଅଭିମାନ ଓ ରୋଷଜନିତ ଏକ କଳିହୁଏ । ଯେଉଁଥିପାଇଁ ଲକ୍ଷ୍ମୀ ଜଗନ୍ନାଥଙ୍କୁ ମନ୍ଦିରକୁ ସହଜେ ପ୍ରବେଶ କରାଇ ଦିଅନ୍ତି ନାହିଁ । ଏହି କଳିରେ ଉଭୟଙ୍କ ତରଫରୁ ସେବାୟତମାନେ ନାନା ଯୁକ୍ତି ଉପସ୍ଥାପନା କରନ୍ତି । ଶେଷରେ ମହାଲକ୍ଷ୍ମୀଙ୍କୁ ଶ୍ରୀଜଗନ୍ନାଥଙ୍କର ରସଗୋଲା ଉପହାରରେ ଏହି କଳିର ପରିସମାପ୍ତି ଘଟେ । ଏହା ଦାମ୍ପତ୍ୟ ପ୍ରେମର ମାନ ଅଭିଯାନ ତଥା ପରସ୍ପର ପ୍ରତି ନିଗୂଢ଼ ଆନ୍ତରିକତାର ଏକ ବାସ୍ତବ ଚିତ୍ର ।

ରଥଯାତ୍ରାରେ ବ୍ୟବହୃତ ତିନୋଟି ରଥ ଆର୍ଯ୍ୟସତ୍ୟର ପ୍ରତୀକ ରୂପେ କଳ୍ପନା କରାଯାଇଛି । ଏହାକୁ ତିନିତାଳରେ ବିଭକ୍ତ କରି-କେହି କେହି କୁହନ୍ତି- ଉପର ମହଲାରେ ସହସ୍ର ଦଳପଦରେ ସ୍ୱୟଂ ମହାପ୍ରଭୁ, ମଧ୍ୟମ ମହଲାରେ ପାର୍ଶ୍ୱ ଦେବାଦେବୀ ଓ ତଳ ମହଲାରେ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସାର୍ଯ୍ୟା ଆଦି ଅବସ୍ଥାପିତ ବୋଲି କୁହନ୍ତି । ଏହି ତଳମହଲାରେ ସର୍ବଦା ଈର୍ଷା, ଦ୍ୱେଶ, କେଁ କଟର, ଘାତ, ପ୍ରତିଘାତ, ନ୍ୟାୟ, ଅନ୍ୟାୟ, ସୁବିଧା, ନାନା ଅସୁବିଧା ମାନ ବିରାଜମାନ । ଯେଉଁମାନେ କି ଏଠାରେ ରଥର ଚକ ।

ଶ୍ରୀଜଗନ୍ନାଥ କାଷ୍ଠନିର୍ମିତ ପ୍ରତୀକାତ୍ମକ ଠାକୁର । ଏ ରଥଯାତ୍ରା ମଧ୍ୟ ତାଙ୍କ ପ୍ରତୀକାତ୍ମକ ଯାତ୍ରା ଯାହା ବଡ଼ଦାଣ୍ଡକୁ ପବିତ୍ର କରାଏ ଏବଂ ତାରି ସ୍ୱର୍ଶରେ ପାପୀ ହୁଏ ପାପମୁକ୍ତ । ଶାସ୍ତ୍ର ମତେ ରଥ ଉପରେ ଶ୍ରୀଜୀଉମାନଙ୍କ ଦର୍ଶନରେ ଜୀବନ ଧନ୍ୟ ହୋଇଥାଏ ଏବଂ ପୁର୍ନଜନ୍ମର ଅନ୍ତ ଘଟେ ନଷ୍ୟଧମ୍ ମହାକାବ୍ୟରେ ଲେଖାଅଛି :

'ଦୋଳାରୁଢ଼ଂ ତୁଗୋବିନ୍ଦମ୍
ମଂଚସ୍ଥ ମଧୁସୁଦନମ୍
ରଥସ୍ଥଂବାମନଂଦୃଷ୍ଟ୍ୱା
ପୁର୍ନଜନ୍ମ ନବିଦ୍ୟତେ ।।'

+ବିପିନ ବିହାରୀ ପାଠାଗାର, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

## ବାହୁଡା ରଥରେ ବିଜେ ମହାପ୍ରଭୁ



ରଶ୍ମୀ ସାମଲ

ଉତ୍କଳୀୟ ଧର୍ମ ଧାରଣାରେ ମହାପ୍ରଭୁ ଜଗନ୍ନାଥ କେବଳ ସ୍ଥାଣୁ ବିଗ୍ରହ ନୁହନ୍ତି । ସେ ମାନବ ରୂପୀ ଭଗବାନ ଅଟନ୍ତି । ଶ୍ରୀ ମହାପ୍ରଭୁଙ୍କର ବାର ମାସରେ ତେର ପର୍ବ । ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ସହିତ ଶ୍ରୀମନ୍ଦିର ବାହାରକୁ ଆସି ରଥାରୂଢ ହୋଇ ରତ୍ନ ବେଦୀରୁ ଜନ୍ମ ବେଦୀକୁ ବଡ ଦାଣ୍ଡରୁ ଗୁଣ୍ଡିଚା ମନ୍ଦିର ଯାତ୍ରା କରିଥାନ୍ତି ଲକ୍ଷ ଲକ୍ଷ ଭକ୍ତ ଓ ପତିତ ଜନଙ୍କୁ ଦର୍ଶନ ଦେଇଥାନ୍ତି । ବରଷକେ ଥରେ ମାଆର କୋଳକୁ ଆସିଥାନ୍ତି ଭାବଗ୍ରାହୀ । ପୋଡପିଠା ଖାଇ ବଚନ ରଖନ୍ତି ଦାରୁ ଦିଅଁ ଶ୍ରୀ ମୁରାରୀ । ଜନ୍ମ ବେଦୀର ସ୍ୱର୍ଶରେ ଅତ୍ୟନ୍ତ ଖୁସି ହୋଇଥାନ୍ତି । ଏକ ସପ୍ତାହ ପାଇଁ ମାଉସୀ ମାଆଙ୍କୁ କଥା ଦେଇଥିଲେ । ଦଶମୀ ଦିନ ପୁଣି ପ୍ରତ୍ୟାବର୍ତ୍ତନ କରନ୍ତି । ପ୍ରଭୁ ପରଂବ୍ରହ୍ମ ହେଉଛନ୍ତି ଜଗତର ସ୍ରଷ୍ଟା । ସକଳ ଶକ୍ତି ଦାତା ସକଳ ଦୁଖଃ ହାରୀ ପ୍ରଭୁ । ଜଗନ୍ନାଥ ସଂସ୍କୃତିରେ ଲାଳିତ ଉତ୍କଳୀୟ ମାନେ ଜଗନ୍ନଥଙ୍କ ଛତ୍ରଛାୟା ତଳେ ରହି ନିଜକୁ ଧନ୍ୟ ମନେ କରନ୍ତି । ସର୍ବ ଧର୍ମ ସର୍ବ ସଂସ୍କୃତି ସରୂପଧାରୀ କେବଳ ଦେବତା ନୁହନ୍ତି ମହାନ ପରମ୍ପରା ମଧ ଏହି ପରମ୍ପରା ବା ଧର୍ମ ଧାରଣାରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଅଛି କେବଳ ବଡ଼ତ୍ୱ ମହନୀୟ ଚିନ୍ତା ଧାରା ମହତୀ ଚେତନା । ଏହି ସଂସ୍କୃତି ସହିତ ସମ୍ପୃକ୍ତ ବଡଦିଅଁ ବା ବଡ ଠାକୁର , ବଡ ଦେଉଳ , ବଡ ଦାଣ୍ଡ , ବଡ ପଣ୍ଡା , ମହା ଲକ୍ଷ୍ମୀ , ମହାପ୍ରସଦ ମହାଦୀପ , ମହୋଦଧି, ମହାସ୍ନାନ, ଆଦି ସମସ୍ତ ନାମ ମହାନ ଚେତନାର, ମହାପ୍ରକାଶ ।

ଗୁଣ୍ଡିଚା ମନ୍ଦିରକୁ ଭକ୍ତ ମାନେ ମାଉସୀ ମା ଘର ବୋଲି କହିଥାନ୍ତି । ବାସ୍ତବରେ ଏହା ହେଉଛି ପ୍ରଭୁଙ୍କର ଜନ୍ମ ସ୍ଥାନ ।ସ୍କନ୍ଧ ପୁରାଣ ଓ ନିଳାଦ୍ରୀ ମହୋଦୟ ଅନୁସାରେ ଏହାକୁ ନରସିଂହ କ୍ଷେତ୍ର ବୋଲି କୁହା ଯାଏ । ପ୍ରଭୁ ନିଳକଣ୍ଠେଶ୍ୱର ମହାଦେବଙ୍କ ଦକ୍ଷିଣରେ ଅବସ୍ଥିତ ଏହି ପବିତ୍ର କ୍ଷେତ୍ରରେ ନାରଦଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଯଜ୍ଞ ଶାଳା ନିର୍ମାଣ କରିବା ସହ ଯଜ୍ଞ ନୃସିଂହ ଙ୍କୁପ୍ରତିଷ୍ଠା କରିଥିଲେ । ସେଥି ପାଇଁ ଆଡ଼ପ ମଣ୍ଡପରେ ଭକ୍ତ ମାନଙ୍କର ଏହି ସାତ ଦିନ ଦର୍ଶନରେ ସର୍ବ ପୁଣ୍ୟ ଲାଭ ହୋଇଥାଏ । ଦଶମୀ ଦିନ ପ୍ରଭୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏହାକୁ ବାହୁଡା ଯାତ୍ରା କୁହାଯାଏ । ନଅ ଦିନ ପ୍ରଭୁଙ୍କ ଯାତ୍ରା । ଏହାକୁ ଆଡ଼ପ ମହୋତ୍ସବ କୁହାଯାଏ । ଦଶମୀ ଦିନ ରୋଷ ହୋମ ସକାଳ ଧୂପ । ତାପରେ ଡୋର ଲାଗି ହୋଇଥାଏ । ପ୍ରଥମେ ସୁଦର୍ଶନ ବିଜେ ହୋଇଥାନ୍ତି । ଶ୍ରୀ ମନ୍ଦିର ଆଉ ଶ୍ରୀ ଗୁଣ୍ଡିଚା ଘର ଭିତରେ ତଫାତ ବହୁତ କିଛି ହେଉଛି ଭଗବାନଙ୍କ ଏଶ୍ୱର୍ଯ୍ୟ ଭୂମି ଏଠାରେ ଭଗବାନଙ୍କର ମାଧୁର୍ଯ୍ୟ ଭୂମି । ଗୁଣ୍ଡିଚା ଘର କୁହା ଯାଏ । ଶ୍ରୀ ମନ୍ଦିରରେ ଚାରି ଦ୍ୱାର । ଗୁଣ୍ଡିଚା ଘର ଦୁଇଟି ଦ୍ୱାରା । ଶ୍ରୀ ମନ୍ଦିରରେ ବାରମାସ ରୁହନ୍ତି ପ୍ରଭୁ । ଏଠି ସାତ ଦିନ ମାତ୍ର । ସେଠାରେ ପ୍ରଭୁଙ୍କର ଚିରସ୍ଥାୟୀ ମନ୍ଦିର । ଏଠାରେ କ୍ଷଣ ସ୍ଥାୟୀ । ଶ୍ରୀ ମନ୍ଦିରରେ ମହାପ୍ରସାଦ । ଏଠାରେ ଯଜ୍ଞ ଚରୁଅର୍ଣ୍ଣ । ଶ୍ରୀମନ୍ଦିରରେ ପୂଜା କୁହାଯାଏ । କିନ୍ତୁ ଗୁଣ୍ଡିଚା ମନ୍ଦିରରେ ସେବା କୁହାଯାଏ । ସେବା ରେ ଭାବ ଆଉ ଭକ୍ତି ପ୍ରଧାନ । ଏଠାରେ ପ୍ରଭୁଙ୍କର ମା ଅଛନ୍ତି । ଶ୍ରୀ ମନ୍ଦିରରେ ବହୁ ଦେବତା । ଏଠି ଶୂନ୍ୟ ଦେବତାଏମତି ବହୁତ କିଛି ଜଗନ୍ନାଥଙ୍କ କଥା ରହିଅଛି । ନବମୀ ଦିନ ରଥର ଦକ୍ଷିଣ ମୋଡ ହୋଇଥାଏ ।



ଗୋପାଳ ଶର୍ମାଙ୍କର ଏକ ଗୀତ
ଏଠାରେ ସମସ୍ତେ ସମାନ,
ଶ୍ରୀଗୁଣ୍ଡିଚା ନୀତି ପରି ଖେଚଡ଼ି ମଣୋହି,
ଧାଡି ପହଣ୍ଡିରେ ଚତୁଧା ମୁରତି
ନାକଚଣା ଦ୍ୱାର ଦେଇ ଚଳନ୍ତି
ଜଗତ ସାଇଁ,
ଶରଧା ବାଲିରେ ଥିବା ରଥର କତି,
ଚାରଚରି ଉପବେଶନ କି ବୋଲିବା
ଭକ୍ତଙ୍କ ଉଲ୍ଲାସ ମନ,
ବରଷକେ ଥରେ ପ୍ରଭୁ
କରନ୍ତି ଅତି ଲୀଳାମୟ ଯାତ୍ରା ।
ଚାର ଉପରେ ଚଢ଼ିବେ ଭଗବାନ
ସୁଦର୍ଶନ ପ୍ରଥମେ ।

ଭାଇ ଭଉଣୀ ସଂଗେ କାଳିଆ ଗୁଣ୍ଡିଚା ମନ୍ଦିରରେ ସାତଦିନ ରହି ଆଡ଼ପ ମଣ୍ଡପ ସିଂହାସନେ ବସି ଭକ୍ତ ଙ୍କୁ ମହାଆନନ୍ଦରେ ଦର୍ଶନ ଦେଇ ଥାନ୍ତି । ଶତୁଷ୍ଟ ନୟନରେ ପ୍ରଭୁଙ୍କର ଭୁବନ ମୋହନ ରୂପ ଲାବଣ୍ୟ ଦର୍ଶନ କରି ଭକ୍ତ ମାନଙ୍କ ଆତ୍ମା ତୃପ୍ତି ହୋଇଥାଏ ।

ମହାପ୍ରଭୁ ମାଉସୀ ମା ଘରେ ରହୁଥିବା ସମୟରେ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି । ତାହା ହେଉଛି ଆଡ଼ପ ଦର୍ଶନ । ଶ୍ରୀ କ୍ଷେତ୍ରରେ ଏବେ ଶହ ଶହ ଭକ୍ତ ସାଧୁସନ୍ଥ ଓ ସନ୍ୟାସୀ ମନେ ନବ ଦିନ ବ୍ରତ ପାଳନ କରୁଛନ୍ତି । ଏହି ବ୍ରତ ପାଳନ କାରୀ ମାନେ ଆଡ଼ପ ଅଭଡ଼ା ସେବନ କରିବା ସହ ପ୍ରଭୁଙ୍କ ଦର୍ଶନ କରୁଛନ୍ତି । ପିତୃପୁରୁଷଙ୍କ ଉଦ୍ୟେସରେ ଭକ୍ତ ଗଣ ଆଡ଼ପ ଅଭଡ଼ା ଅର୍ପଣ କରି ଚାଲିଛନ୍ତି ।

କଥା ରେ ଅଛି ଆଡ଼ପ ମଣ୍ଡପ ରେ ପ୍ରଭୁଙ୍କୁ ଦର୍ଶନ କରି ମହାପ୍ରସାଦ ପାଇଲେ ଜୀବନରେ କୋଟି ପୁଣ୍ୟ ଅର୍ଜିତ ହୋଇଥାଏ ଓ ବୈକୁଣ୍ଠ ପ୍ରାପ୍ତ ମନୁଷ୍ୟ ହୋଇ ଥାନ୍ତି । ଗୁଣ୍ଡିଚା ମନ୍ଦିରରେ ରାତ୍ରି କାଳୀନ ଦର୍ଶନ ଯିଏ କରିବେ ଦଶ ଗୁଣ ଫଳ ପ୍ରାପ୍ତି ହୋଇଥାଏ । ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ ଓ ଦୀପ ଦାନର ମହତ୍ୱ ରହିଛି । ଦଶମୀ ଦିନ ଭକ୍ତି ରସରେ ନିମଜିତ ହୋଇ ଭକତ ମାନେ ରଜ୍ଜୁ ସାହାଯ୍ୟରେ ରଥ ଭିଡ଼ିବା ଆରମ୍ଭ କରିଥାନ୍ତି । ହରି ବୋଲ ହୁଳ ହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଥାଏ ।ସଂକୀର୍ତ୍ତନ ଜଣାଣ ଓ ଭଜନ ରେ ବଡ ଦାଣ୍ଡ ଉଛୁଳି ପଡେ ।ଗୁଣ୍ଡିଚା ମନ୍ଦିରରୁ ସିଂହ ଦ୍ୱାର ଦୁଇ କିଲୋମିଟର ରଥ ଗୁଡିକୁ ଟାଣି ଟାଣି ନେଇ ଯାଇଥାନ୍ତି । ଏହି ଯାତ୍ରା ଦେଖିବା ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ପୁରୀରେ ଉପସ୍ଥିତ ହୋଇ ଥାନ୍ତି । ଏହି ପରି ଭାବରେମହା ସମାରୋହରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଶେଷ ହୋଇଥାଏ ।ବଡ଼ଦେଉଳ ର ସିଂହଦ୍ୱାର ପାଖରେ ରଥ ଗୁଡିକ ଉପସ୍ଥିତ ହେବା ପରେ , ଏକାଦଶୀ ଦିନ ରଥରେ ତିନି ଠାକୁରଙ୍କର ସୁନାବେଶ ହୁଏ । ତା ପର ଦିନ ନୀଳାଦ୍ରି ବିଜେ ।

ନୀଳାଚଳ କ୍ଷେତ୍ର ଜନ୍ମ ସ୍ଥାନ ଟି ରାଣୀ ଗୁଣ୍ଡିଚା ମନ୍ଦିର ର ଆଡମ୍ବର ର ଗାଥା କିମ୍ବଦନ୍ତୀ ଇତିହାସରେ ରହିଅଛି ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୯ ଜୁଲାଇ ୨୦୨୨, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂକଟରେ ବ୍ରିଟେନ୍...

ନିଜ ଦଳ ଭିତରୁ ପ୍ରବଳ ଚାପ ଓ ପ୍ରତିବାଦର ସମ୍ମୁଖୀନ ହୋଇ ବୋରିସ୍ ଜନସନ୍ ପରିଶେଷରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି । ଫଳରେ ଶାସନ କ୍ଷମତାସୀନ ଟୋରି ଦଳ ଭିତରେ ମାସାଧିକ କାଳ ଧରି ଲାଗିରହିଥିବା ସଂକଟରେ ଏକପ୍ରକାର ପୂର୍ଣ୍ଣଛେଦ ପଡ଼ିଛି । ଅବଶ୍ୟ ଚାପରେ ପଡ଼ ହେଉ କିମ୍ବା ବିବାଦ ଘେରକୁ ଆସି ହେଉ, ବ୍ରିଟେନରେ ପ୍ରଧାନମନ୍ତ୍ରୀମାନଙ୍କ ଇସ୍ତଫା ଦେବାର ଅନେକ ଉଦାହରଣ ରହିଛି । କିନ୍ତୁ ଜନସନଙ୍କ କ୍ଷେତ୍ରରେ ଏହା ମାସାଧିକ କାଳ ଜାରି ରହିଥିଲା ଏବଂ ପ୍ରଧାନମନ୍ତ୍ରୀ ପଦରୁ ସେ ଇସ୍ତଫା ଦେବାକୁ ପ୍ରତ୍ୟାଖ୍ୟାନ କରିବା ପ୍ରସଙ୍ଗକୁ ନେଇ ଦଳ ଭିତରେ ଏକପ୍ରକାର ବିଦ୍ରୋହ ଘଟିବା ଟୋରି ଦଳ ଇତିହାସରେ ଅଭୂତପୂର୍ବ । ସଂସଦୀୟ ଗଣତନ୍ତ୍ରର ସର୍ବୋତ୍କୃଷ୍ଟ ଉଦାହରଣ ଭାବେ ସୁପରିଚିତ ବ୍ରିଟେନରେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ କୌଣସି ପ୍ରକାର ଅଭିଯୋଗ ଆସିଲେ କିମ୍ବା ତାଙ୍କ ବିରୁଦ୍ଧରେ ଜନମତ ପ୍ରକାଶ ପାଇଲେ ସେମାନେ ପଦ ତ୍ୟାଗ କରିବାର ଏକାଧିକ ଅନୁକରଣୀୟ ଉଦାହରଣ ରହିଛି । ଏହା ସେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଜଭୁତ କରିଥାଏ ବୋଲି ସେମାନେ ଦାବି କରନ୍ତି । କିନ୍ତୁ ଘଟଣାଚକ୍ରରେ ଗତ ତିନିବର୍ଷ ପୂର୍ବେ (୨୦୧୯ ମସିହାରେ) ସେ ଟୋରି ଦଳର ନେତା ତଥା ଦେଶର ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ଜଣେ ଅଭିଜ୍ଞ ରାଜନୀତିଜ୍ଞ ଭାବେ ସେ ଦେଶକୁ ଦୁଇଟି ମହାବିପତ୍ତିରୁ ମୁକୁଳାଇ ପାରିଥିଲେ । ସେଥିରୁ ପ୍ରଥମଟି ଥିଲା ବ୍ରେକ୍‌ଜିଟ୍ ଅଚଳାବସ୍ଥାରୁ ଦେଶକୁ ଉଦ୍ଧାର କରିବା ଏବଂ ଦ୍ୱିତୀୟଟି ହେଲା କରୋନା ମହାମାରୀ ବେଳେ ବ୍ରିଟେନବାସୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ । କିନ୍ତୁ ଏଭଳି ପ୍ରଶଂସନୀୟ କାର୍ଯ୍ୟ ସତ୍ତ୍ୱେ କ୍ରିସ୍ ପିଞ୍ଚର ନାମକ ଜନୈକ ସହକର୍ମୀଙ୍କୁ ଘଣ୍ଟ ଘୋଡ଼ାଇ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦ (ଚିଫ୍ ହ୍ୱିପ) ପଦରେ ଅବସ୍ଥାପିତ କରିବା ସମସ୍ତଙ୍କୁ ବିସ୍ମିତ କରିଥିଲା । ସୂଚନାଯୋଗ୍ୟ ଯେ, ପିଞ୍ଚରଙ୍କ ନାମରେ ଯୌନ କେଲେଙ୍କାରୀ ଥିଲା ଯାହାକି ସେ ନିଜେ ସ୍ୱୀକାର କରିଥିଲେ । ଏହି ଘଟଣାକୁ ନେଇ ଦଳରେ ଦୀର୍ଘ ଦିନରୁ କୁହୁଳୁଥିବା ଅସନ୍ତୋଷ ଏବେ ବିସ୍ଫୋରଣର ରୂପ ଧାରଣ କରିଛି। କେବଳ ସେତିକି ନୁହେଁ କରୋନା ମହାମାରୀ ବେଳେ ଦେଶରେ ଲାଗୁ ହୋଇଥିବା କଟକଣାକୁ ଉଲ୍ଲଙ୍ଘନ କରିବା ଅଭିଯୋଗରେ ମଧ ତାଙ୍କ ସମେତ ତାଙ୍କ ସରକାରର ଅନ୍ୟ ଅଧିକାରୀମାନଙ୍କୁ ଶତାଧିକ ଥର ଜରିମାନା ଦେବାକୁ ପଡ଼ିଛି । ଏହି ସବୁ ଅଭିଯୋଗ ଜନସାଧାରଣରେ ଯେତିକି ଅସନ୍ତୋଷ ସୃଷ୍ଟି ନକରିଛି ଦଳ ଭିତରେ ସେତିକି ଆଲୋଡ଼ନ ଘଟାଇଛି । ଗତ ଏକ ସପ୍ତାହ ଭିତରେ ଏକ ଡ଼ଜନରୁ ଅଧିକ ମନ୍ତ୍ରୀ ଏବଂ ପ୍ରାୟ ପଚାଶରୁ ଅଧିକ ଦାୟିତ୍ୱସମ୍ପନ୍ନ ଅଧିକାରୀ ପ୍ରଧାନମନ୍ତ୍ରୀ ଜନସନଙ୍କୁ ସେମାନଙ୍କର ଇସ୍ତଫାପତ୍ର ଦେଇଛନ୍ତି। ଏହା ଘଟିଛି ସେତିକିବେଳେ ଯେତେବେଳେ ସେମାନେ ସିଧାସଳଖ ଭାବେ ପ୍ରଧାନମନ୍ତ୍ରୀ ପଦରୁ ଓହରି ଯିବା ପାଇଁ ଜନସଙ୍କୁ ଦେଇଥିବା ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଗୁରୁବାର ଦିନ ତାଙ୍କର ଦୁଇ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ରିଷି । ସୁନକ୍ (ଅର୍ଥମନ୍ତ୍ରୀ) ଏବଂ ସାଜିଦ୍ ଜାଭେଦ୍ (ସ୍ୱାସ୍ଥ୍ୟ ମନ୍ତ୍ରୀ)ଙ୍କ ଇସ୍ତଫା ତାଙ୍କ ପାଇଁ କଫିନରେ ଶେଷ କଣ୍ଟା ବାଡ଼େଇବା ସଦୃଶ ଥିଲା । ତେବେ ଇତିପୂର୍ବରୁ ପ୍ରୀତି ପଟେଲ (ଗୃହମନ୍ତ୍ରୀ)ଙ୍କ ଇସ୍ତଫା ତାଙ୍କ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନକୁ ଏକପ୍ରକାର ସ୍ପଷ୍ଟ କରିଥିଲା। ଏବେ ଜନ ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେବାପରେ ସ୍ୱତଃ ଦୁଇଟି ପ୍ରଶ୍ନ ମନକୁ ଆସେ । ତାହା ହେଲା ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବ ଏବଂ ଦଳର ଦାୟିତ୍ୱ କିଏ ନେବ? ସାଧାରଣତଃ ବିଜୟୀ ଦଳର ମୁଖ୍ୟ ହିଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥାନ୍ତି । ସେହି ଦୌଡ଼ରେ ଏବେ ରିଷି ସୁନକ ଏବଂ ସାଜିଦ୍ ଜାଭେଦଙ୍କ ନାମ ଆଗରେ ରହିଛି । କିନ୍ତୁ ଏହି ଦୁଇ ନେତାଙ୍କ ବ୍ୟତୀତ ଅନ୍ୟମାନେ ମଧ ଦୌଡ଼ରେ ଥିବା ଅନୁମାନ କରାଯାଏ । ବ୍ରିଟେନ୍ ଏବେ ଘୋର ଆର୍ଥିକ ସଂକଟ ମଧଦେଇ ଗତି କରୁଛି । କରୋନା ପରବର୍ତ୍ତୀ ସମୟରେ ଦେଶର ଅର୍ଥନୀତିକୁ ପୁଣି ଥରେ ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ସମଗ୍ର ବିଶ୍ୱ ଚେଷ୍ଟାରତ । ଏଭଳି ଅବସ୍ଥାରେ ଜିସନଙ୍କ ସ୍ଥାନ ଯିଏ ନିଅନ୍ତୁ ନା କାହିଁକି ତାଙ୍କୁ କଠିନ ସ୍ଥିତିର ମୁକାବିଲା କରିବାକୁ ପଡ଼ିବ। ଏହା ବ୍ୟତୀତ ଦେଶରେ ଟୋରି ଦଳ ପ୍ରତି ଲୋକମାନଙ୍କ ମନରେ ଯେଉଁ ତିକ୍ତତା ସୃଷ୍ଟି ହୋଇଛି ତାହାକୁ ବଦଳାଇ ଆଗାମୀ ନିର୍ବାଚନରେ ଦଳକୁ ପୁଣି ଥରେ କ୍ଷମତାକୁ ଫେରାଇ ଆଣିବାକୁ ହେବ । ଏହା କଦାପି ସହଜ କାମ ନୁହେଁ ।

# ଆମ ସ୍ୱାସ୍ଥ୍ୟରେ ମାଟି ମାଆ

**ବିଜୟ କୁମାର ପୃଷ୍ଟି**

ଠିକ୍ ସେହିପରି ମାଟି ମାଆ ଆମକୁ ବାସ ଯୋଗାଇଥାଏ, ବର୍ଷା ସୃଷ୍ଟି କରି ଚାଷକରି ଫସଲ, ପନିପରିବା, ଫଳମୂଳ ଇତ୍ୟାଦି ଉତ୍ପାଦନ ରି ଖାଦ୍ୟ ଯୋଗାଇଥାଏ ଏବଂ ଶେଷରେ ଶରୀରର ପୁଷ୍ଟି ସାଧନ କରିଥାଏ। ରାସ୍ତାଘାଟରେ ବଡ଼ ବଡ଼ ଗଛ ଲାଗିଥିବାରୁ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ ମହତ୍ୱପୂର୍ଣ୍ଣ ବିଷୟ ହେଲା, ଆମ ଶରୀରରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଏହି ବୃକ୍ଷ ହିଁ ଗ୍ରହଣ କରେ ଏବଂ ତା ପରିବର୍ତ୍ତେ ଆମ ଜୀବନ ବଞ୍ଚାଇବାକୁ ପ୍ରଚୁର ଅମ୍ଳଜାନ ବିନା ମୂଲ୍ୟରେ ବାଣ୍ଟି ଚାଲେ। ମାଆ ଗର୍ଭରୁ ଗୋଟିଏ ମାଟି ପିଣ୍ଡୁଳା ହୋଇ ଜନ୍ମ ହୋଇ ଏନ୍ତୁଡ଼ିଶାଳରେ ରହିଥାଏ ଏବଂ ଜୀବନ ଚାଲିଗଲା ପରେ ମଧ ସେଇ ଜୁଇରେ ବିଲୀନ ହୋଇ ଶେଷରେ ମାଟିରେ ମିଶିଥାଏ।

'ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ - କହନ୍ତି ସୁଜ୍ଞାନୀ ପଣ୍ଡିତ'। ଏ ହେଉଛି ଭାଗବତ ବାଣୀ। ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଆମ ପିଣ୍ଡ ବା ଶରୀର ସଦୃଶ। ବ୍ରହ୍ମାଣ୍ଡରେ ମାଟି, ପାଣି, ପବନ, ଆଲୋକ, ଆକାଶ ଯେପରି ପରିବ୍ୟାପ୍ତ ଠିକ ସେହିପରି ଶରୀର ମଧରେ ପଞ୍ଚ ମହାଭୂତ କ୍ଷିତ-ଅପ-ତେଜ-ମରୁତ-ବ୍ୟୋମ ମଧ ରହିଚି। ଭଗବାନଙ୍କ ସୃଷ୍ଟିରେ ଆମ ଶରୀର ମଧରେ ଥିବା ମାଟି ତତ୍ତ୍ୱର ସ୍ଥାନ ଏକ ସ୍ୱତନ୍ତ୍ର। ଅଥର୍ବ ବେଦର ଭୂମି ସୂକ୍ତିରେ ଅଛି ମାତା ଭୂମି ପୁତ୍ରୋହଂ ପୃଥିବ୍ୟାଃ ଅର୍ଥାତ୍ ପୃଥିବୀ ହେଉଛି ମାତା ଏବଂ ପୁତ୍ର। ଜଣେ କବିଙ୍କ ଭାଷାରେ 'ମାଟିରେ ବିଷ ଆକାଶେ ବିଷ, କ୍ଷେତରେ ଫସଲେ ଭରିଲାବିଷ, ରୋଗ ଯାତନାରେ ସତେ ମଣିଷ। ଗଛ ନାହିଁ ବୋଲି ବରଷା ନାହିଁ, ଆଷାଢ଼ ମାସରେ ଫାଟୁଛି ଭୂଇଁ, କଇଁରେ କଇଁ ଆମ ପାଇଁ ମୁଠେ ମାଟି ବି ନାହିଁ।' ଆଜି ହେଉଛି ଧରିତ୍ରୀ ଦିବସ। ମାଟି ମାଆର ଦିନ। ଜଳ ସହ ଯେପରି ମାଛର ସଂପର୍କ ଆମ ଶରୀର ହିଁ ଠିକ ମାଟି ମାଆର ସଂପର୍କ। ମାଟିକୁ ଆମେ ମାଆ କହୁ। ମାଆ, ତାର ଛୁଆଙ୍କୁ ସୁରକ୍ଷା ଦେବା ସହ ଯତ୍ନ ସହକାରେ ହୃଷ୍ଟପୁଷ୍ଟ କରି ବଢ଼ାଇଥାଏ। ଠିକ୍ ସେହିପରି ମାଟି ମାଆ ଆମକୁ ବାସ ଯୋଗାଇଥାଏ, ବର୍ଷା ସୃଷ୍ଟି କରି ଚାଷକରି ଫସଲ, ପନିପରିବା, ଫଳମୂଳ ଇତ୍ୟାଦି ଉତ୍ପାଦନ ରି ଖାଦ୍ୟ ଯୋଗାଇଥାଏ ଏବଂ ଶେଷରେ ଶରୀରର ପୁଷ୍ଟି ସାଧନ କରିଥାଏ। ରାସ୍ତାଘାଟରେ ବଡ଼ ବଡ଼ ଗଛ ଲାଗିଥିବାରୁ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ ମହତ୍ୱପୂର୍ଣ୍ଣ ବିଷୟ ହେଲା, ଆମ ଶରୀରରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ଏହି ବୃକ୍ଷ ହିଁ ଗ୍ରହଣ କରେ ଏବଂ ତା ପରିବର୍ତ୍ତେ ଆମ ଜୀବନ ବଞ୍ଚାଇବାକୁ ପ୍ରଚୁର ଅମ୍ଳଜାନ ବିନା ମୂଲ୍ୟରେ ବାଣ୍ଟି ଚାଲେ। ମାଆ ଗର୍ଭରୁ ଗୋଟିଏ ମାଟି ପିଣ୍ଡୁଳା ହୋଇ ଜନ୍ମ ହୋଇ ଏନ୍ତୁଡ଼ିଶାଳରେ ରହିଥାଏ ଏବଂ ଜୀବନ ଚାଲିଗଲା ପରେ ମଧ ସେଇ ଜୁଇରେ ବିଲୀନ ହୋଇ ଶେଷରେ ମାଟିରେ ମିଶିଥାଏ। ତେଣୁ ଯଥାର୍ଥରେ ମାଟିକୁ ମାଆ ବୋଲି ସମ୍ବୋଧନ କରାଯାଇଛି। ସେଥିପାଇଁ ଏହି ମାଟିକୁ ପୃଥିବୀତତ୍ତ୍ୱ କୁହାଯାଏ। ତାହାହେଲେ ଏହି ମାଟିର ଆମ ସ୍ୱାସ୍ଥ୍ୟ ସହ ସଂପର୍କ କ'ଣ? ମାଟି ଦ୍ୱାରା ଆମ ଶରୀର କେତେ ଉପକାର ପାଇଥାଏ। ଆପଣମାନେ ଜାଣିଥିବେ କେତେକ ଦେଶରେ ଯଥା ଅଷ୍ଟ୍ରେଲିଆ, ନେପାଳ, ଦକ୍ଷିଣ କୋରିଆରେ ଅନ୍ତର୍ଜାତୀୟ ମାଟି ଦିବସ ପାଳନ କରାଯାଏ। କାରଣ ପ୍ରତ୍ୟେକ ଦେଶର ପିଲାମାନେ ଜୁନ ୨୯ ତାରିଖ ଦିନ ବିଭିନ୍ନ ସ୍ଥାନରେ ମାଟିରେ ବିଭିନ୍ନ ଖେଳ ଖେଳି ଥାଆନ୍ତି। ପଙ୍କ କାଦୁଅରେ ବୁଡ଼ି ମଜା ନେବାର ଆନନ୍ଦ ପାଆନ୍ତି। ଏହାଦ୍ୱାରା ଚମ ରୋଗ ହୋଇନଥାଏ।

ଏହି ମାଟିରେ ଅଛି ଅରୋଗ୍ୟକାରୀ ଶକ୍ତି, ରୋଗର ଶୋଷଣ କ୍ଷମତା, ଚୁମ୍ବକୀୟ ଗୁଣ ଜୀବନୀ ଶକ୍ତି, ଦୁର୍ଗନ୍ଧ ନିବାରଣ ଶକ୍ତି, ପୋଷକ ତତ୍ତ୍ୱ, ସୁଗନ୍ଧର ଅଦ୍ଭୁତ ଗୁଣ, ମୂଲ୍ୟବାନ ରସାୟନ ତତ୍ତ୍ୱ, ବନସ୍ପତି ଔଷଧୀୟ ଗୁଣ, ଧାର୍ମିକ ଗଙ୍ଗା ମାଟି ପରି ପବିତ୍ରତା ଭରପୁର ହୋଇ ରହିଛି। ଏଥିସହିତ କ୍ଷାରୀୟ, ଲବଣ, ଭିଟାମିନ, ଖଣିଜ ଧାତୁ ଇତ୍ୟାଦି ମଧ ରହିଛି। ବର୍ତ୍ତମାନ ଦେଖିବା ପ୍ରକୃତର ଏହି ମାଟି ମାଆ ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଚିକିତ୍ସାରେ ବ୍ୟବହୃତ ହୋଇପାରୁଛି। ଶରୀରର ଯାବତୀୟ ଚର୍ମରୋଗ ଯଥା କାଛୁ କୁଣ୍ଡିଆ, ବଥ, ଏକଜିମା, ଆଖି ପତାର କଳାଦାଗ, ଦାନ୍ତମାଢ଼ି ରୋଗ, ମୂତ୍ରାଶୟ ରୋଗ, ପେଟର ଯାବତୀୟ ରୋଗ ଯଥା କୋଷ୍ଠକାଠିନ୍ୟ, ମେଦ ବୃଦ୍ଧି, ସ୍ନାୟୁ ଦୁର୍ବଳ ଇତ୍ୟାଦି ମାଟି ଚିକିତ୍ସା ଦ୍ୱାରା ସୁଫଳ ମିଳିଥାଏ। କାରଣ ଏହାର କଳାରଙ୍ଗ ସୂର୍ଯ୍ୟଙ୍କ ସବୁ ରଙ୍ଗକୁ ଅବଶୋଷିତ କରି ମନୁଷ୍ୟ ଶରୀରରେ ପ୍ରବାହିତ କରେ। ଏହା ଶଣୀରରେ ଲେପନ କଲେ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ କଥା ହେଲା ମାଟି ଶସ୍ତା ଏବଂ ସହଜରେ ମିଳିଥାଏ। ପ୍ରାକୃତିକ ଚିକିତ୍ସାରେ ମାଟି ପଟି ବିଭିନ୍ନ ସ୍ଥାନରେ ଦିଆଯାଏ ଏବଂ ସଂପୂର୍ଣ୍ଣ ଶରୀରରେ ମାଟି ସ୍ନାନ କରାଯାଏ। ଗାନ୍ଧିଜୀ ନିଜେ ନିଜର କୋଷ୍ଠବଦ୍ଧତା ପାଇଁ ପେଟରେ ମାଟିପଟି ଦେଇ ପେଟ ସଫା କରୁଥିଲେ।

ଏହି ମାଟି ଚିକିତ୍ସା ପାଇଁ ଚିକିଟା ମାଟି, ନାଳି ମାଟି ଏବଂ ସବୁଠୁ ଫଳପ୍ରଦ ହେଉଛି ଉଇହୁଙ୍କା ମାଟି। ପ୍ରଥମେ ଫୁଟେ ଦୁଇଫୁଟ ତଳୁ ଖୋଳି ମାଟି ସଂଗ୍ରହ କରାଯାଏ। ଚାଲୁଣିରେ ଚଲାଇ ଗୋଡି ମାଟି ସଫାକରି ପାଣିରେ ଭିଜାଇ ଖରାରେ ଶୁଖାଇ ଦେବ। ପ୍ରାୟ ୨/୩ ଦିନ ଶୁଖିଲା ପରେ ପୁଣିଥରେ ଥଣ୍ଡା ପାଣିରେ କାଦୁଅ ଭଳି ଗୁଳା କରି ସାଇତ ରଖାଯାଏ। ଯେତେବେଳେ ଦରକାର ତାହା ବ୍ୟବହାର କରାଯାଏ। ହଁ, କେତୋଟି ସାବଧାନତା ଅବଲମ୍ବନ କରିବା ଜରୁରୀ। ରୋଗ ପାଇଁ ବ୍ୟବହୃତ ମାଟି କେବଳ ଥରେ ମାତ୍ର ବ୍ୟବହାର କରାଯାଏ। ମାଟିକୁ ବିଶୋଧନ ନକରି ବ୍ୟବହାର କରିବା କ୍ଷତିକାରକ। ରୋଗୀ ମାଟି ପଟି ଚିକିତ୍ସାରେ ଥଣ୍ଡା ଅନୁଭବ କଲେ ତୁରନ୍ତ ଚିକିତ୍ସା ବନ୍ଦ କରି ଗରମ ସେକ ଦେବା ଉଚିତ। ଖାଇବା ପୂର୍ବରୁ ତଳିପେଟରେ ମାଟିପଟି ନିଆଯାଏ। ସବୁଠୁ ଉଚିତ ହେଉଛି ଜଣେ ଚିକିତ୍ସକଙ୍କ ପରାମର୍ଶ ନେବା ଭଲ।


♥ ସମ୍ପାଦକ, ନିରାମୟ, କଟକ,
ମୋ: : ୯୮୬୧୪୬୪୯୩୨


# ସଭ୍ୟତାଗତ ଲଢେଇର ଯୋଦ୍ଧା ଓ ଭାରତ ସମର୍ଥକ ସିଞ୍ଜୋ ଆବେ



**ଡ.ସମନ୍ୱୟ ନନ୍ଦ**

ସିଞ୍ଜୋ ଆବେ ଆଜି ଯେତେବେଳେ ନାହାନ୍ତି ସେତିକି ବେଳେ ତାଙ୍କୁ କିପରି ସ୍ମରଣ କରାଯିବ ? ସେ ଜଣେ ଭାରତ ସମର୍ଥକ ଥିଲେ । ଭାରତ ସହିତ ବିଶେଷ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ ଥିଲା । ଭାରତ ସହ କୂଟନୈତିକ ସମ୍ପର୍କ କିଭଳି ଅତ୍ୟନ୍ତ ଘନିଷ୍ଠ ହେବ ସେ ନେଇ ସେ ଚିନ୍ତା କରୁଥିଲେ ।

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କର ମୃତ୍ୟୁ ଘଟିଛି । ଜାପାନରେ ଏକ ସଭାରେ ଭାଷଣ ଦେବା ବେଳେ ତାଙ୍କ ଉପରକୁ ଗୁଳି କରାଯାଇଥିଲା । ଏହା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହା ପରେ ଡାକ୍ତର ମାନେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଖବର ପରେ ସାରା ବିଶ୍ୱ ଏକ ପ୍ରକାର ସ୍ତବ୍ଧ ହୋଇ ଯାଇଛି ।

ସିଞ୍ଜୋ ଆବେ ଆଜି ଯେତେବେଳେ ନାହାନ୍ତି ସେତିକି ବେଳେ ତାଙ୍କୁ କିପରି ସ୍ମରଣ କରାଯିବ ? ସେ ଜଣେ ଭାରତ ସମର୍ଥକ ଥିଲେ । ଭାରତ ସହିତ ବିଶେଷ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ ଥିଲା । ଭାରତ ସହ କୂଟନୈତିକ ସମ୍ପର୍କ କିଭଳି ଅତ୍ୟନ୍ତ ଘନିଷ୍ଠ ହେବ ସେ ନେଇ ସେ ଚିନ୍ତା କରୁଥିଲେ ।

ତାଙ୍କର ବ୍ୟକ୍ତିତ୍ୱ କିପରି ଥିଲା ସେ ସମ୍ପର୍କରେ ଜାଣିବାକୁ ହେଲେ ଦେଶର ବିଶିଷ୍ଟ ଚିନ୍ତକ ଏସ ଗୁରୁମୂର୍ତ୍ତି ତାଙ୍କ ସହ ଘଟିଥିବା ଯେଉଁ ଘଟଣା ମାନ ସମ୍ପର୍କରେ ଟ୍ୱିଟ କରି ଯେଉଁ ସୂଚନା ମାନ ଦେଇଛନ୍ତି ତା ଉପରେ ଦୃଷ୍ଟି ପକାଇବା ଉଚିତ ।

ବିବେକାନନ୍ଦ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନର ଚେୟାରମ୍ୟାନ ଭାବେ ଏସ ଗୁରୁମୂର୍ତ୍ତି ଏକ ଛୋଟ ପ୍ରତିନିଧି ଦଳ ସହ ଜାପାନ ଗସ୍ତରେ ଯାଇଥିଲେ । ସେତେବେଳେ ସିଞ୍ଜୋ ଆବେ ଜାପାନର ପ୍ରଧାନମନ୍ତ୍ରୀ ଥିଲେ । ବିବେକାନନ୍ଦ ଇଂଟରନ୍ୟାସନାଲ ଫାଉଣ୍ଡେସନର ଏହି ପ୍ରତିନିଧି ଦଳ ସିଞ୍ଜୋ ଆବେଙ୍କୁ ଭେଟିଥିଲା । ସିଞ୍ଜୋ ଏହି ପ୍ରତିନିଧିଦଳକୁ ପ୍ରଧାନମନ୍ତ୍ରୀଙ୍କ ଘର ଦେଖିବାକୁ କହିଥିଲେ । ସେତେବେଳେ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଘର ହିଁ ଏଠାରେ ପୁରୁଣା । ଆଖପାଖର ସମସ୍ତ ଘର ନୂଆ । ଆମେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଏଭଳି ପୁରୁଣା କରି ରଖିଛୁ ତାର କାରଣ ଏହି ଘରେ ହିଁ ଆମେ ଆମେରିକା ଆଗରେ ଆତ୍ମସମର୍ପଣର ଚୁକ୍ତିକୁ ସ୍ୱାକ୍ଷର କରିଥିଲୁ । ଏହି ଘଟଣା ଆମକୁ ସବୁବେଳେ ମନେ ପକାଉଥିବ, ତେଣୁ ଆମେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଏପରି ପୁରୁଣା କରି ରଖିଛୁ ।

ସେହିପରି ଗୁରୁମୂର୍ତ୍ତି ଆଉ ଏକ କଥାର ଉଲ୍ଲେଖ କରିଛନ୍ତି । ସିଞ୍ଜୋ ଆବେ ଜାପାନର ପ୍ରଧାନମନ୍ତ୍ରୀ ଭାବେ ଜି-୭ ବୈଠକରେ ଭାଗ ନେଉଥିଲେ । ବୈଠକରେ ସମସ୍ତ ପାଶ୍ଚାତ୍ୟ ଦେଶ ମାନଙ୍କର ନେତା ମାନେ ଭାଷଣରେ ସେମାନଙ୍କର ଦେଶରେ ମୂଲ୍ୟବୋଧ ହ୍ରାସ ପାଇବା ଓ କ୍ଷରଣ ହେବା ବିଷୟ ଉଲ୍ଲେଖ କରୁଥିଲେ । ସେତେବେଳେ ଏହି ପାଶ୍ଚାତ୍ୟ ଦେଶ ମାନଙ୍କ ନେତା ମାନଙ୍କୁ ସିଞ୍ଜୋ ଆବେ କହିଥିଲେ ଯେ ଆପଣ ମାନେ କେଉଁ ଜୀବନ ମୂଲ୍ୟବୋଧ ହ୍ରାସ ପାଇବା କଥା କହୁଛନ୍ତି । ପାଶ୍ଚାତ୍ୟ ଦେଶର ନେତା ମାନେ ଏହାର ଉତ୍ତରରେ କହିଲେ ଯେ ସେମାନେ ଖ୍ରୀଷ୍ଟିଆନ ମୂଲ୍ୟବୋଧ କଥା କହୁଛନ୍ତି । ସେତେବେଳେ ସିଞ୍ଜୋ ଆବେ ତାଙ୍କୁ ଉତର ଦେଲେ ଯେ ତାହା ଜାପାନର ଜୀବନ ମୂଲ୍ୟବୋଧ ନୁହେଁ ।

ଏହି ଦୁଇଟି କଥାରୁ ସିଞ୍ଜୋ ଆବେଙ୍କ ବ୍ୟକ୍ତିତ୍ୱ ବିଷୟରେ ଅନୁମାନ କରାଯାଇ ପାରେ । ସେ ଆମେରିକା ଦ୍ୱାରା ଜାପାନ ଉପରେ ଆକ୍ରମଣ କରି ଆତ୍ମ ସମର୍ପଣ କରାଇଥିବା ଘଟଣାକୁ ଭୁଲିବାକୁ ଚାହୁଁ ନଥିଲେ । ଜାପାନର ପରବର୍ତ୍ତୀ ପୀଢୀ ମାନେ ଏହାକୁ ମନେ ରଖିଥାନ୍ତୁ ଏହା ତାଙ୍କର ସଂକଳ୍ପ ଥିଲା ।

ଠିକ ସେହିପରି ଜାପାନରେ ଖ୍ରୀଷ୍ଟିଆନକରଣକୁ ନେଇ ସେ ଚିନ୍ତିତ ଥିଲେ । ଧର୍ମାନ୍ତରୀକରଣ କାରଣରୁ ଜାପାନର ନିଜ ଜୀବନ ମୂଲ୍ୟବୋଧ ହ୍ରାସ ପାଇବା ତାଙ୍କୁ କଷ୍ଟ ଦେଉଥିଲା । ସେ ଜାପାନର ମୂଳ ସଭ୍ୟତାଗତ ମୂଲ୍ୟବୋଧର ରକ୍ଷା ପାଇଁ ଲଢେଇର ଯୋଦ୍ଧା ଥିଲେ । ଭାରତରେ ପ୍ରଧାନମନ୍ତ୍ରୀ ମୋଦୀ ମଧ ଭାରତରେ ଭାରତୀୟତା, ଭାରତୀୟ ମୂଲ୍ୟବୋଧର ହ୍ରାସ ନେଇ ଚିନ୍ତିତ ଅଛନ୍ତି । ତେଣୁ ଉଭୟ ନେତା ମୂଳ ସଭ୍ୟତା ଗୁଡିକର ପୁନଃ ସ୍ଥାପନା ପାଇଁ ମିଳିତ ଉଦ୍ୟମ କରିବା ଦେଖିବାକୁ ମିଳୁଥିଲା । ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀ ଓ ସିଞ୍ଜୋ ଆବେଙ୍କ ଏ ବାବଦରେ ବିଚାର ସମାନ ହୋଇଥିବାରୁ ଉଭୟଙ୍କ ମଧରେ ଅତ୍ୟନ୍ତ ପ୍ରଗାଢ ସମ୍ପର୍କ ଥିଲା ।

ଭଗବାନ ବୁଦ୍ଧଙ୍କ ବଚନ ଜାପାନ ପହଂଚି ସେଠାକାର ଲୋକ ମାନଙ୍କ ମନରେ ଆଧାତ୍ମିକ ଶୋଷକୁ ମେଂଟାଇଥିଲା । ହେଲେ ଧୀରେ ଧୀରେ ୟୁରୋପୀୟକରଣ ଓ ଖ୍ରୀଷ୍ଟିଆନାଇଜେସନ କାରଣରୁ ମୂଳ ସଭ୍ୟତା ଓ ମୂଳ ମୌଳିକ ମୂଲ୍ୟବୋଧ କ୍ଷରଣ ହେଉଥିବାରୁ ସେ ଏହାକୁ ନେଇ ସ୍ପଷ୍ଟ ଥିଲେ ।

ପ୍ରଧାନମନ୍ତ୍ରୀ ମୋଦି ଓ ସିଞ୍ଜୋ ଆବେ ମିଶି ମିଳିତ ଭାବେ ମିଳିତ ସଭ୍ୟତାଗତ ଏଜେଣ୍ଡାର କାମକୁ ଆଗକୁ ବଢାଉଥିଲେ । ହିନ୍ଦୁ ବୌଦ୍ଧ ବାର୍ତ୍ତାଳାପକୁ ଆଗକୁ ବଢାଇବା ସହ ଭାରତ ଓ ଜାପାନ ମଧରେ ଥିବା ସଂପର୍କକୁ ସେ ଅତ୍ୟନ୍ତ ଦୃଢ କରିବାକୁ ସେ ଲଗାତାର ଚେଷ୍ଟିତ ଥିଲେ । ତାଙ୍କର ଏପରି ହଠାତ ଚାଲି ଯିବା ଦ୍ୱାରା ଭାରତ ଓ ଜାପାନ ମିଳିତ ଭାବେ ମୂଳ ସଭ୍ୟତାକୁ ପୁନଃ ସ୍ଥାପିତ କରିବାକୁ ଯେଉଁ ପ୍ରୟାସ ଚାଲିଥିଲା ତା ଉପରେ ନିଶ୍ଚିତ ଧକ୍କା ଲାଗିବ ।




## ଜଗା ଆସିବ ବାହୁଡ଼ି

**ଦେବାଶିଷ୍ ପୁହାଣ**



ନଅ ଦିନ ପରେ ଫେରିବ କାଳିଆ
ହସିବ ରତନ ବେଦୀ,
ଝରଉଥିବ ଲୁହ ଗୁଣ୍ଡିଚା ମନ୍ଦିର
ଝୁରିବ ଜନମ ବେଦୀ ।

ଆଡ଼ପ ମଣ୍ଡପ ଆଡ଼ପ ଅବଢ଼ା
ଭାବୁଥିବ ଜଗା ବସି,
ରହିଥିବ ଚାହିଁ ଆର ବରଷକୁ
ସୁଦିନ ପଡ଼ିବ ଖସି ।

ଶରଧା ବାଲିରୁ ବଡ଼ ଦେଉଳକୁ
ପଡ଼ିଥିବ ପାଦଚିହ୍ନ,
ସେଇ ପାଦଚିହ୍ନ କେଡ଼େ ମନଲୋଭା
ଦିଶୁଥିବ ରାତିଦିନ ।

ଶ୍ରୀ ମନ୍ଦିରକୁ ଆଜି ଫେରିବେ ଠାକୁର
କୋଳାହଳ ଶୁଭୁଥିବ,
ମାଆ ଲକ୍ଷ୍ମୀଙ୍କର ଅଭିମାନ ଭାଙ୍ଗି
ଜଗା ଧିରେ ପଶୁଥିବ ।

ଶ୍ରୀ ଗୁଣ୍ଡିଚା ଲୀଳା ଖେଳା ଶେଷକରି
ଖାଇସାରି ପୋଡ଼ପିଠା,
ରଥେ ବସି ଆଜି ବାହୁଡ଼ି ଆସିବେ
ଏହି ଜଗତ କରତା ।

ନଅ ଦିନ ରହି ମାଉସୀ ମା' ଘରେ
ଆଡ଼ପ ଅବଢ଼ା ଖାଇ,
ପୋଡ଼ ପିଠା ଖାଇ ଫେରି ଆସୁଛନ୍ତି
ଭ୍ରାତା ଭଗିନୀଙ୍କୁ ନେଇ ।


♥ ଦ୍ୱିତୀୟ ବର୍ଷ
ସ୍ନାତକୋତ୍ତର ଜୈବ ବିଜ୍ଞାନ ଓ
ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ନୂଆପାଢ଼ୀ, ବାଲେଶ୍ୱର
ମୋ: ୯୩୪୮୫୪୩୩୭୫


## ତୀର୍ଥକୁ ଯିବା

**ବିନୟ ମିଶ୍ର**

ରାତି ଏଠି ପାଇଯାଏ
ଦିନ ନ ସରୁଣୁ,
ଗୀତ ସବୁ ଗାଇହୁଏ
ଯନ୍ତ୍ର ନ ବାଜୁଣୁ,

ହସିହୁଏ ଅକାରଣେ
ବେଦାନ୍ତରେ
କାନ୍ଦିହୁଏ ବିନା
ବ୍ୟାକରଣରେ
ଆଖିବିନା ଦିଗବଳୟ
ଛୁଇଁ ହୁଏ
ସକାଳର କିରଣକୁ
ବାଦ ଦେଇ,

ପାହାଡ଼କୁ ମାଗିହୁଏ
କୁଳିଶର ହିସାବ,
ମେଘକୁ ଫିଙ୍ଗିହୁଏ
ବିଜୁଳି ତାର ସବୁ,
ନଈକୁ ଭାଇଭାଗ କରି
ଚେନା ଚେନା ବାଣ୍ଟି ହୁଏ,
ସମୁଦ୍ରକୁ ଖେଳପଡ଼ିଆ
ଭାବି ହୁଏ,
ଜହ୍ନକୁ ଫୁଟବଲ
କରିହୁଏ,
ଗଡ଼ିଆର କଇଁ କାନ୍ଦେ
କଇଁ କଇଁ,

ଫୁଲରୁ ମହୁ ଝରିଆସେ
ମହୁମାଛି ରଷିଯାଏ,
ଆମ୍ବରୁ ସପୁରୀ ବାହାରେ
ଗାଁର ମାଙ୍କଡ଼ସବୁ ହସନ୍ତି
ଦାନ୍ତ ନେଫେଡ଼ି,
ବିଲର ମହୁରାଡ଼ି
ତିମିଙ୍ଗିଳ ହେଇଯାଏ,

ସହରର ନିୟନ ବତୀ ଜଳେ
ଆଖିମିଟିକା ମାରି,
ବାଡ଼ି ଘର କାନ୍ଥକୁରାରେ
ଡିବି ଧପ ଧପ ଜଳେ,
ଚାଲ ଆମେ ସବୁ
ତୀର୍ଥ କରିବାକୁ ଯିବା
ବିନା ଟିକେଟରେ.....
ତୀର୍ଥଯାତ୍ରୀ ସ୍ୱତନ୍ତ୍ର ବ୍ୟବସ୍ଥାରେ।


ନିଆଳ, ଖୋର୍ଦ୍ଧା


## ବାହୁଡ଼ା ଯାତ

**ଦେବାଶିଷ ମହାନ୍ତି**

ଫେରିଆ ଫେରିଆ ଆରେ କଳାଦିଅଁ
ଏ ବାହୁଡ଼ା ଯାତରାରେ,
ଭାଇ ଭଉଣୀଙ୍କୁ ସାଥେ ନେଇ ତୋର
ବଡ଼ଦାଣ୍ଡେ ଆ ରଥରେ ।

ନବ ଦିନାତ୍ମକ ମାନବୀୟ ଲୀଳା
କରି ତୁହି ସମାପନ,
ନନ୍ଦିଘୋଷ ରଥେ ବାହୁଡ଼ି ତୁ ଆସେ
ନିଜର କରମ ସ୍ଥାନ ।

ତୋର ନାମ ଧରି ବିକଳେ ଡାକୁଛି
ତୋ ପାଦେ ପଶି ଶରଣ,
ବିପଦକୁ ନାଶି ଫେରାଇଦେ ଖୁସି
ଦୁଃଖ ହେଉ ନିବାରଣ ।

ନଅ ଦିନ ପରେ ଫେରିଲୁ ସିନା ତୁ
ମନ୍ଦିରକୁ ଗଲୁ ନାହିଁ,
ଜ୍ୱର ହେବ ବୋଲି ଅଧାବାଟ ଆସି
ଗୋଟେ ଦିନ ଗଲୁ ରହି ।

ଏକାଦଶୀ କରି ଫଳମୂଳ ଖାଇ
ଭକତଙ୍କୁ ଦେଖା ଦେଲୁ,
ଯେବେ ବୁଝିଗଲା ଅବୁଝା ମନ ତୋର
ଦେଉଳକୁ ଫେରି ଗଲୁ ।

ଜନମ ବେଦୀରୁ ବାହୁଡ଼ିବେ ପ୍ରଭୁ
ପୁଣି କରମ ବେଦୀକୁ,
ରଥେ ବସି ଆଜି ଆସିବେ ପ୍ରଭୁ
ତାଙ୍କ ଶ୍ରୀକ୍ଷେତ୍ର ଧାମକୁ ।

ସତରେ କାଳିଆ ତୋ
ଲୀଳାରେ ବୋଳା
ସଂସ୍କୃତିର ପରିଚୟ,
ଘୋଷଯାତ୍ରା ଠାରୁ ବାହୁଡ଼ା ଯାତରା
ଏକତାର ସମନ୍ୱୟ ।


♥ ଦ୍ୱିତୀୟ ବର୍ଷ
ସ୍ନାତକୋତ୍ତର ଭୂତତ୍ତ୍ୱ ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ନୂଆପାଢ଼ୀ, ବାଲେଶ୍ୱର
ମୋ: ୯୩୩୭୫୦୯୭୭୮


## ଆଜି ପରା ସଖୀ ବାହୁଡ଼ା ଯାତ

**ଧ୍ରୁବ ଚରଣ ବେହେରା**


ଆଜି ପରା ସଖୀ ବହୁଡା ଯାତ
ଜନମ ବେଦୀରୁ ଶ୍ରୀ ମନ୍ଦିର ଲାଗି
ଫେରି ଆସିବେ ଲୋ ଜଗତ ନାଥ
ଆଜି ପରା ସଖୀ ବହୁଡା ଯାତ ।

ବରଷକେ ପରେ କାଳିଆ ସାଆନ୍ତ
ବୁଲି ଯାଇଥିଲେ ଗୁଣ୍ଡିଚା ଘର
ମାନବୀୟ ଲୀଳା କରିବା ପାଇଁକି
ଭାରି ଆତୁର ସେ କଳା ଠାକୁର
ପୋଡ ପିଠା ଖିଆ ବିଶ୍ୱ ଅନନ୍ତ
ଆଜି ପରା ସଖୀ ବାହୁଡା ଯାତ ।

ଭାଇ ଭଉଣୀଙ୍କୁ ସାଥିରେ ନେଇ
ଯାଇଥିଲା ଜଗା ବୁଲିବା ପାଇଁ
ନାଟ ପଟୁଆର ସାଥିରେ ଧରି
ନ ଦିନ ପରେ ଆସୁଛି ଫେରି
ଦେଖି ଯିବା ଆସ ଆସଲୋ.ମିତ
ଶରଧା ବାଲିରେ ଲାଗିଛି ନାଟ
ଆଜି ପରା ସଖୀ ବାହୁଡା ଯାତ ।

ଦେଖି ଦେଲେ ଥରେ ତା' ଚକା ଆଖିକୁ
ଜୀବନରେ କୋଟି ପୁଣ୍ୟ ମିଳଇ
ଭାବକୁ ନିକଟ ଅଭାବକୁ ଦୂର
ସେହି ପରା ସଖୀ ନିଳାଦ୍ରୀ ସାଇଁ
ଡେରି କର ନାହିଁ ଆସଲୋ ବଉଳ
ଆସ ଆସ ମୋର ସହୀ ସଙ୍ଗାତ
ଆଜି ପରା ସଖୀ ବହୁଡା ଯାତ ।


♥ ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୭)

# ସୀତା ହରଣ ଲାଗି ରାବଣର ଯୋଜନା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅକମ୍ପନ ଅସୁରଠାରୁ ଖର, ଦୂଷଣ ଓ ତ୍ରିକାରରା ରାକ୍ଷସଙ୍କ ବଧ ଖବର ପାଇ ରାବଣ ରାଠାରେ କମ୍ପିବାକୁ ଲାଗିଲେ। ପ୍ରବଳ ପରାକ୍ରମୀ ତ୍ରିପୁର ବିଜୟୀ ରାବଣ ମନରେ ଏ ପ୍ରଶ୍ନ ଆସିଲା- କିଏ ସେ ମଣିଷ ଯିଏ ରାବଣର ସୈନ୍ୟ ସାମନ୍ତ ଓ ଅନୁଚରଙ୍କୁ ଅତି ସହଜରେ ପରାସ୍ତ କଲା।

ଅକମ୍ପନ ଅସୁର ରାବଣକୁ ଏ କଥାର ସୂଚନା ଦେଲା ଯେ ଜଟାଧାରୀ ସେ ଦୁଇ ମଣିଷଙ୍କୁ ଯୁଦ୍ଧାର ପରାସ୍ତ କରିବା ଅସମ୍ଭବ। ମାତ୍ର ଜ୍ୟେଷ୍ଠଭାତ୍ରା ଶ୍ରୀରାମଙ୍କ ଜୀବନ ହେଉଛନ୍ତି ତାଙ୍କ ପତ୍ନୀ ସୀତା ଯିଏ କି ଅତ୍ୟନ୍ତ ସୁନ୍ଦରୀ। କଳେବଳେ କୌଶଳେ ସୀତାଙ୍କୁ ହରଣ କଲେ ରାମ ବଂଚିବେନି।

ଅକମ୍ପନର ପ୍ରସ୍ତାବ ରାବଣର ମନକୁ ପାଇଲା। ସେ ତୁରନ୍ତ ଦଣ୍ଡକାରଣ୍ୟକୁ ଗଲା ଓ ତାର ଅନୁଚର ମାରୀଚ ଅସୁରରର ସୀତା ହରଣ ଲାଗି ସହାୟତା ମାଗିଲା।

ମାରୀଚ ଅସୁର ରାମ ଲକ୍ଷ୍ମଣଙ୍କ ପରାକ୍ରମ କଥା ଜାଣେ। ରାମ ଲକ୍ଷ୍ମଣ କିଶୋର ଥିଲାବେଳେ ବିଶ୍ୱାମିତ୍ର ଋଷିଙ୍କ ସହିତ ଆସି ତାଡ଼କା ଓ ସୁବାହୁର ବଧ କରିଥିଲେ। ରାମଙ୍କ ବାଣ ସହି ନପାରି ମାରୀସ ଅସୁର ରକ୍ତ ବାନ୍ତି କରିଥିଲା ଓ ଯୋଜନ ଯୋଜନ ହରରେ ଆସି ସମୁଦ୍ର କୂଳରେ ପଡ଼ିଥିଲା। ତାର ପ୍ରାଣ ରକ୍ଷା ହୋଇଯାଇଥିଲା।

ମାରୀଚ ରାବଣକୁ ରାମଙ୍କ ପରାକ୍ରମ କଥା କହିଥିଲା ଓ ଜ୍ଞାନୀ ଦଶାନନକୁ କିଛି ଭଲ ଉପଦେଶ ଦେଇଥିଲା। ମାରୀଚ ଏ କଥା ମଧ୍ୟ ରାବଣକୁ ଚେତେଇ ଦେଇଥିଲା ଯାହାର ପ୍ରବର୍ତ୍ତାଇନାରେ ରାବଣ ଦଣ୍ଡକାରଣ୍ୟ ଆସିଛି। ସେ ପ୍ରକୃତରେ ରାବଣର ଶତ୍ରୁ ଓ ସେ ରାବଣର କ୍ଷତି ଚାହେଁ।

ରାବଣ ମନକୁ ମାରୀଚ କଥା ପାଇଲା ଓ ସେ ଲଙ୍କାପୁରକୁ ଫେରିଗଲା।

ରାବଣ ଲଙ୍କାରେ ପହଂଚିଲା ପରେ ସୁର୍ପଣଖା ସେଠାରେ ପହଂଚିଲା। ସୂର୍ପଣଖାର ନାକ ଓ କାନ ନଥିଲା ଓ ସେ ଜାଗାରୁ ରକ୍ତବୋହୁଥିଲା। ଭଉଣୀର ଏପରି ଅବସ୍ଥା ଦେଖି ରାବଣ ଦୁଃଖୀ ହେଲା ଓ ତାର ଏ ପରି ଅବସ୍ଥା ଲାଗି କିଏ ଦାୟୀ ବୋଲି ପଚାରିଲା। କ୍ରନ୍ଦନରତା ସୂର୍ପଣଖା ରାବଣର ମୃଦୁ ଭର୍ସନା କଲା ଓ ଏ କଥା କହିଲା- ତ୍ରିପୁର ବିଜୟୀ ରାବଣ ରାଜ୍ୟରେ ଏପରି ଘଟଣା ଘଟୁଛି।

ସୂର୍ପଣଖା ରାବଣକୁ ରାମ, ଲକ୍ଷ୍ମଣଙ୍କ କଥା କହିଲା ଓ ଏ କଥା କହିଲା ଯେ ରାମ ଖର, ଦୂଷଣ ଓ ତ୍ରିଶିରାଙ୍କ ବଧ କରିଛି। ନାରୀ ହତ୍ୟା ନ କରିବାକୁ ସେ ବିନା ଦୋଷରେ ତାର ନାକ ଓ କାନ କାଟି ଦେଇଛନ୍ତି। ସୂର୍ପଣଖା କଥା ଶୁଣି ରାବଣ କ୍ରୋଧରେ କମ୍ପମାନ ହେଲା ଓ ତତ୍କ୍ଷଣାତ୍ ଦଣ୍ଡକାରଣ୍ୟକୁ ଯାତ୍ରା କଲା।



ସୂର୍ପଣଖା ନିଜର କୁରୂପ କାହାକୁ ବା ଦେଖାନ୍ତା। ସେ ମନେ ମନେ ସ୍ଥିର କଲା ଯେ ସେ ଏକ ତୀର୍ଥସ୍ଥାନକୁ ଯାଇ ତପସ୍ୟା କରିବ। ପ୍ରଭୁ ଶ୍ରୀରାମଙ୍କ ରୂପ ଲାବଣ୍ୟ ତା ମନରେ ଲାଖି ରହିଥିଲା। ସେ ଶ୍ରୀରାମଙ୍କ ସହଚର୍ଯ୍ୟା ପାଇବାକୁ ଆଶାୟୀ ଥିଲା।

ସୂର୍ପଣଖା ରାବଣ ମୁଣ୍ଡରେ ଏ କଥା ପୂରେଇ ଦେଇଥିଲା ଯେ ସୀତାଙ୍କ ପରି ସୁନ୍ଦରୀ ସ୍ତ୍ରୀ ଏ ଦୁନିଆରେ ନାହାନ୍ତି। ତାଙ୍କୁ ରାବଣ ପାଇଁ ଆଣିବାକୁ ଚେଷ୍ଟା କରୁଥିଲା ସେ। ସେଥିଲାଗି ତାର ନାକ କାନ କଟା ହେଲା। ରାବଣ ସୀତାଙ୍କୁ ପାଇବାକୁ ବ୍ୟାକୁଳ ହେଲା ଓ ପୁଣିଥରେ ସେସ ମାରୀଚ ନିକଟରେ ପହଂଚିଲା।

ସୁର୍ପଣଖା ନିଜ ଭାଉଜମାନଙ୍କଠାରୁ ଭର୍ତ୍ସନା ପାଇ ପୁଷ୍କର ତୀର୍ଥକୁ ଗଲା ଓ ସେଠାରେ ଘୋର ତପସ୍ୟା କଲା। ତାର ଘୋର ତପସ୍ୟାରେ ଖୁସି ହୋଇ ବ୍ରହ୍ମା ତାଙ୍କୁ ବର ମାଗିବାକୁ ଆହ୍ୱାନ କଲେ। ସୁର୍ପଣଖା ଶ୍ରୀରାମଙ୍କୁ ପତି ରୂପେ ପାଇବାକୁ ଇଚ୍ଛା ପ୍ରକଟ କଲେ। ବ୍ରହ୍ମା କହିଲେ- ସେ କଥା ଏ ଜନ୍ମରେ ଅସମ୍ଭବ। ମାତ୍ର ଦ୍ୱାପର ଯୁଗରେ ତୁ କୁବଜା ହୋଇ ଜନ୍ମ ହେବୁ ଓ ତୋର ମନବାଂଛା ପୂର୍ଣ୍ଣ ହେବ।

ରତ୍ନାକର ଗର୍ଗବଟୁଙ୍କ ରାମାୟଣ ଅନୁସାରେ ସୁର୍ପଣଖା ଦ୍ୱାପର ଯୁଗରେ କୁବଜା ହୋଇ ଜନ୍ମ ହୋଇଥିଲା। ଏ କଥା ବ୍ରହ୍ମ ବୈବର୍ତ୍ତ ପୁରାଣରେ ଲେଖା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ବ୍ରହ୍ମାଙ୍କ ବର ପାଇ ସୁର୍ପଣଖା ଆଉ ବଂଚିବାକୁ ଚାହିଁଲାନି। ସେ ଦେହତ୍ୟାଗ କଲା। ସୀତାଙ୍କୁ ହରଣ କରିବାକୁ ରାବଣ ଦଣ୍ଡକାରଣ୍ୟରେ ପହଂଚିଲା।

(କ୍ରମଶଃ)

ମୋ: ୯୯୩୮୦୩୦୦୭୫୧

---

ଧାରାବାହିକ ଉପନ୍ୟାସ

ଭାଗ-୨

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ) ଦଶପନ୍ଦର ଏକର ଜାଗାରେ ଘରବାଡ଼ି ଥିଲା। ବାଡ଼ିରେ ପ୍ରାୟ ଦୁଇ ଏକର ଜାଗାରେ ରୋହୀଭାକୁର ମାଛପୂର୍ଣ୍ଣ ଏକ ବିରାଟ ପୋଖରୀ ସହ ଆମ୍ବ, ନଡ଼ିଆ, କଦଳୀ, ଶାଗୁଆନର ବଗିଚା ଥିଲା। ପ୍ରାୟ ପାଂଚ ଦଶ ଏକରର ଧାନ ଜମି ଥିଲା। ଘରଟି କିନ୍ତୁ ଥିଲା ଚାଳଛପରର। କୋଡ଼ିଏ ପଚିଶଟା ଗାଈ ଥିଲେ। ଗଉଡ଼ ଜଗୁଥିଲେ। ଯୋଉ ଗାଈକୁ ସେଦିନ ଆମ ବାଡ଼ିରେ ବାଘ ଖାଇଲା ସେଇ ଗାଈଟା ତାଙ୍କ ଗୋଠରୁ ଗୋଟିଏ।

ଏତେ ଭାଲୁ ଥିଲେ ଯେ, ଆମ ବଂଧୁବାଂଧବମାନେ ଆମକୁ କହୁଥିଲେ ବାଣପୁରିଆ ଭାଲୁ। ଦିନ ତିନିଟା ବାଜିଗଲେ ଭାଲୁମାନେ ବାଡ଼ିଆଡୁ ଆସି ରୋଡ଼ ପାରହେଇ ସେପଟେ ଆଖୁବାଡ଼ିରେ ପଶୁଥିଲେ। ତେଣୁ ପ୍ରାୟ ତିନିଟା ପରେ ଆମ ଦାଣ୍ଡଦୁଆର ରୋଡ଼ ନିଶୂନ୍ ହେଇ ଯାଉଥିଲା। ବେଳ ବୁଡୁବୁଡୁ ଭାଲୁମାନେ ଆସି ଆମ ଦାଣ୍ଡଦୁଆର ପାଖରେ ଥିବା ବରଗଛ ମୂଳରେ ପଡ଼ିଥିବା ପାଚିଲା ବରଫଳ ଖାଉଥିଲେ। ଆମେ ଟର୍ଚ୍ଚମାରି ସେମାନଙ୍କୁ ଦେଖୁଥିଲୁ। ତାଳଗଛ ମୂଳେ ପାଚିଲା ତାଳ ଗୋଟେଇ ଖାଉଥିଲେ। ଘାଡୁ ଘାଡୁ ହେଉଥିଲେ। ବାଡ଼ିପଟ ଶାଳିଆ ନଦୀରେ ଥିଲେ ଗୋଠ ଗୋଠ କୁମ୍ଭୀର। ସେମାନେ ହୁଡ଼ାକୁ ଉଠି ବାଲି ଉପରେ ଆଁ କରିକି ଶୋଇ ଖରା ଖାଉଥିଲେ। ଆମେ ଟେକାପଥର ମାରୁଥିଲୁ। ବିଷଧର ସାପମାନଙ୍କୁ ଛାଡ଼ିଦେଲେ ଥିଲେ ବି ବଡ଼ବଡ଼ ଅଜଗର, ବଡ଼ବଡ଼ ବୋଡ଼ା ଆଉ ସାପମାନଙ୍କର ରାଜା ଅହିରାଜ। ଆଜି ଜଳବାୟୁରେ ପରିବର୍ତ୍ତନ ଓ ମଣିଷର ଆଧିପତ୍ୟ ଯୋଗୁ ଉଜୁଡ଼ି ଯାଉଚି ସବୁ। ତଥାପି ମହାବଳ ବାଘଙ୍କୁ ଛାଡ଼ିଦେଲେ ବଣଜଂଗଲରେ କିଇଁ ରହିଛନ୍ତି ଏମାନେ। କିନ୍ତୁ ସେ ଦିନ ଅପେକ୍ଷା ଆଜି ଏମାନଙ୍କର ସଂଖ୍ୟା ନଗଣ୍ୟ।

ପିଲାଦିନୁ ଏମାନଙ୍କୁ ଦେଖି ଦେଖି ଓ ଏମାନଙ୍କ ଗୋଠରେ ଚଳିଚଳି ମୁଁ ଯଥେଷ୍ଟ ସାହସୀ ହେଇ ଯାଇଥିଲି। ତେଣୁ ଗାଆଁର ନିର୍ଜନ ତୋଟାମାଳ, କିଆକେତକୀ ଗହଳି ଏବଂ ବଣ ଜଙ୍ଗଲରେ ବୁଲିବୁଲି ଏଇମାନଙ୍କୁ ଖୋଜୁଥିଲି। ଦେଖୁଥିଲି। କେବେ ତାଳିମାରି ହୁରୁଡ଼େଇ ଦେଉଥିଲି ତ କେବେ



ଟେକାପଥର ଫିଙ୍ଗୁଥିଲି କେବେ କେବେ ଦୌଡ଼ି ପଳୋଉଥିଲି ତ ଆଉ କେବେ ଜୀବନ ବିକଳରେ ଗଛରେ ଚଢ଼ିଯାଇ ଲୁଚି ପଡୁଥିଲି।

ଦିନକର କଥା। ଖୋର୍ଦ୍ଧା ଜିଲ୍ଲାର ଶେଷ ଗାଆଁ ପ୍ରତାପଠାରୁ ମୁଁ ପ୍ରାୟ ଅଧକିଲୋମିଟର ଦୂର ଜଂଗଲ ରାସ୍ତାରେ ବଣ ଭିତରକୁ ପଶୁଥାଏ। ସେଇଠି ଯାଗାଏ ଯାଗାଏ ଘାସପଡ଼ିଆ ଥିବାରୁ ଗାଈଗୋଠ ଚରୁଥାଆନ୍ତି। ମତେ ସେମାନେ ଦିଶୁଥାଆନ୍ତି। ହଠାତ୍ ଗାଈମାନେ କାନ ଠିଆ ଠିଆ କରି ପଶ୍ଚିମ ଦିଗକୁ ଚାହିଁଲେ। ସେଇଠୁ ତରକିଯାଇ ଲାଂଚ ଟେକିଲେ ଆଉ ବଣର ତଳମୁଣ୍ଡ ଆଡ଼େ ଧାଇଁଲେ। ମୁଁ ଚମକି ଉଠିଲି। ପାଖରେ ଗୋଟେ କୋଚିଲା ଗଛ ଥିଲା। ଯେମିତି ଉଚ୍ଚ ସେମିତି ଗହଳିଆ। ମୁଁ ମୋ ଜୀବନ ବିକଳରେ ଧାଇଁଯାଇ ସେଇ ଗଛ ଉପରେ ଚଢ଼ିଗଲି। ଶୁଖିଲା ବରଡ଼ା ପତ୍ରପରି ଭୟରେ ଥରିଲି। ଦେଖିଲି, ଗୋଟେ କଲରାପତିଆ ବାଘ କେଉଁଠୁ ବାହାରି ଆସି ଗାଈଗୋଠକୁ ତଡ଼ିନେଲା। ଛିନ୍ଛତ୍ର ହୋଇଗଲେ ଗାଈଗୋଠ। ପ୍ରାୟ ପଚାଶ ହାତ ଦୂରରେ ଶୁଭିଲା ଗୋଟେ ଗାଈର ଗଁ ଗଁ ବିକଳ ଚିତ୍କାର ଆଉ ବାଘର ଗାଉଁଗାଉଁ ଶବ୍ଦ। ଗଛଡାଳରୁ ଚଢ଼େଇମାନେ ଉଡ଼ିଗଲେ ଆକାଶକୁ। ଚକର କାଟିଲେ। ମୁଁ ଜାଣିଦେଲି ବାଘ ପାଟିରେ ଗୋଟେ ଗାଈ ଗଲା। ଆଉ କି ଯିବି ବଣବୁଲି। ଗଛରୁ ଓହ୍ଲେଇ ଜୀବନ ବିକଳରେ ବଣର ତଳମୁଣ୍ଡକୁ ମାରିଲି ଡିଆଁ। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

---



ପୀତାମ୍ବର ଦାସ

# କିଏ ପ୍ରକୃତ ବନ୍ଧୁ



ତିନିଜଣ ବଂଧୁ ଥିଲେ। ସମସ୍ତେ ଏକା ଶ୍ରେଣୀରେ ପଢ଼ନ୍ତି। ସେମାନଙ୍କର ନାମ ଯଥାକ୍ରମେ ସତ୍ୟାନନ୍ଦ, ବିବେକାନନ୍ଦ ଓ ନିରାନନ୍ଦ। କିନ୍ତୁ ନାମ ଅନୁସାରେ ସମସ୍ତଙ୍କର କାମ ପୁରା ଓଲଟା।

ସତ୍ୟାନନ୍ଦ ତା ଜୀବନରେ କେବେହେଲେ ସତକଥା କହେନି। ୧୦୦ରୁ ୯୫ଭାଗ ମିଛ କହି ବହୁତ ଆନନ୍ଦପାଏ, ପାଠବି ପଢ଼େନି। ଶ୍ରେଣୀରେ ଶିକ୍ଷକ ପାଠ ପଚାରିଲେ ସେ ସବୁଥର କହିବାକୁ ହାତ ଟେକିଦିଏ, ଥରେ ତାକୁ ଶିକ୍ଷକ ପ୍ରଶ୍ନର ଉତ୍ତର ପଚାରିବାରୁ ଠିଆହୋଇପଡ଼ି କିଛି କହିପାରିଲା ନାହିଁ। ଏଇଭଳି ସବୁ ଶିକ୍ଷକ ମାନେ ତାର ମିଥ୍ୟାରେ ହାତ ଟେକିବାର ଚାଲାକି ଜାଣି ପାରିଲେ। ହେଲେ ଯେତେ ଉପଦେଶ ଦେଲେ ମଧ୍ୟ ସେ ସେଇ ମିଥ୍ୟା ବ୍ୟତୀତ ସତ କହିବା ରାସ୍ତାକୁ ଆସିପାରିଲା ନାହିଁ। ଘରଠାରୁ ସ୍କୁଲଯାଏ, ତଥା ବଂଧୁବାନ୍ଧବ ତାର ଏପରି ମିଥ୍ୟା ଆଚରଣରେ କେହି ସନ୍ତୁଷ୍ଟ ହେଉନଥିଲେ। ଲୋକମାନେ କହିବାକୁ ଲାଗିଲେ ଏହାର ନାମ ସତ୍ୟାନନ୍ଦ ନହୋଇ ମିଥ୍ୟାନନ୍ଦ ହୋଇଥିଲେ ଭଲ ହୋଇଥାଆନ୍ତା।

ବିବେକାନନ୍ଦର ଆଚରଣ ଠିକ୍ ସତ୍ୟାନନ୍ଦ ପରି। ସେ କେବେହେଲେ ବିବେକର କାମ କରେନାହିଁ। ଲୋକଙ୍କୁ ଠକେଇବା, ଅନ୍ଧ ଭିକାରୀ ଥାଳିରୁ ପଇସା ଚୋରେଇବା, ବାଟରେ ଯାଉଥିବା ଲୋକଙ୍କୁ ଢ଼େଲା ମାରିବା, ସାଙ୍ଗମାନଙ୍କୁ ଠେଲିଦେବା, ଅଜଣା ପିଲାଙ୍କୁ ଗୋଡ଼ରେ ଛନ୍ଦେଇ ପକେଇବା, ଶ୍ରେଣୀରେ ଆଗଧାଡ଼ିରେ ବସିଥିବା ବଂଧୁମାନଙ୍କର ଚୁଟି ଟାଣିବା, ଏଇପରି ଯେତେକ ଅବିବେକୀ କାମ କରେ। ଶିକ୍ଷକଙ୍କଠାରୁ ତାର ଚରିତ୍ର ପାଇଁ ଯେତେ ମାଡ଼ ଖାଇଲେ ମଧ୍ୟ ପରିବର୍ତ୍ତନ ହେଲାନାହିଁ। ଶିକ୍ଷକଙ୍କଠାରୁ ଗୁରୁଜନମାନଙ୍କର ଉପଦେଶକୁ ଆଦୌ ଗ୍ରହଣ କରେନାହିଁ। ତାର ଏଇ ଖଳ ପ୍ରକୃତି ଦେଖି ଲୋକେ କହନ୍ତି ଏହାର ନାମ ବିବେକାନନ୍ଦ ନହୋଇ ଖଳାନନ୍ଦ ହୋଇଥିଲେ ଭଲ ହୋଇଥାଆନ୍ତା।

ନିରାନନ୍ଦର ଆଚରଣ ସେ ଦୁଇଜଣଙ୍କଠାରୁ ପୂରା ଅଲଗା। ନାମଟି ସିନା ନିରାନନ୍ଦ (ନାହିଁ ଆନନ୍ଦ ଯାହାର) ହେଲେ ସେ ସବୁବେଳେ ଆନନ୍ଦରେ ରହୁଥାଏ। କାହା ମନରେ ସତ୍ୟାନନ୍ଦ ଓ ବିବେକାନନ୍ଦ ପରି ଦୁଃଖନଦେଇ ସର୍ବଦା ସତ କହିବା, ଗୁରୁଜନଙ୍କୁ ଭକ୍ତି କରିବା, ତାଙ୍କ ଉପଦେଶ ମାନି ଚଳିବା, ପାଠପଢ଼ାରେ ଅବହେଳା ନକରିବା ଏବଂ ସାଧ୍ୟମତେ ଅନ୍ୟକୁ ସାହାଯ୍ୟ କରି ବେଶ୍ ଆତ୍ମସନ୍ତୋଷ ପାଏ, ଖୁସି ଆନନ୍ଦରେ ଦିନ ବିତାଏ। ତାର ମନ ସଦା ପ୍ରଫୁଲ୍ଲ ଥାଏ। ତାର କିଛି ମନ୍ଦଚିନ୍ତା ନଥାଏ। ତେଣୁ ସେ ମାନସିକ ସ୍ତରରେ ବେଶ୍ ସୁସ୍ଥ ଥିବାରୁ ତାର ଦେହ ମଧ୍ୟ ନିରୋଗ ରହିଥାଏ। ଲୋକମାନେ ତାର ଏଭଳି ଆଚରଣ ଯୋଗୁଁ ତାକୁ ପ୍ରଶଂସା କରୁଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଘୃଣା ଚକ୍ଷୁରେ ଦେଖୁଥାଆନ୍ତି। ଲୋକେ କହନ୍ତି ଏଇ ପିଲାଟିର ନାମ ନିରାନନ୍ଦ ନହୋଇ ସଚ୍ଚିଦାନନ୍ଦ ହୋଇଥିଲେ ଭଲ ହୋଇଥାଆନ୍ତା।

ସତ୍ୟାନନ୍ଦ ଓ ବିବେକାନନ୍ଦ, ନିରାନନ୍ଦର ଭଲଗୁଣ ଓ ପ୍ରଶଂସା ସହିପାରିଲେ ନାହିଁ। ଦୁଇଜଣ ନିରାନନ୍ଦକୁ ବିପଦରେ ପକାଇବା ପାଇଁ ଚେଷ୍ଟାକଲି ସତ୍ୟାନନ୍ଦ ଏକ ମିଥ୍ୟା ପନ୍ଥା ବାହାର କଲା। ସେ ଦୁଇଜଣ ନୂଆବର୍ଷରେ ନିରାନନ୍ଦନକୁ ଏକ ସୁନ୍ଦର ସ୍ଥାନକୁ ବୁଲିଯିବାକୁ କହିଲେ। ସରଳିଆ ନିରାନନ୍ଦ ସେଇ ଜାଗାକୁ ନୂଆବର୍ଷରେ ବୁଲିବାକୁ ଯାଇ ଉପଭୋଗ କରିବା ପାଇଁ ରାଜିହେଲା। ରାସ୍ତାରେ ଅନେକ ବଣଭୋଜି ଦଳ ଗାଡ଼ିରେ ଚଢ଼ି ସେଇ ଜାଗାକୁ ଆସୁଥାଆନ୍ତି। ପୂର୍ବରୁ ଯୋଜନା କରିଥିବା ଅନୁସାରେ ଗୋଟିଏ ଗହୀରା ଜାଗା ପାଖକୁ ଯିବାକୁ ତିନିବଂଧୁ ବାହାରିଲେ। ସମସ୍ତେ ନଇଁପଡ଼ି ଖାଲୁଆ ଜାଗାଟିକୁ ଦେଖୁଥିବା ବେଳେ ସତ୍ୟାନନ୍ଦର ମନ୍ଦ ଇଖାରାଲ ବିବେକାନନ୍ଦ ତାର ଅବିବେକୀପଣ ଦେଖେଇ ନିରାନନ୍ଦକୁ ସେଇ ଖାତ ଭିତରକୁ ଠେଲିଦେଲା। ତାପରେ ଦୁଇଜଣ ଖୁବ୍ ଜୋରରେ ଦୌଡ଼ି ପଳାଇଯିବାକୁ ଚେଷ୍ଟା କଲେ। ବିଚରା ନିରାନନ୍ଦ ପଥୁରିଆ ଖାଲ ଭିତରେ ପଡ଼ି ତାର ମଥା ଫାଟିଗଲା। ଯେ ଯନ୍ତ୍ରଣା ସହ୍ୟ କରିନପାରି ମରିଗଲି ମରିଗଲି ବୋଲି ଚିତ୍କାରକଲା। ଗୋଟିଏ ପିକନିକ୍ ଦଳ (ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ) ଗୋଟିଏ ଗାଡ଼ିରେ ସେଇ ଖାତ ନିକଟ ଦେଇ ଯାଉଥିବାବେଳେ ଆର୍ତ୍ତ ଚିତ୍କାର ଶୁଣିଲେ ଓ ଦେଖିଲେ ଦୁଇଟି ପିଲା ଇତସ୍ତତଃ ହୋଇ ଦୌଡୁଛନ୍ତି। ସେମାନେ ନିଶ୍ଚୟ ଜଣକୁ ବିପଦରେ ପକାଇଦେଇ ଦୌଡୁଛନ୍ତି ବୋଲି ସନ୍ଦେହ କରି କିଛି ସେଇ ଦୁଇଜଣଙ୍କୁ ଧରି ପକାଇଲେ ଏବଂ ଅବଶିଷ୍ଟ ୭/୮ଜଣ ନିରାନନ୍ଦକୁ ବହୁ କଷ୍ଟରେ ଖାତ ଭିତରୁ ଉଦ୍ଧାର କଲେ। ତାର ଦେହ ଗୋଡ଼ ହାତ ... ହୋଇ ମୁଣ୍ଡରୁ ଧାର ଧାର ହୋଇ ରକ୍ତ ବୋହୁଥାଏ। ଆଉ ଡେରି ନକରି ସେଇ ଗାଡ଼ିରେ ଡାକ୍ତରଖାନାକୁ ନେଇ ଆସି ନିରାନନ୍ଦର ଚିକିତ୍ସା ଆରମ୍ଭ କରିଦେଲେ। ନିରାନନ୍ଦ ବେହୋସ ହୋଇ ଯାଇଥାଏ। ବହୁ ଡରାହଲି କରି ଉତ୍ତମ ମଧ୍ୟମା ଦେବାରୁ ସତ୍ୟାନନ୍ଦ ଓ ବିବେକାନନ୍ଦ ସ୍ୱେଚ୍ଛାସେବୀଙ୍କ ଆଗରେ ସବୁକଥା ମାନିଗଲେ। ତାପରେ ପୋଲିସକୁ ଖବର ଦେବାରୁ ସେମାନେ ଆସି ପହଂଚିଲେ। ସେମାନେ ଡାକ୍ତରଖାନା ଆସି ନିରାନନ୍ଦଠାରୁ ଘଟଣା ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ। ମାତ୍ର ତାର ଚେତା ଆସିନଥାଏ। ସ୍ୱେଚ୍ଛାସେବୀ ଦଳ ରକ୍ତଦାନ କଲେ ଓ ଡାକ୍ତର ଅକ୍ଳାନ୍ତ ଚେଷ୍ଟାରେ ନିରାନନ୍ଦର ୧ ଘଂଟା ପରେ ଚେତା ଆସିଲା। ସେତେବେଳକୁ ଖବରପାଇ ନିରାନନ୍ଦର ବାପା, ମାଆ, ସାଙ୍ଗସାଥି, ବଂଧୁବାଂଧବ ଆସି ଡାକ୍ତରଖାନା ପହଂଚି ସାରିଥାଆନ୍ତି। ପାଖରେ ସତ୍ୟାନନ୍ଦ ଓ ବିବେକାନନ୍ଦକୁ ହାତରେ ଶିକୁଳି ବାନ୍ଧି ପୋଲିସ ଧରିଥାଆନ୍ତେ। ତାପରେ ପୋଲିସ ନିରାନନ୍ଦକୁ କିପରି ଖାତରେ ପଡ଼ିଗଲା ବୋଲି ପଚାରିଲେ। ନିରାନନ୍ଦର ହୃଦୟ ବହୁତ ନରମ ଓ କମନୀୟ। ସେ ଯଦି ପ୍ରକୃତ କଥା କହିଦେବ, ତାର ଦୁଇବଂଧୁ ବିପଦରେ ପଡ଼ିଯିବେ ଓ ଜେଲ ଯିବେ। ସେ କଣ ବଂଧୁଦ୍ୱୟଙ୍କୁ ବିପଦରେ ପକାଇ ପାରିବ ଅସମ୍ଭବ। ଏଣେ ଏଇ ଦୁଇଜଣଙ୍କର ଆଖି ଛଳଛଳ ହୋଇ ଲୁହରେ ଭର୍ତ୍ତି। ସେମାନେ ଜାଣିଥିଲେ ଚୋରି, ଡକାୟତି, ବଦମାସୀ କଲେ ପୋଲିସ ବାଲା ପିଟନ୍ତି ଓ ଦୋଷୀ ଆଜୀବନ କାରାଦଣ୍ଡ ଭୋଗ କରନ୍ତି। ତେଣୁ ନିରାନନ୍ଦ ବର୍ତମାନ ସବୁ ସତକଥା କହିଦେଲେ ତାଙ୍କ ଜୀବନଟା ଭୋଗ କରନ୍ତି। ତେଣୁ ନିରାନନ୍ଦ ବର୍ତ୍ତମାନ ସବୁ ସତକଥା କହିଦେଲେ ତାଙ୍କ ଜୀବନଟା ଅନ୍ଧକାର ଓ ହା ହା କାର ହୋଇଯିବା ଭୟରେ କୋହ ସମ୍ଭାଳି ନପାରି ଭୋ ଭୋ ହୋଇ କାନ୍ଦି ଉଠିଲେ। ନିରାନନ୍ଦଠୁଁ ସତକଥା ଆଦାୟ କରିବାପାଇଁ ପୋଲିସ ନିରାନନ୍ଦକୁ ପଚାରିଲେ। ନିରାନନ୍ଦ କହିଲା, 'ଆମେ ବଣଭୋଜି କରିବାକୁ ତିନିବଂଧୁ ସେଇ ସ୍ଥାନକୁ ଯାଉଥିଲୁ। ଏହା ଏକ ଘୋର ଜଙ୍ଗଲ ହୋଇଥିବାରୁ ଏକ ବାଘର ହଠାତ୍ ଭୟଙ୍କର ଗର୍ଜ୍ଜନ ଶୁଣିବାକୁ ପାଇଲୁ। ତେଣୁ ପ୍ରାଣ ଭୟରେ ବଣଭୋଜି ସ୍ଥାନକୁ ଯାଇନପାରି ଜୋରରେ ଜୀବନ ବଂଚାଇବାକୁ ଚାହିଁ ଦୌଡ଼ିବା ଆରମ୍ଭ କରିଦେଲୁ। ହଠାତ୍ ମୋ ଅଜାଣତରେ ଏକ ଖାଲୁଆ ସ୍ଥାନକୁ ମୋ ଗୋଡ଼ ଖସଡ଼ି ଯିବାରୁ ମୁଁ ପଡ଼ିଗଲି। ଅନ୍ୟ ଦୁଇବଂଧୁ ମୁଁ ନିଶ୍ଚୟ ପଛରେ ଦୌଡ଼ି ଦୌଡ଼ି ଆସୁଥିବି ବୋଲି ମୁଁ ବି ନିଶ୍ଚିନ୍ତରେ ଦୌଡ଼ିଲେ। ଏଥିରେ କାହାର ଦୋଷ ନାହିଁ, ମୋ ଭାଗ୍ୟର ଦୋଷ। ନିରାନନ୍ଦର ଏ ପ୍ରକାର ଉତ୍ତର ସମସ୍ତଙ୍କୁ ଅବାକ କରିଦେଲା। ସତ୍ୟାନନ୍ଦ ଓ ବିବେକାନନ୍ଦ, ନିରାନନ୍ଦର ଏପରି ବଂଧୁତ୍ୱରେ ତାର ଗୋଡ଼ତଳେ ପଡ଼ି ତାଙ୍କୁ କ୍ଷମା କରିଦେବାକୁ କହିଲେ। ନିରାନନ୍ଦ ବିଛଣାରୁ ଉଠି ଦୁଇବଂଧୁକୁ କୁଣ୍ଢାଇ ପକାଇଲା। ସତ୍ୟାନନ୍ଦ ଓ ବିବେକାନନ୍ଦ ପ୍ରକୃତରେ ନିଜ ନାମର ଯଥାର୍ଥତା ପ୍ରତିପାଦନ କରିବାକୁ ବଜ୍ର ଶପଥ ନେଲେ। ଦୁଇ ବଂଧୁଙ୍କର ଏପରି ବିରାଟ ପରିବର୍ତ୍ତନ ଦେଖି ସମସ୍ତଙ୍କ ହୃଦୟ ତରଳିଗଲା। ସତ୍ୟାନନ୍ଦ ଓ ବିବେକାନନ୍ଦ, ନିରାନନ୍ଦ ସଂପୂର୍ଣ୍ଣ ଭଲ ହେବାଯାଏ ଦୁଇଦିନ ଡାକ୍ତରଖାନାରେ ରହି ତାହାର ସେବା ଯତ୍ନ କଲେ ଓ ନିରାନନ୍ଦକୁ ଆମେ ଗାଁରେ ପହୁଂଚାଇ ଦେଲେ। ସେଇଦିନଠାରୁ ସତ୍ୟାନନ୍ଦକୁ ଲୋକେ ଆଉ ମିଥ୍ୟାନନ୍ଦ ଓ ବିବେକାନନ୍ଦକୁ ଖଳାନନ୍ଦ ନକହି ତାଙ୍କର ତାଙ୍କର ପ୍ରକୃତ ନାମକୁ ଧରି ଡାକିଲେ ନିରାନନ୍ଦର ବଂଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ଯୋଗୁଁ ସ୍କୁଲରୁ ଶିକ୍ଷକ ସରକାରଙ୍କୁ ସୁପାରିଶ କରି ତାକୁ ଉଚିତ୍ ପୁରସ୍କାର ଦେବାକୁ ଅନୁରୋଧ କଲେ। ତିନିବଂଧୁ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶ ସେବା କରିବାକୁ ସମସ୍ତେ ତାଙ୍କୁ ଆଶୀର୍ବାଦ କଲେ।

+ଭି.ଆଇ.ପି. କଲୋନୀ,
ଗୋପାଳଗାଁ, ବାଲେଶ୍ୱର
ମୋ: ୯୪୩୭୩୪୮୭୯୧

---

କବିତା

ତୁମ ପାଇଁ

## ଟିକି ପକ୍ଷୀଟେ ତୁ ଘର ଚଟିଆ

### ଅଶୋକ କୁମାର ପ୍ରଧାନ

ଘର ଚଟିଆରେ ଘର ଚଟିଆ
କୋଉଠି ରହିଲୁ ତୁହି
କେତେ ଖୋଜିଲେ ବି ସକାଳ ସଞ୍ଜରେ
ଠିକଣା ପାଏନି ମୁହିଁ।

ଆମ ଗାଁ ସାହିରେ ପ୍ରତି ଚାଳ ଘରେ
ଆଗେ ଥିଲା ତୋର ଘର
ପକ୍କା ଘର ଏବେ ହେଲା ବୋଲି ତୁହି
କଲୁକିରେ ମୋତେ ପର।

ସକାଳେ ସଞ୍ଜେ ମୁଁ ଶୁଣୁନି ତୋହର
କିଚିରି ମିଚିରି ଗୀତ
ଡେଇଁ ଡେଇଁ ତୁହି ଯାଉନୁ ଦାଣ୍ଡରେ
କି ଖରା ବରଷା ଶୀତ।

ଟିକି ପକ୍ଷୀଟେ ତୁ ମନ ତୋ ଶରଧା
ସଦା ହସ ତୋର ମତି
ମୋ ଉପରେ ଏବେ ରଷି ଅଛୁ ବୋଲି
ଜମା ଆସୁନୁ କି କତି।

କୋଉଠି ରହୁଛୁ କୋଉଠି ଖାଉଛୁ
ମନେ ପଡେ ତୋର କଥା
ମୋ ବିବେକହୀନ କାମ ଭାବିଦେଲେ
ଘୁରି ଉଠେ ମୋର ମଥା।

ମଣିଷ ସିନା ମୁଁ ତୋ ପରି ସରଳ



ହୃଦୟ ମୋହର କାହିଁ
ରାଗ ରୋଷ ଭୁଲି ଥରେ ଆ ଚାଲି
ମୋ ପାଖକୁ ଧାଇଁ ଧାଇଁ।

ତୋଳିବି ତୋ ପାଇଁ ଟିକି ଚାଳ ଘର
ରହିବୁ ସେଥିରେ ହସି
ତୋ ସାଥେ ରହିବି ତୋ ଗୀତ ଶୁଣିବି
ସକାଳେ ସଞ୍ଜେ ମୁ ବସି।

+ଶିକ୍ଷକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ଗଞ୍ଜାମ
ମୋ-୮୨୪୯୧୧୯୧୩୦

---

## ମନେରଖିବ କଥାଟି ମୋର

### ବିନୟ ଭୂଷଣ ପାଣିଗ୍ରାହୀ

ମନ ଲଗେଇ ଶୁଣିବ ଯଦି
କହିବି ପଦେ କଥା,
ବଡ଼ କାମରେ ଆସିବ ତାହା
ନଯିବ କେବେ ବୃଥା।

ଆସନଟିଏ ପକାଇ ତଳେ
ବସିବ ଚକାମାଡି
ବୀଣାପାଣିଙ୍କୁ ସ୍ମରଣ କରି
କରିବ ପଢ଼ାପଢ଼ି।

ପଢିଲାବେଳେ ଆଡେ ସିଆଡେ
ରଖିବନାହିଁ ମନ,
ଶିକ୍ଷକ ଯାହା କହିବେ ତାକୁ
ଶୁଣିବ ଦେଇ ଧ୍ୟାନ।

ନରମ ଗଦି ଉପରେ ବସି
ପାଠ ପଢ଼ଇ ଯିଏ,
ଗଧ ସମାନ ଖଟଇ ସିଏ
କିଛି ମନେ ନରହେ।

ବଡ଼ି ସକାଳୁ ପଢିବ ପାଠ
ବାସି ବିଛଣା ଛାଡି,
ମନେରହିବ ସାରା ଜୀବନ
ନଯିବ ମନୁ ଉଡି।

ଚଟିଆ ପାରି ଭୂଇଁ ଉପରେ
କରିବ ଯୋଗାଭ୍ୟାସ
ରୋଗରୁ ମୁକ୍ତ ହେବ ଶରୀର
ବୃଦ୍ଧି ହେବ ଆୟୁଷ।

ଆସନ ପରେ ବସି ପୁଜିବ
ଇଷ୍ଟଦେବଙ୍କୁ ନିତି,
ପୂଜା ସୁଫଳ ମିଳିବ ନିଶ୍ଚେ
ଦୂର ହୋଇବ ଭୀତି।

+ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ,ଓଡିଶା-୭୫୬୧୩୧
ମୋ:୯୯୩୭୫୪୮୪୩୧

## ଫେରିବ କାଳିଆ ସୁନା

### କୁନା ସେଠୀ

ବାହୁଡ଼ି ଆସିବ କାଳିଆ ଠାକୁର
ନଅ ଦିନ ବିତିଗଲା
ଜନମ ବେଦିରେ ଲୀଳା ଖେଳା କରି
ଶ୍ରୀମନ୍ଦିର ଇଚ୍ଛା କଲା ।

ହଟିଆ ଠାକୁର ହଟ ଲଗାଉଛି
ହଟ ପଣ ନେଇ ତାର
ହାଟ ରେ ବାଟରେ ନାମକୁ ତାହାର
ଡାକୁଛନ୍ତି ବାର ବାର ।

ଶ୍ରୀମନ୍ଦିର ଶୂନ୍ୟ ହୋଇଛି ଏବେତ
ଖାଲି ଖାଲି ଲାଗେ ଘର
ଲକ୍ଷ୍ମୀ ସାଆନ୍ତାଣୀ ଘରର ଘରଣୀ
ରାଗେ ହୋଇଛନ୍ତି ଦୂର ।

ସେବକ ଡାକନ୍ତି ମଣିମା ମଣିମା
ଶୁଣ ହେ ଗୁହାରି ଆମ
କେତେ ଦିନ ଆଉ ଦୂରେଇ ରହିବ
ବନ୍ଦ ହେବ ଆମ କାମ ।

ପୂଜାରୀ ଡାକନ୍ତି ଠାକୁର ଠାକୁର
ଫୁଲ ଚନ୍ଦନ କୁ ନେଇ
ଆସହେ ଗୋସାଇଁ ପୂଜିବି ତୁମକୁ
ମନ ମୋର ପାଦେ ଦେଇ ।

ମନ୍ଦିର ଡାକଇ ହେ ପ୍ରଭୁ ଈଶ୍ୱର
ସିଂହାସନେ ବିଜେ କର
ତୁମ ବିନା ଜମା ଭଲ ଲାଗେ ନାହିଁ
ଶ୍ରୀହୀନ କର ହେ ଦୂର ।

ବାଇଶି ପାହାଚ ଆକୁଳେ କୁହନ୍ତି
ଆସ ଆସ ପ୍ରଭୁ ଚଢି
ଧନ୍ୟ ହୋଇବ ଏ ଶରୀର ଆମ
ତୁମରି ପାଦ ଯେ ପଡି ।

ସାଧୁ ସନ୍ଥ ଯେତେ ଡାକନ୍ତି ଭକତେ
ଆସ ଆସ ଭାବ ଗ୍ରାହୀ
ଭାବକୁ ନିକଟ ଅଭାବ କୁ ଦୂର
ତୁମେ ପରା ବିଶ୍ୱ ସାଇଁ ।

ସମସ୍ତଙ୍କ ଡାକେ ଭାଙ୍ଗିଗଲା ନିଦ
ଉଠିଲେ କାଳିଆ ହାଥି
ଚଢ଼ିବେ ରଥରେ ଫେରିବେ ମନ୍ଦିର
ସଙ୍ଗେ ଥିବେ ସବୁ ରଥୀ ।

♥ ଭୁତସରସିଙ୍ଗି, ଗଞ୍ଜାମ



## ବାହୁଡା ଯାତ୍ରା

### ନିରଞ୍ଜନ ସାହୁ

ବାହୁଡା ରଥରେ ବାହୁଡ଼ି ଆସନ୍ତୁ
ବଡ଼ ଦେଉଳକୁ ପ୍ରଭୁ
ରତ୍ନ ସିଂହାସନ ଖାଲି ପଡ଼ିଅଛି
ତୁଚ୍ଛ ଲାଗେ ଏଠି ସବୁ ।
ଆଡ଼ପ ମଣ୍ଡପ ଜନମ ବେଦୀରେ
ସେତିକି ରହିବା ହେଉ
ତୁମ କର୍ମଭୂମି ଝଲସି ଉଠିବ
ଟିକେ ପାଦ ଦେଉଦେଉ
ତୁମେ ବିଜେକଲେ ଆନନ୍ଦ ବଜାରେ
ଅଭଡ଼ା ତୁଣ୍ଡରେ ଦବୁ ।
ଲକ୍ଷ୍ମୀ ଠାକୁରାଣୀ ରୁଷି ବସିଛନ୍ତି
ଆଖିରୁ ଝରୁଛି ଲୁହ
କାହିଁକି ଠାକୁରେ ଦୁଃଖ ଦେଉଛନ୍ତି
ତୁଣ୍ଡ ଖୋଲି ଥରେ କୁହ
ବଡଦାଣ୍ଡେ ରଥ ଗଡ଼ିଗଡ଼ି ଆସୁ
ଭକତ ଉଦ୍ଧରୁ ଭବୁ ।

♥ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ : ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ସୁନାବେଶ

### ଜଗଦୀଶ ସାହୁ

ଜଗା କାଳିଆର ପହଣ୍ଡି ସୁନ୍ଦର
ସୁନ୍ଦର ତା' ନନ୍ଦିଘୋଷ
ସବୁଠୁ ସୁନ୍ଦର ବଡ଼ଦାଣ୍ଡେ ତାର
ଏକାଦଶୀ ସୁନାବେଶ !
ଦେଖୁଥିବେ ଭକ୍ତ ଟେକି ଦୁଇହାତ
କଳା ଶ୍ରୀମୁଖକୁ ଚାହିଁ
ସେ ବେଳର ଶୋଭା କେଡେ ମନଲୋଭା
ଭାଷାରେ ନୁହଁଇ କହି
ଦୁର୍ଲ୍ଲଭ ଏ ବେଶ ଦେଖିଲେ ଅବଶ୍ୟ
ପାପ ତାପ ହୁଏ ନାଶ !
ସୁନାର କିରୀଟ ଦିଶେ ଝଟଝଟ
ନାଆଁ ତା କାଳିଆସୁନା
ସୁନାର ତିଳକ ମୋହୁଛି ମୂଲକ
ଶରଧାରେ ତାକୁ ଅନା
ଭାବ ଭକତିରେ ଦେଖିଦେଲେ ଥରେ
ମିଳିବ ସରଗବାସ !

♥ ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬



## ଟେକି ଦେଲି ହାତ

### କାଳିକିଙ୍କର

ଟେକି ଦେଲି ହାତ
ତୁମକୁ ଦେଖିହେ ନାଥ
ଆକାଶ କହିଲା, ଧନ୍ୟ ହେ ପ୍ରଭୁ
ତୁମେ ଜଗତର ନାଥ
ସାରା ସଂସାରର
ଯେତେକ ଦୁଃଖ, ହେଉ ଦୂରିତ
ବଡ଼ଦାଣ୍ଡେ ଗଡୁ ରଥ।

ଟେକିଦେଲି ହାତ
ଅଟକିଗଲା ହେ ରଥ
ଆଖି ଖୋଲି ଦେଖେ
ମୋ ଆଗରେ ସ୍ୱୟଂ
ପ୍ରଭୁ ଆଜି ଆବିର୍ଭୁତ
କହିଲେ ଦେଖହେ
କି ସୁନ୍ଦର ଉଡେ
ବଡ଼ଦେଉଳରେ ନେତ
ଦୂର ହୋଇଯାଉ
ମୋର ଜଗତର ଦୁଃଖ
ସଭିଏଁ ସଂସାରେ
ମୋହର କରୁଣାଶ୍ରିତ।

♥ ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭

## ତୋ ଶ୍ରୀକ୍ଷେତ୍ର ବୁଲେଇ ନେ

### ଦିନେଶ ମେହେର

ଚାତକଟିଏ ପରି
ଅଠର ବର୍ଷ କାଳ ହେଲା
ଅପେକ୍ଷା କରିଛି ତୋ ଡାକରାକୁ;
ଗୋପନରେ ଲୁଚି ରହିଥିବା
ଯୌବନ ମୋର,
ଧିରେ ଧିରେ ଅନ୍ତ ହେବାକୁ ବସିଲାଣି।
କେତେ ନୂଆଁ ପୁରୁଣା ଚେହେରା
କେତେ ନୂଆଁ ପୁରୁଣା ଦୁର୍ଗ ସବୁ
ବଦଳି ସାରିଲାଣି;
ଧିରେ ଧିରେ ସାରିବାକୁ ଲାଗିଲାଣି
ମୋ ଆୟୁଷ, ମୋ ଯୌବନ
କିନ୍ତୁ କେବଳ ଆଶାଟିଏ ତୋଠି
ମିଞ୍ଜି ମିଞ୍ଜିକା ଖଦ୍ୟୋତ ଜ୍ୟୋତି ସଦୃଶ
ଜୀବନ୍ତ ରହିଛି,
କିନ୍ତୁ ତୁ ଯେ ଭୁଆଁ ବୁଲେଇ ଚାଲିଛୁ।
କାଳିଆ !
ଥରେ ତୋ ଶ୍ରୀକ୍ଷେତ୍ର ବୁଲେଇ ନେ
ଦେଖେଇ ଦେ ତୋ ନାଗାର୍ଜୁନ ବେଶ
ତୋ ଅପରୂପ ସୌନ୍ଦର୍ଯ୍ୟକୁ
ମୋ ବେନି ନୟନକୁ ଦୃଷ୍ଟିଗୋଚର
ଥରେ ହେଲେ କରେଇ ଦେ;
କେଉଁ ଜନମର ରାଗ ଶୁଝେଇ ଆସୁଛୁ,
କୋଟି ଭକ୍ତକୁ ସୁଯୋଗ ପରେ ସୁଯୋଗ
ଦେଇ ଚାଲିଛୁ,
କିନ୍ତୁ ମତେ କେବଳ ନିରାଶ କରି
ଫିରେଇ ଦେଉଛୁ,
କାଳିଆରେ,
ଥରେ ହେଲେ ତୋ ଡୋରି
ଲଗେଇ ଦେ,
ଥରେ ହେଲେ ତୋ ଶ୍ରୀକ୍ଷେତ୍ର
ବୁଲେଇ ନେ।

♥ ପଳାସ କଳାହାଣ୍ଡି

## ବାହୁଡ଼ା ଯାତ୍ରା

### ଝରଣା ବାରିକ

ବଳିଆ ଭାଇ ମୋ ଗଲା ପଳେଇ
ସୁଭଦ୍ରା ତା ପଛେ ପଛେ,
ମୋ ଉପରେ କାଇଁ ଏତେ ଅଭିମାନ
କରିଅଛ ପ୍ରିୟା ମିଛେ।

କେମିତି ଭାଙ୍ଗି ବି ତୁମ ଅଭିମାନ
ହେଇ ଗଲା ଟିକେ ଭୁଲ୍,
ମାନି ଯାଅ ପ୍ରିୟା ବାଟ ଛାଡ଼ିଦିଅ
କର ନାହିଁ ହୁଲ୍ ଚୁଲ୍।

ବଡ ଦେଉଳରେ ମୁଁ ନ ରହିଲେ
ଭଲ କି ଦିଶିବ କୁହ,
ଭକତ ମାନେ ମୋ ବିଚଳିତ ହେବେ
ନ ଦିଶିଲେ କଳା ମୁହଁ।

ବଡ଼ପଣ୍ଡା ମୋର ମୁହଁ କୁ ଶୁଖେଇ
ଲୁହ ଢାଳୁଥିବ ନିତି,
ବିନା ଗହଳିରେ କଟିଯିବ ପରା
କିବା ଦିନ କିବା ରାତି।

ରାଜା କାନ୍ଦୁ ଥିବେ ରାଣୀ କାନ୍ଦୁ ଥିବେ
କାଳିଆ ମନ୍ଦିରେ ନାହିଁ,
ମାଉସୀ ଘରକୁ ଯାଇଥିଲା ବୁଲି
ନ ଫେରିଲା ଆଉ କାହିଁ।

ମାନ ତେଜ ମନୁ ଆସେ ତୁମ କାହ୍ନୁ
ପାଛୋଟି ଘରକୁ ନିଅ,
ଅଭିମାନ ଛାଡି ହସି ଦିଅ ଟିକେ
ରସଗୋଲା ଟିଏ ଖାଅ।

ରସଗୋଲା ଖାଇ ଲକ୍ଷ୍ମୀ ଠାକୁରାଣୀ
ସବୁ ରାଗ ଗଲେ ଭୁଲି,
ରାଗିବିନି ଆଉ ପ୍ରଭୁ ଙ୍କ ଉପରେ
ଯୁଆଡ଼େ ଯାଆନ୍ତୁ ବୁଲି।

♥ ସମଲ, ତାଳଚେର, ଅନୁଗୋଳ

## ଅଭିମାନ କରିଛି କାଳିଆ

### ଅନନ୍ତ କୁମାର

ନନ୍ଦିଘୋଷ ଟାଣି ପାରିଲିନି ବୋଲି
ତୋ ବଡ ଦାଣ୍ଡେ ଯାଇ,
ଅଭିମାନ କରି ନିରବ ରହିଲ
ଦୁଃଖ ଶୁଣିଲ ନାହିଁ,

ଦିନ ହୀନ ଦୁଃଖୀ ମୁହିଁ
ଓଳିଏ ଖାଇଲେ ଓଳିଏ ନାହିଁ
ସବୁ ଜାଣି ଶୁଣି ଯଦି
ଅବୁଝା ରହିବ କି କରିବି ମୁହିଁ ?

ଘର ସଂସାର ବୋଝକୁ ମୁଣ୍ଡେଇ
ଦୁଃଖରେ ବିତେ ଜୀବନ
ତଥାପି ମନର କଥାକୁ ଚାପି
ଚାହେଁ ତୋତେ ମୋ ନୟନ,

ଭାବିଥିଲି ତୋ ନନ୍ଦିଘୋଷ ଛୁଇଁ
ଧୋଇବି ପାପ ବଡ ଦାଣ୍ଡେ
ଆଶା ସବୁ ଆଶାରେ ରହିଗଲା
ପାରିଲିନି ଯାଇ ତୋ ପାଶେ,

ଅଳପ ଧନ ବିକଳ ମନ
ଜାଣିଛ ଏ ଭକ୍ତର କଥା
କାହିଁକି ମିଛ ସ୍ୱପ୍ନ ଦେଖାଇ
ମନରେ ଭର ସଦା ବ୍ୟଥା,

ତୁମେ ତ ଦୟାର ସାଗର
ତୁମେ ହିଁ ତ କରୁଣାର ସାଗର
ତୁମେ ନ ବୁଝିଲେ ମୋ ଦୁଃଖ
କିଏ ବୁଝିବ ଦୁଃଖ ଅଧମର,

ଚକା ଆଖି ମେଲି ମେଲି
ସାରା ସଂସାରକୁ ଦେଖୁଛ
ମୋ ଦୁଃଖ ସବୁ ଦେଖି
କାହିଁ ଅଭିମାନ କରୁଛ ?

ହାତ ଯୋଡି ଗୁହାରି କରୁଛି ପ୍ରଭୁ
ଆଜି ଏ ଦିନ ହୀନ ଭକ୍ତ
ବଞ୍ଚି ଥିବି ଯଦି ଆର ବରଷକୁ
ଟାଣିବି ଯାଇ ତୁମ ରଥ,

♥ ତିହିଡି, ଭଦ୍ରକ
ମୋ: ୮୩୩୯୯୩୯୯୨୯

## ବାହୁଡ଼ା ଯାତ

### ଜୟନ୍ତ କୁମାର ମଲ୍ଲିକ୍

ଗୁଣ୍ଡିଚା ଯାତରେ ଯାଇଥିଲେ ପ୍ରଭୁ ମାଉସୀ ମାଆର ଘର
ବାହୁଡ଼ା ଯାତରେ ବାହୁଡ଼ିଲା ପରେ ବିଜେହେବେ ଶ୍ରୀମନ୍ଦିର,
ଭକ୍ତଶୂନ୍ୟ ଥିବା ବଡ଼ ଦେଉଳତ ହେବ କୋଳାହଳମୟ
ବଡ଼ଦାଣ୍ଡଟାତ ହେବ ମୁଖରିତ ଜୟ ଜଗନ୍ନାଥ ଜୟ,
ଭାବ ବିନୋଦିଆ ପ୍ରଭୁ ଜଗନ୍ନାଥ ଭାଇଭଉଣୀଙ୍କ ସହ
ଭକତ ମନରୁ ହରିନେଇ କୋହ ପୋଛି ଦେବେ ଆଖିଲୁହ,
ଭବ କଷଣରୁ ମୁକତି ଦେବାକୁ ପ୍ରଭୁଙ୍କର ରଥଯାତ
ଭକତ ଡ଼ାକକୁ କାନ ଡେରି ପ୍ରଭୁ ହୋଇଥାନ୍ତି ଆତଯାତ,
ଜଗତ ଜନନୀ ଲକ୍ଷ୍ମୀ ଠାକୁରାଣୀ ପ୍ରଭୁଙ୍କୁ ଯେ ଝୁରିଝୁରି
ଦେଉଳ ଭିତରେ ମୁହଁକୁ ଫୁଲେଇ ବସିଛନ୍ତି ମନମାରି,
ନୀଳାଦ୍ରି ବିଜୟ ସମୟରେ ପ୍ରଭୁ ପ୍ରବେଶିବେ ଦେଉଳରେ
ଭକତଜନଙ୍କୁ ଦିବ୍ୟ ଦରଶନ ଦେବେ ପ୍ରଭୁ ଆନନ୍ଦରେ।

♥ ଶୂରଡ଼ିହ,ନନ୍ଦିପୁର,ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭

## ସୁନାବେଶ

### ସୁନନ୍ଦା ମହାନ୍ତି

ରୂପାଜହ୍ନ ପରି ତାହାରି ମନ
ସୁନାଜହ୍ନ ପରି ତା ବଦନ
ସିଏ ମୋ କାଳିଆ ଧନ
ଶିବଶଙ୍କର ସିଏ ହନୁମାନ,କରେ ଧ୍ୟାନେ
ଯିଏ ହୁଅନ୍ତୁ ସେ ମୋହରି ପ୍ରଭୁ
ତାଙ୍କ ଭିତରେ ଦେଖେ ମୁଁ ବିଶ୍ୱର ସବୁ
ସିଏ ମୋ ଦିବ୍ୟଲୋଚନ
କାଇଁଚ ମାଳିଆ ମୋ ଗରୁଡ ବାହାନ
ସୁନା ମୁକୁଟରେ ରୂପା ଛଟକରେ
କିନିନିଏ ମନ, ମନମୋହନ
ଅପଲକ ଆଖି ଦେଖି ଯାଏ ଲାଖି
ସେ'ତ ଆମ ଶ୍ୟାମଘନ ମଧୁସୂଦନ
ସେ ଅପଘନ ମନ ଲାଖିଯାଏ ଶୋଭା ଦର୍ଶନ
ଚତୁର୍ଦ୍ଧା ମୂରତଙ୍କ ସ୍ୱର୍ଣ୍ଣଶୋଭନ
ମୋ କଳା ଜହ୍ନରେ ଚାନ୍ଦବଦନ
ତତେ ଦେଖିବାକୁ ଉଚ୍ଛନ୍ନ ଅଧୀର ମନ
କୃତାର୍ଥ ଭକ୍ତ ଦେଖି ଦୁର୍ଲ୍ଲଭ ଦର୍ଶନ
ଦିଅନ୍ତି କରତାଳି ଘନଘନ କରି ଦିବ୍ୟଦର୍ଶନ
ହୁଳହୁଳି ଶବଦରେ କମ୍ପେ ଗଗନ ପବନ
ଆମ ସଭିଙ୍କର ଘେନ ପ୍ରଣାମ ହେ ଚକାନୟନ ।

♥ ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

## ରଥ ପଥ

### ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଆଦୃଶ୍ୟଙ୍କ ଡୋରର ଆକର୍ଷଣରୁ
କିଏ ନିସ୍ତାର ପାଇଛି ଯେ ?
ଖାଲି ଯାହା ବଡ଼ିମା ଦେଖାଇବାର
ଏକ ନାଟକୀୟତା।
ଭକ୍ତ ହାତରେ ଭଗବାନଙ୍କ ଦଉଡ଼ି ?
ପୁଣି ଆମେ ଟାଣୁ
ନା ଟାଣି ହେଉ ?

ତାଙ୍କ ପାଇଁ ତ
ରଥ ଗଢିବାର
ଅଭିନବ କେତେ ଯୋଜନା
ରଥ ତାଙ୍କର / ପଥ ତାଙ୍କର
ଭାବ ହେଉ ଅବା ଭକ୍ତି
ସ୍ତୋତ୍ର ହେଉ ଅବା ସୂକ୍ତି
ସେ ହିଁ ତ ଅଭିବ୍ୟକ୍ତି
ସେ ହିଁ ମୁକ୍ତି ।

କିଏ କହିଲା ବିନା ଭକ୍ତରେ
ଏ ଯାତ୍ରା ବିଫଳ।
ଏଠି ତ ଭକ୍ତିର ନାହିଁ ଥଳକୂଳ।
ହୃଦୟେ ଭର୍ତ୍ତି ଆଶ୍ୱାସର ପଦ୍ମ
ଭାବ ସାଗରରେ ଲୀନ ହୋଇ ଯାଉ ଯାଉ
ମହକୁଛି ଜୀବନ ଦର୍ଶନ।
ପ୍ରଲମ୍ବିତ ଆବେଗର ଏକ ଦୀର୍ଘଶ୍ୱାସ
ଲିଭେଇ ଚାଲିଛି
ବ୍ୟବଧାନର ସୀମାରେଖା।
ହୃଦୟ ରଥରେ
ମନ ଅଶ୍ୱକୁ ଲଗାମ ଦେଉ ଦେଉ
ନିରୂପିତ ହେଉଛି ଏକ ନିର୍ଦ୍ଦିଷ୍ଟ ପଥ
ଯେଉଁଠି ମୁଁ ଅଦୃଶ୍ୟ
ସେ ଦୃଶ୍ୟମାନ।

♥ ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ସରିଲେ ଘୋଷଯାତ୍ରା ବଢ଼ିବ ରୋଷମାତ୍ରା

### ଶିବ ପ୍ରସାଦ ବାହିନୀପତି

ସରିଲେ ଘୋଷଯାତ୍ରା ବଢ଼ିବ ରୋଷମାତ୍ରା
କାଳିଆ କମଳା କଳି
ମନ୍ଦିରେ ମହାଲକ୍ଷ୍ମୀ କ୍ରୋଧରେ ଜଳିଲେଣି
ସତେ ପକାଇବେ ଗିଳି ।
ଅଣ୍ଟାରେ ଲୁଗା ଭିଡ଼ି ଲକ୍ଷ୍ମୀ କରିବେ କଳି
ଅଛନ୍ତି କବାଟ କିଳି
ଯେତେକ ଦାସଦାସୀ ଦୁଃଖନ୍ତି ପାଶେ ବସି
ସଭିଙ୍କୁ ଦିଅନ୍ତି ଗାଳି ।
ଗାର୍ହସ୍ଥ୍ୟ କଳି ଇଏ ତୁମ୍ଭେ ଯାଅ ସଭିଏଁ
ମୋ' କଥା ବୁଝିବି ମୁହିଁ
ଗତି ଅନ୍ତର ନାହିଁ ଆଉ ତାଙ୍କ ପାଇଁ
ଭାଙ୍ଗିବି ନିଷ୍ଠେ ବଡ଼ାଇ ।
ଏମନ୍ତେ କେତେ କଥା ସଖୀଙ୍କୁ ଦିଏ ବ୍ୟଥା
ନିରୁପାୟ ସଖୀଗଣ
ଉପାୟଶୂନ୍ୟ ହୋଇ ମଉନେ ଛନ୍ତି ରହି
ଲକ୍ଷ୍ମୀ କରିଛନ୍ତି ମାନ ।
ତୁରନ୍ତ ଯାଅ ଜଗା ଠାକୁରାଣୀଙ୍କୁ ତ ବୁଝା
ଚୂର୍ଣ୍ଣ କର ଅଭିମାନ
ଭାଇ ମୋ' ହଳଧର ହୋଇବେ ଦେଢ଼ଶୁର
ସଂସାରେ ହସିବେ ଜନ ।
ଭାତୃବଧୂଟେ ହୋଇ କହୁଛ ଯିବା ପାଇଁ
ଜଗତ ବୋଲିବ କିସ
ଧିକାରିବେ ସରବେ ସଂସାର ଯାକ ଲୋକେ
ଧିକ ଲକ୍ଷ୍ମୀ ଜଗନ୍ନାଥ ।
ବିଳମ୍ବ ତୁ ନକର ଯାଅରେ ତୁ ସତ୍ୱର
ବେଳ ହେଲାଣି ଉଚ୍ଛୁର
ରୁଷି ସେ ବସିଛନ୍ତି ତାଙ୍କୁ ତୁ କର ଶାନ୍ତି
ଖୋଲନ୍ତୁ ସିଂହଦୁଆର

♥ ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୯୧୭୪୮୦୫୩୬

## କବିର କାଳିଆ

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

କାଳିଆର ଗାଢ଼ କଳା ଦେହ
ଢ଼େଗା ଢ଼େଗା ଚକାଆଖି
ଖଣ୍ଡିଆ ହାତ
ଶ୍ରୀମୁଖର ଉଦାରତା
ଆଉ,ପ୍ରୀତିପୂର୍ଣ୍ଣ ଆତ୍ମୀୟତାରେ
କବି ଆତ୍ମହରା ହୋଇଯାଏ ।
କାଳିଆ ହସିଲେ
ଦୁନିଆ ହସେ...
ବଡ଼ଦାଣ୍ଡରେ ଆତ୍ମନବମ ଫୁଟେ
କରୁଣାର ବାସ ଛୁଟେ
ମହୋଦଧିରେ ଆନନ୍ଦର ଉର୍ମିମାଳା ଉଠେ,
କାଳିଆ ଚାହିଁଦେଲେ-
ଅନ୍ଧର ଅମା ତୁଟିଯାଏ
ମୁକର ପାଟି ଫିଟିଯାଏ
ବଧିରବି ସବୁ ଶୁଣିପାରେ
ପଙ୍ଗୁ ଗିରି ଲଙ୍ଘିପାରେ...
ଅସତ୍ୟର ମୁଖା ଖୋଲିଯାଏ
କବିର ପ୍ରାଣରେ ସେତେବେଳେ
ଭାବସମୁଦ୍ର ଲହଡ଼ି ଭାଙ୍ଗେ...
କଣ୍ଠରେ ଗୀତ ଗୋବିନ୍ଦ ଝଙ୍କାର ତୋଳେ
ଓଠରେ ପେନ୍ଥା ପେନ୍ଥା
ହସଫୁଲ ଲଟକି ପଡ଼େ
ମଥାରେ ଶୁଭାଶିଷର ଶରଧାବାଲି ଝରିଯାଏ।
କାଳିଆ ରାଗିଗଲେ-
ଚକ୍ର ଛେଦିଯାଏ ସବୁ ଦୁଷ୍ଟଙ୍କ ମୁଣ୍ଡ
ଆପଣାଛାଏଁ ବନ୍ଦ ହୋଇଯାଏ
ସବୁ ପାପିଙ୍କର ତୁଣ୍ଡ...
ସବୁ ଗର୍ବ ଦମ୍ଭ ଅହଙ୍କାର
ଚୁର୍ଣ୍ଣିଭୂତ ହୋଇଯାଏ...
ଠିକ୍ ଏତିକି ବେଳେ
କବିର ଲେଖନୀ ଥରାଇ ଝରି ଆସେ
ଆତ୍ମ ସମର୍ପଣର ବିନୀତ ପ୍ରାର୍ଥନା।

♥ କଣ୍ଟାବଣିଆ,ଛତ୍ରପଡ଼ା,ଯାଜପୁର
ମୋ-୮୫୯୪୮୮୫୮୯୮

## ବାହୁଡ଼ା ଯାତ୍ରା

### ସୁନୀଲ କୁମାର ପ୍ରଧାନ

ଶ୍ରୀମନ୍ଦିର ସତେ ଶୂନ୍ୟ ହୋଇଅଛି
ନାହାନ୍ତି କଳା ଠାକୁର
ରତ୍ନ ସିଂହାସନ ଖାଲି ପଡ଼ିଅଛି
ନାହାନ୍ତି ବଡ ଠାକୁର ।

ଆନନ୍ଦ ବଜାରେ ଗହଳି ନାହିଁ
ଭକ୍ତ ଶୂନ୍ୟ ଶ୍ରୀମନ୍ଦିର
ଜଗା ଯାଇଅଛି ଯାତରା କରି
ନଅ ଦିନ ପ୍ରାୟ ମାତର ।

ନଅଦିନ ପ୍ରାୟ ଯାତ୍ରା ସାରିକରି
ଲକ୍ଷ୍ମୀଙ୍କ ଆଦେଶ କ୍ରମେ
ବଡ଼ ଠାକୁରଙ୍କ ବାହୁଡା ହୁଅଇ
ଶ୍ରୀନଅର ପରିକ୍ରମେ ।

ମାଉସୀମାଆଙ୍କ ପୋଡ଼ ପିଠା ଖାଇ
ଫେରନ୍ତି ତିନି ଠାକୁର
ସରଦା ବାଲି ତ ଝୁରି ହୋଇଥାଏ
ନିଳାମୟ ନୀଳ ଠାକୁର ।

ବାହୁଡ଼ା ର ବେଳେ ବଡ଼ ଦାଣ୍ଡଠାରେ
ସୁନା ବେଶ ସାରି କରି
ଅଧର ପଣା ନୀତି ଅନୁଷ୍ଠିତ ହୁଏ
ଶ୍ରୀମନ୍ଦିର ସମ୍ମୁଖରେ ।

ଜଗତ ପିତା ଙ୍କ ନୀଳା ଯେ ଅଭିନ୍ନ
ଥାଏ ପୁଣି ଅଗଚର
ନିଜେ ନିଜର ସୃଷ୍ଟି କର୍ତ୍ତା ହୋଇ
ବୋଲାନ୍ତି ସର୍ବେଶ୍ୱର ।

ବାହୁଡ଼ା ଯାତରା ସମାପ୍ତ କରିଣ
ପ୍ରଭୁ ଆସିଥାନ୍ତି ପୁରେ
ଲକ୍ଷ୍ମୀ ଦେବୀ ସତେ ବାଟ ନ ଛାଡନ୍ତି
ମନରେ ରୋଷ ଭରେ ।

ଶେଷରେ ମାଆଙ୍କ ପାଇଁ ମହାପ୍ରଭୁ
ଆଣିଥାନ୍ତି ଚିତ୍ର ଲେଖା ପାଟ
ମନ ଆନନ୍ଦରେ ଲକ୍ଷ୍ମୀ ମାଆ ସତେ
ଖୋଲି ଦିଅନ୍ତି କବାଟ ।

♥ ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬




## ବାହୁଡ଼ା ବ୍ରହ୍ମଙ୍କର ବାହୁଡ଼ା ଯାତ

### ବାପିନି ସିଂ

ଓଡ଼ିଆ ଜାତିର ମଉଡ଼ମଣି ତୁ
ଭକତଙ୍କର ଭଗବାନ ,
ସଂସାର ଦେଖିବ ତୋ ବାହୁଡ଼ା ଯାତ
କରି ତୋତେ ଦରଶନ ।

ଜନମ ବେଦୀକୁ ବୁଲିବାକୁ ଯାଇ
ସାତ ଦିନ ସେଠି ରହୁ ,
ଅର୍ଦ୍ଧାସନି ଦେବୀ ମାଉସୀ ମାଆଠୁ
ପଥେ ପୋଡ଼ ପିଠା ଖାଉ ।

ଖିରି ପୁରୀ ସାଙ୍ଗେ ପୋଡ଼ ପିଠା ଖାଇ
ମନ ବୁଝିଗଲା ଯେବେ ,
ଅନ୍ନପୂର୍ଣ୍ଣାଙ୍କ ପାଶେ ବଡ଼ ଦେଉଳକୁ
ଫେରି ତୁ ଆସିଲୁ ସେବେ ।

ରଥ ଗଡୁଥିଲା ଚକ ଗଡୁଥିଲା
ଶୁଭୁଥିଲା ଜୟଧ୍ୱନି ,
ଡାହୁକ ପାଟିରୁ ଶୁଭୁଥିଲା ଗାଳି
ହସୁଥିଲୁ ତୁନି ତୁନି ।

ନଅ ଦିନ ପରେ ଫେରିଲୁ ସିନା ତୁ
ଦେଉଳକୁ ଗଲୁ ନାହିଁ ,
ଜ୍ୱର ହେବ ବୋଲି ଅଧାବାଟ ଆସି
ଗୋଟେ ଦିନ ଗଲୁ ରହି ।

ଆଜି ବାହୁଡ଼ାରେ ବଡ଼ ଦେଉଳରେ
ଆନନ୍ଦର କୋଳାହଳ ,
ଫେରିଆସୁ ବୋଲି ରତ୍ନବେଦୀ ହସେ
ସେବକ ଚଳ ଚଞ୍ଚଳ ।

ଦଶମୀରେ ଦେଖି ତୋ ବାହୁଡ଼ା ଯାତ
ଉଲ୍ଲସିତ ଭକ୍ତଙ୍କ ମନ,
ଏକାଦଶେ ସ୍ୱର୍ଣ୍ଣ ବେଶର ଚମକ
ଅଧର ପଣାର ଦିନ ।

ବାହୁଡ଼ି ଆ ତୁ ବାହୁଡ଼ା ରଥରେ
ସିଂହ ଦୁଆରକୁ ତୋର,
ମାଉସୀ ମା' ଘରେ ଲୀଳାଖେଳା ତୋର
ସରିଲା ଏ ବରଷର ।

♥ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର ,ବାଲେଶ୍ୱର
ମୋ: ୯୯୩୭୮୨୦୮୩୧

# ବାହୁଡ଼ା ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି, ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ରେମୁଣା, ୦୮/୦୭ (ନି.ପ୍ର): ରେମୁଣା ବାଳଗୋପାଳପୁର ଶିଳ୍ପାଂଚଳ ସ୍ଥିତ ଇମାମି ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆ ବେଶ ଜମିଉଠିଛି । ଶନିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବାକୁଥିବାବେଳେ ଚଳିତ ବର୍ଷ ଅଷ୍ଟମ ଦିବସ କାର୍ଯ୍ୟକ୍ରମ ମହାସମାରୋହରେ ସମ୍ପନ୍ନ ହୋଇଛି । ଜିଲା ତଥା ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଭାଗବତ କଥା, ଦାଣ୍ଡିଆ ନୃତ୍ୟ, ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ହରିନାମ ସଂକୀର୍ତନ, ରଙ୍ଗୋଲି ପ୍ରତିଯୋଗିତା ଏବଂ ଶ୍ରୀକୃଷ୍ଣ ଚରିତ ରାସଲୀଳା, ଦୀପଦୀପାବଳୀ, ହବନ ଓ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଇମାମି ନଗରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ଅଷ୍ଟମ ଦିନରେ ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା ସମାପନ ସାଙ୍ଗକୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଲାଗିଥିଲା । ଅପରାହ୍ଣରେ ନାମ ସଂକୀର୍ତନ, ବୃନ୍ଦାବନରୁ ଆସିଥିବା ଧ୍ରୁବ୍‌ଜୀ ଏବଂ ସ୍ୱର୍ଣ୍ଣଶ୍ରୀଜୀଙ୍କ ଦ୍ୱାରା ଆଧ୍ୟାତ୍ମିକ ଭାଗବତ କଥା ପ୍ରବଚନରେ ନବଯୋଗଶ୍ୱର ସମ୍ବାଦ, ଅବଧୂତ ଅକ୍ଷଣ, କାଳୀ ଧର୍ମ ଆଲୋଚନା ସହିତ ଭାଗବତ କଥା ସମ୍ପନ୍ନ ହୋଇଛି । ଅନୁରୂପଭାବେ ଶ୍ରୀକୃଷ୍ଣ ଚରିତଯୁକ୍ତ ରାସଲୀଳା, ଇମାମି ଲେଡ଼ିଜ୍ କ୍ଲବ୍ ତରଫରୁ ମନୋରଞ୍ଜନ କାର୍ଯ୍ୟକ୍ରମ, ଦାଣ୍ଡିଆନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ବାଳଗୋପାଳପୁରସ୍ଥିତ ମାରିଲାକ୍ ସେବାସଦନର ଅନ୍ତେବାସୀଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା । ଶନିବାର ବାହୁଡ଼ା ଯାତ୍ରା ପରିପ୍ରେକ୍ଷୀରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶିଲ୍ କୁମାର ଗୋଏଙ୍କା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସ୍ଥାନୀୟ କାଗଜକଳର ସଭାପତି ଆଶିଷ୍ ଅବିନାଶ ଗୁପ୍ତା, ଅତିରିକ୍ତ ଉପସଭାପତି ରାଜେଶ୍ କୁମାର ମିତଲ୍, ସାଧାରଣ ପରିଚାଳକ ଡ. ୟୁସୁଫ୍ ଅଲୀ ସୋଲାଙ୍କି, ଡି.ଜି.ଏମ୍. ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଂଟିଆ, ଏ.ଜି.ଏମ୍. ଓମପ୍ରକାଶ ଶର୍ମା ଏବଂ ବରିଷ୍ଠ ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଂଜନ ଦାସସାମନ୍ତରାୟ, ମନ୍ଦିରର ମୁଖ୍ୟପୂଜକ ପ୍ରଦୀପ୍ତ କୁମାର ମିଶ୍ର ଓ ବହୁ ବରିଷ୍ଠ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମପରିଚାଳନାରେ ସହଯୋଗ କରୁଛନ୍ତି । ୯ତାରିଖ ଶନିବାର ସକାଳ ୫ଟା ୧୫ରେ ମଙ୍ଗଳ ଆରତୀ, ୮ଟା ୪୭ରେ ମଙ୍ଗଳାର୍ପଣ, ୯ଟା ୨୩ରେ ଆଜ୍ଞାମାଳ, ୧୧ଟା ୩୪ରେ ଧାଡ଼ି ପହଣ୍ଡି, ଦିନ ୨ଟା୨୫ରେ ଛେରା ପହଁରା ଏବଂ ୩ଟା୩୩ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ଏହି ଅବସରରେ ଯାତ୍ରା ତଥା ଚଳଚିତ୍ର ଜଗତର ବହୁ ନାମିଦାମି କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦସେବନ, ପାନୀୟଜଳ ଓ ସୁରକ୍ଷାବ୍ୟବସ୍ଥା ଆଦି ମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବାବେଳେ ଇମାମୀ ନଗର ଗୁଣ୍ଡିଚା ମନ୍ଦିର ପରିସର ଜଗନ୍ନାଥ ମହାପ୍ରଭୁଙ୍କର ଭାବ ଆବେଗରେ ପରିପୂର୍ଣ୍ଣ ହୋଇଉଠିଛି ।

## ଜ୍ୟୋତିଜଂଗମ ସେବା ସମବାୟ ସମିତିର ସଭାପତି ହେଲେ ସଂଜୟ କର

ଜଳେଶ୍ୱର, ୦୮/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋସ୍ଥିତ ଅନ୍ୟଏକ ବୃହତ୍ ସେବା ସମବାୟ ସମିତି ଜ୍ୟୋତିଜଂଗମର ସଭାପତିଭାବେ ସଂଜୟ କୁମାର କର ନିର୍ବାଚିତ ହୋଇଛନ୍ତି । ଶ୍ରୀ କର ମୋଟ ୧୧ଟି ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ଆସନ୍ତା ଦିନରେ ସମିତିର କଳେବର ବୃଦ୍ଧି, ନୂତନ ଗୋଦାମ ଘର, କାର୍ଯ୍ୟାଳୟ ନିର୍ମାଣ କରିବେ ବୋଲି କହିଛନ୍ତି । ଚାଷୀଙ୍କ ସମସ୍ୟା ଦୂର କରିବା ସହିତ ସମସ୍ତ ଚାଷୀଙ୍କୁ ବିମାଭୁକ୍ତ କରି ସହାୟତା ଯୋଗାଇବା ସଂପର୍କରେ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱର ଶ୍ରେୟ....

ଏନଡିଏରେ ନାହିଁ, ସେହି ଦଳ ପକ୍ଷରୁ ଏମିତି ଭବ୍ୟ ସମ୍ବର୍ଦ୍ଧନା ଦିଆଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ତାଙ୍କୁ ସ୍ୱାଗତ ଜଣାଉଛନ୍ତି । ଓଡିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ଆସନ ପାଇଁ ଏନଡିଏ ପ୍ରାର୍ଥୀ କରିବା ପରେ, ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ଦ୍ରୌପଦୀ ମୁର୍ମୁ ନବୀନଙ୍କୁ ଭାଇ ବୋଲି ସମ୍ବୋଧନ କରିବା ସହ ରାଖି ବାନ୍ଧିଥିବାରୁ ପାଉଣା ମାଗିବା ପୂର୍ବରୁ ଭାଇ ଉପହାର ଦେଇଦେଲେ ବୋଲି କହିଛନ୍ତି । ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବସି ଆଲୋଚନା କରିବା ପରେ ଦ୍ରୌପଦୀଙ୍କୁ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ ପାଇଁ ଆମନ୍ତ୍ରଣ କରିଥିଲେ ନବୀନ । ତେବେ ବିଧାନସଭାରେ ବିଜେଡି ନେତାଙ୍କ ସହ ଆଲୋଚନା ପରେ ରାଜ୍ୟ ଅତିଥି ଭବନକୁ ଆସି ବିଜେପି ନେତାଙ୍କ ସହ ଆଲୋଚନା କରିଛନ୍ତି ଦ୍ରୌପଦୀ । ସେ ତାଙ୍କରି ଭିତରୁ ଜଣେ, ରାଜନୀତିରେ ଅତି ନିମ୍ନ ସ୍ତରରୁ କାମ କରି ଆଜି ଏଠାରେ ପହଞ୍ଚିଥିବା କହି ସମର୍ଥନ ଲୋଡିଛନ୍ତି । ଏହାପରେ ନବୀନ ନିବାସରେ ପହଁଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସାଂସଦ ପିନାକୀ ମିଶ୍ର, କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଦ୍ରୌପଦୀ ମୁର୍ମୁଙ୍କ ସହ ମଧ୍ୟାହ୍ନ ଭୋଜନରେ ଯୋଗ ଦେଇଛନ୍ତି । ଏହି ଦୃଶ୍ୟ ଯେତିକି ରାଜନେତିକ ଦ୍ୱନ୍ଦ୍ୱ ତିଆରି କରିଛି, ଦ୍ରୌପଦୀଙ୍କ ବିଜୟକୁ ସେତିକି ସୁନିଶ୍ଚିତ କରିପାରିଛି । ଦ୍ରୌପଦୀଙ୍କ ନାଁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଏନଡିଏ ଘୋଷଣା କରିବା ପରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେବାକୁ ଘୋଷଣା କରିଥିଲା ବିଜେଡି । ତାଙ୍କ ପାଇଁ ଭୋଟ ଯୋଗାଡ କରିବାକୁ ନିଜେ ନବୀନ ପଟ୍ଟନାୟକ ଅନ୍ୟ ଦଳର ନେତାଙ୍କୁ ଫୋନ କରିବା ସହ ଦ୍ରୌପଦୀଙ୍କ ପାଇଁ ସମର୍ଥନ ଯୋଗାଡ କରିବାକୁ ଦଳୀୟ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି । ଆଉ ଆଜିର ଚିତ୍ର ଦ୍ରୌପଦୀଙ୍କୁ ନେଇ ବିଜେପି-ବିଜେଡି ପ୍ରତିଯୋଗିତାକୁ ଆହୁରି ସ୍ପଷ୍ଟ କରିଛି ।

### ୫ ଦିନ ଯାଏଁ ବର୍ଷା....

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୯ରୁ ୧୦ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର , ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ନୂପୁରଙ୍କୁ ନେଇ ମୌଲାନାଙ୍କ....

ତାଙ୍କ ତଣ୍ଟି କାଟିବାକୁ ଧମକ ଦେଉଥିବା ବ୍ୟକ୍ତିଙ୍କୁ କଡ଼ା ଯବାବ ଦେଇଛନ୍ତି ମୁସଲିମ ନେତା ତଥା ଆସାମର ସାଂସଦ ମୌଲାନା ବଦ୍ରୁଉଦ୍ଦିନ ଆଜମଲ । ନୂପୁରଙ୍କୁ କ୍ଷମା କରିଦେବାକୁ ସେ ଅପିଲ କରିବା ସହ ଗଳା କାଟିବାକୁ କହୁଥିବା ବ୍ୟକ୍ତଙ୍କୁ ଗଧ ବୋଲି କହିଛନ୍ତି ବଦ୍ରୁଉଦ୍ଦିନ ଆଜମଲ । ଏଭଳି ବ୍ୟକ୍ତିଙ୍କୁ କାପୁରୁଷ ବୋଲି ସମ୍ବୋଧନ କରି ସେମାନେ ନିଜେ ଛୁରୀକୁ ଡରନ୍ତି ବୋଲି କହିଛନ୍ତି ମୌଲାନା । ନୂପୁରଙ୍କ ବୟାନକୁ ନେଇ ଦେଶରେ କେତକ ସ୍ଥାନରେ ହିଂସା ଦେଖିବାକୁ ମିଳୁଛି । ଏପରି ସ୍ଥଳେ କିଛି ଆରଏସଏସ୍ କର୍ମୀ ହିନ୍ଦୁସ୍ତାନକୁ ହିନ୍ଦୁ ରାଜ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା ସେମାନଙ୍କ ସ୍ୱପ୍ନରେ ବି ସତ ହେବ ନାହିଁ । ସେମାନେ କେବେକି ହିନ୍ଦୁ-ମୁସଲିମଙ୍କ ଏକତାକୁ ଭାଙ୍ଗିପାରିବେ ନାହିଁ ବୋଲି କହିଛନ୍ତି ଆସାମ ଷ୍ଟେଷ୍ଟ ଜମାୟତ୍ ଉଲମାର ସଭାପତି ବଦ୍ରୁଉଦ୍ଦିନ ଆଜମଲ । ମୁସଲିମଙ୍କୁ ଇଦରେ ଗାଈ ନ ମାରିବାକୁ ଅପିଲ କରି ମୌଲାନା କହିଛନ୍ତି, ଇଦରେ ଗୋଟିଏ ଦିନ ଗାଈ ନ ଖାଇଲେ ତୁମେ ମରି ଯିବନି । ବଂର ହିନ୍ଦୁ ଭାଇଙ୍କ ସହ ମିଶି ଉତ୍ସବ ପାଳିବା ଦରକାର । କାରଣ ଆମର ପୂର୍ବଜ ହିନ୍ଦୁ ଥିଲେ ବୋଲି ସେ କହଛନ୍ତି । ପ୍ରଫେଟ୍ ମହମ୍ମଦଙ୍କ ଉପରେ ନୂପୂର ଶର୍ମାଙ୍କ ବିବାଦୀୟ ବୟାନକୁ ନେଇ ଦେଶରେ ହିନ୍ଦୁ ଏବଂ ମୁସଲିମଙ୍କ ମଧ୍ୟରେ ବିବାଦ ବଢୁଥିବା ବେଳେ ମୌଲାନଙ୍କ ଏହି ବୟାନ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକତା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଉଛି ।

### ଅମରନାଥ ଗୁମ୍ଫା ନିକଟରେ....

ଓ ଲୋକେ ଭାସିଯାଇଥିଲେ । ଏହି ଘଟଣା ପରେ ଅମରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଗୁମ୍ଫା ନିକଟରେ ଏବେ ବି ବର୍ଷା ହେଉଛି । ଆହତଙ୍କୁ ଏୟାରଲିଫଟ କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଉଦ୍ଧାର କାମରେ ହେଲିକପ୍ଟରର ସହାୟତା ନିଆଯାଉଛି । ପାଗ ଅନୁକୂଳ ହେଲେ ଯାତ୍ରା ପୁଣି ଆରମ୍ଭ ହେବ ବୋଲି ପ୍ରଶାସନ କହିଛି । ଗତ ମାସ ୩୦ ତାରିଖରୁ ହିଁ ୪୩ ଦିନିଆ ଅମରନାଥ ଯାତ୍ରା ଆରମ୍ଭ ହୋଇଥିଲା । ବର୍ତମାନ ସୁଦ୍ଧା ପ୍ରାୟ ୭୦ ହଜାର ଲୋକ ବାବା ଅମରନାଥଙ୍କ ଦର୍ଶନ କରିସାରିଲେଣି । ୪୩ ଦିନ ଧରି ଚାଲିବାକୁ ଥିବା ଅମରନାଥ ଯାତ୍ରା ୧୧ ଅଗଷ୍ଟରେ ଶେଷ ହେବ । ସୂଚନା ଅନୁସାରେ, ଗୁମ୍ଫା ନିକଟରେ ୮୦ରୁ ୧୦୦ ଟେଣ୍ଟ ଥିଲା । ଘଟଣା ନେଇ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି ।

### ଆଜି ବାହୁଡା....

ହୋଇଛି । ରଥଯାତ୍ରା ଦିନ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ସମସ୍ତ ରୀତିନୀତି ହୋଇଥିଲା । ତେଣୁ ଏଥର ସଅଳ ରଣଟଣା ଯାଇ ସନ୍ଧ୍ୟା ସୁଦ୍ଧା ବଡଦାଣ୍ଡରେ ୩ ରଥ ପଂହଚିଯିବା ଆଶା କରାଯାଉଛି । ନାକଚଣା ଦ୍ୱାରରେ ଥିବା ୩ ରଥ ନିକଟରେ ଭୋଇ ସେବକଙ୍କ ଦ୍ୱାରା ଚାରମାଳ ଥୁଆ ହେଲାଣି । ବାହୁଡାଯାତ୍ରାରେ ୧୫୦ ପ୍ଲାଟୁନ ଫୋର୍ସ ସହ ନିୟୋଜିତ ହେବେ ପ୍ରାୟ ଏକହଜାର ପୁଲିସ ଅଧିକାରୀ । ଆଉ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ନୀତି ଶୃଙ୍ଖଳିତ ଓ ସଅଳ କରାଯାଇଥିବାରୁ ବାହୁଡା ନୀତି ବି ସଅଳ ହେବା ଆଶା କରାଯାଉଛି ।

## ନବୀନଙ୍କୁ ଭାଇ ବୋଲି ସମ୍ବୋଧନ କଲେ ଦ୍ରୌପଦୀ

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଧାନସଭାରେ ବିଜେଡି ବିଧାୟକ ଓ ସାଂସଦମାନଙ୍କୁ ଭେଟିଛନ୍ତି । ବିଧାନସଭାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ସାଂସଦ ଓ ବିଧାୟକମାନଙ୍କୁ ସମର୍ଥନ ଲୋଡ଼ିଛନ୍ତି । ନବୀନଙ୍କୁ ଭାଇ ସମ୍ବୋଧନ କରି ଦ୍ରୌପଦୀ ଭାବପ୍ରବଣ ହୋଇ କହିଛନ୍ତି, ମୁଁ ନବୀନଙ୍କୁ ରାଖି ବାନ୍ଧିଥିଲି । ରାଖିର ପାଉଣା ମାଗିବା ପୂର୍ବରୁ ସେ ମୋତେ ସମର୍ଥନ ଦେଇଛନ୍ତି । ବିଦେଶରେ ଥାଇ ବି ମୋତେ ଫୋନ୍ କରିଥିଲେ । ସୂଚନାଯୋଗ୍ୟ, ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀମୁର୍ମୁ ନୂଆଦିଲ୍ଲୀରୁ ବାହାରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ପାରମ୍ପରିକ ନୃତ୍ୟ ଓ ସଂଗୀତ ମାଧ୍ୟମରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ଭୁବନେଶ୍ୱରରେ ପହଂଚିବା ପରେ ତାଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସୁରେଶ ପୂଜାରୀ, ସଙ୍ଗୀତା ସିଂହଦେଓ, ସସ୍ମିତ ପାତ୍ର, ପ୍ରଶାନ୍ତ ନନ୍ଦ, ଅନୁଭବ ମହାନ୍ତି, ଅମର ପଟ୍ଟନାୟକ, ମନ୍ତ୍ରୀ ଉଷା ଦେବୀ, ସମୀରରଂଜନ ଦାଶ, ଅଶୋକ ପଣ୍ଡା, ଟୁକୁନି ସାହୁ, ବିଧାୟକ ବିଷ୍ଣୁ ଚରଣ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୁସୁମ ଟେଟେ ଓ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତା ସ୍ୱାଗତ କରିଥିଲେ । ବିମାନବନ୍ଦରରେ ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ବିମାନବନ୍ଦରରୁ ବାହାରି ଦ୍ରୌପଦୀ ମୁର୍ମୁ ରାଜ୍ୟ ଅତିଥି ଭବନକୁ ଯାଇଥିଲେ । ସେଠାରେ କିଛି ସମୟ ବିଶ୍ରାମ କରିବା ପରେ ବିଧାନସଭାକୁ ଆସିଥିଲେ ।

# ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ ପ୍ରତିନିଧି ଓ ସରପଞ୍ଚ



ଖଇରା, ୦୮/୦୭ (ନି.ପ୍ର): ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଗଗନଧୂଳି ପଞ୍ଚାୟତର ନୀଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ଉତ୍ତିର୍ଣ୍ଣ ହୋଇଥିବା ୧୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଶିକ୍ଷକ ଯଦୁନାଥ ଶିଅଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସରପଞ୍ଚ ମଦନ ମୋହନ ସାନ୍ତରା ଓ ବିଧାୟକଙ୍କ ପ୍ରତିନିଧି କରୁଣା କର ଜେନା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର କଠିନ ପରିଶ୍ରମ, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ବିଦ୍ୟାଳୟର ଏସ୍‌ଏମ୍‌ସି କମିଟିର ଚେୟାରମେନ୍ ମନରଞ୍ଜନ ଧର, ବରିଷ୍ଠ ବିଜ୍ଞାନ ଶିକ୍ଷକ ମନରଞ୍ଜନ ବେହେରା, ଅମୂଲ୍ୟ କୁମାର ପାଣି, ରତିକାନ୍ତ ବେହେରା, କମଳାକାନ୍ତ ବେହେରା, ଲଳିତ ମୋହନ ପଣ୍ଡା, ରଞ୍ଜିତା ପଣ୍ଡା, ସୁନମ ପଣ୍ଡା, ସୁଭଦ୍ରା ନାୟକ, ଇତିଶ୍ରୀ ପରିଡା, ଉତ୍କଳ କେଶରୀ ପରିଡା, ଜଗବନ୍ଧୁ ପାଢୀ, କଳ୍ପନା ବାରିକ, ବିଜୟ କୁମାର ସାସମଲ୍‌ଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

# ନେତୁଆ-ଶାହାପୁର ଭାୟା ଆଡିନଗା ପ୍ରଧାନମନ୍ତ୍ରୀ ସଡକର ଦୁରାବସ୍ଥା

ଜଳେଶ୍ୱର, ୦୮/୦୭ (ନି.ପ୍ର): ପଶ୍ଚିମବଂଗ ଓ ଓଡିଶା ଉପାନ୍ତ ଅଂଚଳର କେତେକ ରାସ୍ତାରର ଦୂରବସ୍ଥା ଅବର୍ଣ୍ଣନୀୟ ଥିବା ବେଳେ ତାର ମରାମତି ଲାଗି ରାଜ୍ୟ ସରକାର କୋଟି କୋଟି ଟଙ୍କା ମଂଜୁର କରିଛନ୍ତି । କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଠିକାଦାର କାଯ୍ୟ କରୁନଥିବାରୁ ଲୋକଙ୍କ ଦୁଃଖ ବଢି ଚାଲିଛି । ଫଳରେ ଜନ ଅସନ୍ତୋଷ ଦେଖା ଦେଇଛି । ଜଳେଶ୍ୱର ବ୍ଲକ ଓ ଦାନ୍ତୁନ ବ୍ଲକ ସହିତ ସଂଯୋଗ ଲାଗି ନେତୁଆ-ଶାହାପୁର ଭାୟା ଆଡିନଗା ପ୍ରଧାନମନ୍ତ୍ରୀ ସଡକର ଆବଶ୍ୟକତା ବହୁ ଗୁରୁତ୍ୱପୂର୍ଣ୍ଣ । ଦୀର୍ଘବର୍ଷ ଧରି ଦୁଇ ବ୍ଲକ ଅଂଚଳର ଲୋକେ ଯାତାୟାତ ଲାଗି ହିନସ୍ତା ହୋଇ ଆସୁଥିଲେ । ପରେ ଜଳେଶ୍ୱର ବିଧାୟକଙ୍କ ହସ୍ତକ୍ଷେପ ଫଳରେ ୬କୋଟି ୩୭ଲକ୍ଷ୩୨ହଜାର ୭୧୨ଟଙ୍କା ବ୍ୟୟ ଅଟକଳରେ ଏକ ଆନ୍ତରାଜ୍ୟ ଓ ଆନ୍ତ ବ୍ଲକ ସ୍ତରୀୟ ରାସ୍ତା ନିର୍ମାଣ କାର୍ଯ୍ୟ ଚଳିତବର୍ଷ ଜାନୁଆରୀ ମାସରୁ ଆରମ୍ଭ ହୋଇଛି । ୨୦୨୩ ଜାନୁଆରୀ ପ୍ରଥମ ସପ୍ତାହରେ ଏହା ସରିବାକୁ ଥିବା ବେଳେ ଏବେ ରାସ୍ତାଟି କାଦ ପଚପଚ ଯୋଗୁଁ ଆଲୋଚ୍ୟର ବିଷୟ ହୋଇଛି । ଠିକାଦାର ଓ ଯନ୍ତ୍ରୀ ମାନଙ୍କର ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟର ଅଗ୍ରଗତି ହେଉନାହିଁ । ଲୋକେ ଏହି ରାସ୍ତାରେ ସାଇକେଲ, ବାଇକ୍‌ରେ ଯାତାୟାତ ଦୂରର କଥା, ଚାଲି ଚାଲି ଯିବା ଅସମ୍ଭବ ହୋଇପଡିଛି । ଗତ କିଛିଦିନ ତଳେ ଶାହାପୁରସ୍ଥିତ ଏକ ସଂସ୍କୃତ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ମାନ୍ୟଗଣ ଅତିଥିମାନେ ରାସ୍ତାର ଏପରି ଅବସ୍ଥା ଦେଖି ବିସ୍ମିତ ହୋଇଥିଲେ । ଠିକାଦାରଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଅତିଶୀଘ୍ର ଏହି ଉପାନ୍ତ ତଥା ଆନ୍ତରାଜ୍ୟ ରାସ୍ତାର ନବିକରଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି ।

## ଡିଜେଲକୁ ପଛରେ ପକାଇ ଆଗରେ କିରୋସିନ

ବସ୍ତା, ୦୮/୦୭ (ନି.ପ୍ର): ସରକାରଙ୍କ କିଅଜବନିତି ସାଧାରଣ ଜନତଙ୍କ ଓ ଗରିବଲୋକଙ୍କ ପାଇଁ ଉଦ୍ଦିଷ୍ଟ କିରୋସିନ ସୁଲଭ ମୂଲ୍ୟରେ ଯୋଗାଇବାରେ ବ୍ୟବସ୍ଥା ଥିବା ବେଳେ ଆଜି ଡିଜେଲ ଠାରୁ କିରୋସିନ ମୂଲ୍ୟ ବଢିବାଯୋଗୁ ଡିଲର ମାନଙ୍କୁ ଦେଖିଲାବେଳକୁ ଉପଭକ୍ତା ଦଉଡୁଛନ୍ତି ପ୍ରକାଶ ଥାଉକି ଡିଜେଲ ଦର ୯୮.୧୦ ଅଛି ବତ୍ତମାନ ସରକାର ଧାର୍ଯ୍ୟଦର ହୋଲସେଲର ମାନେ ୯୮ଟଙ୍କା ଲିଟର ପିଛା ଡିଲର ମାନଙ୍କୁ ଦେବେ ଡିଲର ମାନେ ୧୦୦ଟଙ୍କା ଉପଭକ୍ତା ମାନଙ୍କୁ ବିକ୍ରି କରିବେ କିଛି ଡିଲରମାନେ ଘର ବୁଲି କାର୍ଡଧାରୀ ଘରକୁ ଯାଇ କିରୋସିନନେଇଯାଅ କହୁଥିବା ନଜିର ଆସିଛି କିରୋସିନ ନେବା କଥା ଶୁଣି ଘରେଥାଇ ଉଭାନ ହେବା ଘଟଣା ଦେଖିବାମିଳୁଛି ବିଚରା ଡିଲର ମାନେ କିରୋସିଉଠାଇ କଣ କରିବେ ଚିନ୍ତାପଡିଛନ୍ତି ଏପଟେ ଟଙ୍କାକିଆ ଚାଉଳ କୁ ସହେ ଟଙ୍କାର କିରୋସିନ ଏହା ସରକାରଙ୍କ କି ଅଜବନିତି ବୋଲି ଚର୍ଚ୍ଚା ଜୋରଧରିଛି ତୁରନ୍ତ ସରକାର ସାଧାରଣଜନତା ସୁବିଧା କୁ ବିଚାର କରି କିରୋସିନ ମୂଲ୍ୟ କମାଇ ବାକୁ ସାଧାରଣ ଦାବୀ ହୋଇଛି ।

## ରାଜ୍ୟରେ ଗତ ୨୪ ଘଂଟାରେ ୧୬ ହଜାରରୁ ଅଧିକ କରୋନା ଟେଷ୍ଟ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟରେ କରୋନାର ନୂଆ ମାମଲା ଅଙ୍କ କମିବା ଲକ୍ଷ୍ୟ କରାଯାଉଅଛି । କରୋନା ଟେଷ୍ଟ କରିବା ପ୍ରକ୍ରିୟା ମଧ୍ୟ ପ୍ରତିଦିନ ଜାରି ରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୧୬ ହଜାର ୯୬୮ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଟ୍ୱିଟର ସୂଚନା ଅନୁସାରେ ଶୁକ୍ରବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୩ କୋଟି ୨୧ ଲକ୍ଷ ୯୭ ହଜାର ୭୯୨ ରେ ପହଂଚିଛି ।

# ପାଠପଢ଼ା ଛାଡ଼ିଲେ ମା' ଛେଉଣ୍ଡ ସୁବ୍ରତ



ଉଦଳା, ୦୮/୦୭ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଛିପୁର ଗ୍ରାମର ଉତମ ମାଣିକଙ୍କ ପୁତ୍ର ସୁବ୍ରତକୁ ଚଳିତ ବର୍ଷ ୧୧ ବର୍ଷ ବୟସ ଛୁଇଁଲା । ସୁବ୍ରତର ବୟସ ୨ ବର୍ଷ ହୋଇଥିବା ବେଳେ ତାଙ୍କର ମା' ଗୀତା ସ୍ୱର୍ଗାରୋହଣ କଲେ । ଫଳରେ ପିଲାଟି ଦିନରୁ ସୁବ୍ରତ ମା' ଛେଉଣ୍ଡ ହୋଇଯିବା ସହିତ ମା'ଙ୍କ ସ୍ନେହ ମମତାରୁ ସବୁଦିନ ପାଇଁ ବଞ୍ଚିତ ହେଲେ । ପିତା ଉତମ ମାଣିକ ଜଣେ ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ସୁବ୍ରତ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । କରୋନା ପାଇଁ କ୍ରମାଗତ ଭାବରେ ଦୁଇ ବର୍ଷ ଧରି ବିଦ୍ୟାଳୟ ବନ୍ଦ ହୋଇଯିବା ଫଳରେ ସୁବ୍ରତଙ୍କ ପାଠପଢ଼ାରେ ଡ଼ୋରିବନ୍ଧା ହେଲା । ପରେ ବିଦ୍ୟାଳୟ ଖୋଲିଲେ ମଧ ପିତା ଉତମଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ସୁବ୍ରତକୁ ପାଠ ପଢ଼ାଇବାକୁ ମନାକରିଦେଲେ । ତେବେ ବର୍ତ୍ତମାନ ସୁବ୍ରତ କଣ କରିବ ଏକ ବିରାଟ ଅନିଶ୍ଚିତତା ଭିତରେ ଦିନ ବିତାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏତିକି ବେଳେ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟ ହରିପ୍ରିୟା ଦାସ ସୁବ୍ରତଙ୍କୁ ପୁଣି ଥରେ ପାଠ ପଢ଼ାଇବା ପାଇଁ ସରକାର ହସ୍ତକ୍ଷେପ କରନ୍ତୁ ବୋଲି ଦାବୀ ଜଣାଇଛନ୍ତି । କରୋନା ସମୟରେ କେବଳ କପ୍ତିପଦା ବ୍ଲକ ଅଞ୍ଚଳ ମଧ୍ୟରେ ଶତାଧିକ ପିଲା ପାଠ ପଢ଼ା ଛାଡ଼ିଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି ।

# ଭଗବତୀ ସମବାୟ ସମିତିକୁ ଦଖଲ କଲା ବିଜେଡି




ବସ୍ତା, ୦୮/୦୭ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଭଗବତୀ ସେବା ସମିତିକୁ ବହୁବର୍ଷ ଧରି କଂଗ୍ରେସ ଅକତିଆର କରିଥିବା ବେଳେ ଏବର୍ଷ ବିଜେଡି ଦଖଲ କରିଛି ପ୍ରକାଶ ଥାଉକି ଏହି ସମିତି ପନ୍ଦରଟି ଜୋନ ହୋଇଥିଲା କଂଗ୍ରେସ ସମର୍ଥିତ ପ୍ରାର୍ଥୀ ୧୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଆଉଦୁଇ ମହିଳାପ୍ରାର୍ଥୀନୀ ନପାଇବାଯୋଗୁଁ ଦେଇନଥିଲେ ବିଜେଡି ପକ୍ଷରୁ ନିଗମାନନ୍ଦ ଗିରି ୧୧ଖଣ୍ଡ ଭୋଟ ପାଇ ଜିତିଥିଲେ ତାଙ୍କର ପ୍ରତିଦ୍ୱନ୍ଦ୍ୱି କଂଗ୍ରେସ ର ସୁଧାକୃଷ୍ଣ ସାହୁ ୪ଖଣ୍ଡ ଭୋଟ ପାଇଥିଲେ ବିଜେପିପକ୍ଷରୁ ପାଞ୍ଚଜଣ ପ୍ରତିଦ୍ୱିଦିତା କରୁଥିବାବେଳେ ପାଞ୍ଚଜଣଯାକ ଗୋଟେ ଲେଖାଏ ଭୋଟ ପାଇଥିଲେ ଭୋଟ ଗଣତି ପରେ ବିଜୟ ଉତ୍ସବ ପାଳଣ କରାଯାଇଥୀଲା ଏଥୀରେ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଶ୍ୟାମାପ୍ରସାଦ ବେହେରା ନୁତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଅନ୍ୟମାନଙ୍କମଧ୍ୟରେ କାଳିଚରଣ ସେନାପତି, ସୁବୋଧ କିଶୋର ରାଉଳ, ଜିଲ୍ଲାପରିଷଦ ବିଷ୍ଣୁପ୍ରିୟା ବୁଗୁଡି, ଚନ୍ଦନ ଜେନା, ନାୟବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଖଟୁଆ, ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ମାଣ ଶ୍ରମିକଙ୍କ ସମସ୍ୟା ଉପରେ ବ୍ୟାପକ ସଂଗ୍ରାମ ପାଇଁ ଆହ୍ୱାନ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଏ.ଆଇ.ଟି.ୟୁ.ସି. ସହବନ୍ଧିତ ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର୍ ଆଣ୍ଡ୍ ବିଲଡିଂ କନ୍‌ଷ୍ଟ୍ରକ୍‌ସନ୍ ୱାର୍କରସ୍ ୟୁନିୟନ୍‌ର ରାଜ୍ୟ କମିଟି ବୈଠକ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିର୍ମାଣ କଲ୍ୟାଣ ବୋର୍ଡ଼ ମେ' ୧ ତାରିଖଠାରୁ ଅନ୍‌ଲାଇନ୍ ନାମରେ ନିର୍ମାଣ ଶ୍ରମିକ ପଞ୍ଜିକରଣ ସହାୟତା ରାଶି ପ୍ରଦାନ ବନ୍ଦ କରାଯିବା ପ୍ରତିବାଦରେ ବ୍ୟାପକ ସଂଗ୍ରାମ ପାଇଁ ଆହ୍ୱାନ ଦିଆଯାଇଛି । ୟୁନିୟନ୍‌ର ସାଧାରଣ ସମ୍ପାଦକ ବିଜୟ ଜେନା ତାଙ୍କ ବକ୍ତବ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ । ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବି, ଯଥା - ଅନ୍‌ଲାଇନ୍ ଜରିଆରେ ଶ୍ରମ କାର୍ଯ୍ୟାଳୟରେ ପୂର୍ବରୁ ପଞ୍ଜିକରଣ କରାଯାଉଥିଲା । ବର୍ତ୍ତମାନ ଶ୍ରମ କାର୍ଯ୍ୟାଳୟକୁ ନ ଆସି ବିଭିନ୍ନ ସ୍ଥାନରେ ଅନ୍-ଲାଇନ୍ ଜରିଆରେ ପଞ୍ଜିକରଣ ପ୍ରକ୍ରିୟାରେ ନିର୍ମାଣ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ । ରାଜ୍ୟରେ ବିଭିନ୍ନ କାର୍ଯ୍ୟାଳୟରେ, ଯଥା - ରେଳବାଇ, ଜୀବନ ବୀମା, ଜନ୍ମ-ମୃତ୍ୟୁ ପଞ୍ଜିକରଣ, ଜମିପଟ୍ଟା, ଅନ୍ୟାନ୍ୟ କାର୍ଯ୍ୟ ଉଭୟ ଅଫ୍ ଲାଇନ୍ ଓ ଅନ୍ ଲାଇନ୍ ଜରିଅରେ ହେଉଥିଲେ ମଧ୍ୟ ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ ଆବେଦନ ଫର୍ମ ଗ୍ରହଣ ନ କରିବା ଅତ୍ୟନ୍ତ ନିନ୍ଦନୀୟ । ତେଣୁ ବାସ୍ତବତାକୁ ବିଚାର କରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ମଧ୍ୟ ସମ୍ପାଦନ କରାଯାଉ । ଏଲ୍.ଆଇ.ସି. ଓ ଅନ୍ୟାନ୍ୟ ପ୍ରିମିୟମ୍ ଦାଖଲ ପରି ନିର୍ମାଣ ଶ୍ରମିକମାନେ ଅଫିସ୍‌ରେ ମଧ୍ୟ ପ୍ରିମିୟମ୍ ଦାଖଲ କରିବା, ବିଭିନ୍ନ ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଥିବା ମୃତ୍ୟୁକାଳୀନ, ଶିକ୍ଷା, ବିବାହ, ପ୍ରସୂତୀକାଳୀନ ଓ ନୂତନ ପଞ୍ଜିକରଣ ତୁରନ୍ତ କରାଯାଉ । ଏହି ବୈଠକରେ ପ୍ରବୀଣ ଦାସ, ତ୍ରୈଲୋକ୍ୟ ନାଥ, ସୋମନାଥ ଗିରି, ବଳରାମ କୁସୁଲିଆ, ଜ୍ୟୋତନ୍ଦ୍ରନାଥ ସଭାପତି, କାହ୍ନୁ ବେହେରା, ଧର୍ମରାଜ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇ ନିର୍ମାଣ ଶ୍ରମିକଙ୍କ ନ୍ୟାୟୋଚିତ ଦାବିଗୁଡ଼ିକ ପୂରଣ କରିବା ସହ ଏବଂ ୟୁନିୟନ୍‌ର ଅଷ୍ଟମ ସମ୍ମିଳନୀ ଜୁଲାଇ ୩୦, ୨୧ ଦୁଇଦିନ ଧରି ଛତ୍ରପୁରଠାରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀର ସଫଳତା ପାଇଁ ଆହ୍ୱାନ ଦେଇଥିଲେ ।

# ସମଗ୍ର ପୃଥିବୀକୁ ଗୋଟିଏ ପରିବାର କରି ଗଢ଼ି ତୋଳିବାର ସ୍ୱପ୍ନ ଦେଖୁଛି ସେବା ଯୋଜନା : ଜୟଶ୍ରୀ ଚୌଧୁରୀ




ଉଦଳା, ୦୮/୦୭ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ଼ ନଂ-୧୧ସ୍ଥିତ ଜଗନ୍ନାଥୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ଜୁଲାଇ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଦିର୍ଘ ୧ ସପ୍ତାହ ବ୍ୟାପି ଚାଲିଥିବା ଉକ୍ତ ସେବା ଶିବିରରେ ନିୟମିତ ପ୍ରଭାତରେ ଛାତ୍ରୀ ମାନେ ଯୋଗ, ପ୍ରାଣାୟମ ଅଭ୍ୟାସ କରୁଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ସର୍ବଧର୍ମ ପ୍ରାର୍ଥନା ବୋଲୁଥିଲେ । ଦିବସ ବ୍ୟାପି ଚାଲୁଥିବା କାର୍ଯ୍ୟକ୍ରମ ମଧ୍ୟରେ ସଫେଇ, ବୃକ୍ଷରୋପଣ ଓ ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ମଶାରୀ ଟାଣି ଶୋଇବା, ପାଇଖାନା ବ୍ୟବହାର କରିବା, ହାତ ଧୋଇବା, ପାନୀୟ ଜଳ ବ୍ୟବହାର କରୁଥିବା ନନ୍ଦବସା କୁଅରେ ବ୍ଲିଚିଂ ପକାଇବା ଇତ୍ୟାଦି ବିଷୟରେ ଲୋକଙ୍କୁ ସଚେତନ କରାଉଥିଲେ । ଉଦ୍‌ଯାପନୀ ଉତ୍ସବରେ ଉପନଗରପାଳ ଲିଲି ଭୋଳ ଅତିଥି ଭାବରେ ଯୋଗ ଦେଇ ସେବା କରି ଆଜି କିପରି ମଦରଟେରସା ଅମର ହୋଇ ଯାଇଛନ୍ତି ବର୍ଣ୍ଣନା କରିଥିଲେ । ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ଜାତୀୟ ସେବା ଯୋଜନା ସମଗ୍ର ପୃଥିବୀକୁ କିପରି ଗୋଟିଏ ପରିବାର ରୂପେ ଗଢ଼ି ତୋଳିବାର ସ୍ୱପ୍ନ ଦେଖୁଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ ରାଜକିଶୋର ଶିବରକୁ ପରିଚାଳନା କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଶିବିରକୁ ସଫଳ କରିବାରେ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ପଣ୍ଡା, କ୍ଷୀରୋଦ ରଂଜନ ମହାନ୍ତି, ଅଧାପକ ରବିନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ହାଡଭଙ୍ଗା ଅପରେସନ ଜନିତ ସମସ୍ତ ଖର୍ଚ୍ଚ ମୁଖ୍ୟ ଚିକିତ୍ସାଳୟ ବହନ କରିବ

ଭଦ୍ରକ, ୦୮/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଏକ ପ୍ରତିନିଧିଦଳ ଭଦ୍ରକରେ ବିପର୍ଯ୍ୟୟ ସ୍ୱାସ୍ଥ୍ୟ ସେବା ସଂପର୍କରେ ଭଦ୍ରକ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଏଡିଏମଓଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ଅସ୍ଥିଶଲ୍ୟ ବିଭାଗର ବିଭିନ୍ନ ଅନିୟମିତତା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଯନ୍ତ୍ରପାତିର ଅଭାବ ଦର୍ଶାଇ ବିଭାଗର ଡାକ୍ତରମାନେ ରୋଗୀଙ୍କୁ ପ୍ରାଇଭେଟ ନର୍ସିଂହୋମ ପଠାଉଥିବା ଅଭିଯୋଗ ସଂପର୍କରେ ସିଡିଏମଓ ଆଶ୍ୱାସନା ଦେଇଥିଲେ ଯେ ଅପରେସନ ନିମନ୍ତେ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ଡାକ୍ତରଖାନାରେ ରହିଛି ଏବଂ ଯାହା ଆବଶ୍ୟକ ହେବ ତୁରନ୍ତ କିଣାଯାଇପାରିବ। ଅପରେସନ୍ ବାବଦକୁ ସମସ୍ତ ଖର୍ଚ୍ଚ ହସପିଟାଲ ବହନ କରିବ ଏବଂ ରୋଗୀଙ୍କୁ ଆଉ ଅଣହେଳା କରାଯିବ ନାହିଁ। ଏଥି ସହିତ ସିଡିଏମଓ ପ୍ରତିଶ୍ରୁତି ଦେଇଥିଲେ ଯେ ବରିଷ୍ଠ ନାଗରିକମାନଙ୍କ ସକାଶେ ଔଷଧ କାଉ ର ଏବଂ ପାଥୋଲୋଜି ବିଭାଗରେ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା ରହିବା ସହିତ ସେମାନଙ୍କ ନିମନ୍ତେ ମେଡିସିନ ୱାର୍ଡରେ ଦଶଟି ଶଯ୍ୟା ସଂରକ୍ଷିତ ରହିବ। ବରିଷ୍ଠ ନାଗରିକଙ୍କ ନିମନ୍ତେ ପାଥୋଲୋଜି ବିଭାଗର ସମସ୍ତ ପରୀକ୍ଷା ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବା ସହିତ କ୍ୟାନସର କେମୋ ଥେରାପି ବିଭାଗର ବିଭିନ୍ନ ଅଭିଯୋଗ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଡିଏମଓ ଆଶ୍ୱାସନା ଦେଇଥିଲେ। ବିଭିନ୍ନ ବିଭାଗରେ ଡାକ୍ତରଙ୍କ ଅଭାବ ଏବଂ କ୍ରମବର୍ଦ୍ଧିଷ୍ଣୁ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ମୁଖ୍ୟ ଚିକିତ୍ସାଳୟ ପରିସର ଯଥେଷ୍ଟ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ଡାକ୍ତରଖାନା ପରିସରରେ କିଛି ଅସାମାଜିକ ବ୍ୟକ୍ତି ନିୟମିତ ଭାବେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ସେମାନଙ୍କ ନିମନ୍ତେ ପୋଲିସ ବିଭାଗର ସହାୟତା ପାଇଁ ସିଡିଏମଓ ମତ ରଖିଥିଲେ। ଏଥି ସହିତ ସମସ୍ତେ ସହମତ ହୋଇଥିଲେ, ଗେଲପୁରରେ ୪୦୦ ଶଯ୍ୟାବିଶିଷ୍ଟ ନିର୍ମାଣାଧୀନ ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଲେ ଭଦ୍ରକରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ସେହି ଆଧାରରେ ଦୀର୍ଘ ବର୍ଷ ଧରି ଭଦ୍ରକବାସୀଙ୍କ ସ୍ୱପ୍ନ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ଭବ ହୋଇପାରିବ।

# ନବରଙ୍ଗପୁରରେ ପଂହଚିଲା କଂଗ୍ରେସର ଜନସଂପର୍କ ଯାତ୍ରା

ଭୁବନେଶ୍ୱର,୦୮/୦୭ (ନି.ପ୍ର): କଂଗ୍ରେସର ଜନସଂପକ ଯାତ୍ରା ଦ୍ୱିତୀୟ ପର୍ଯ୍ୟାୟ ଆଜି ନବରଙ୍ଗପୁର ଜିଲ୍ଲାରୁ ଆରମ୍ଭ ହୋଇଛି। ଆଜି ଜନସଂପର୍କ ଯାତ୍ରା ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ସହିଦମିନାର ଠାରେ ପହଂଚିଲା ପରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏବଂ ବିଧାୟକ ତାରା ବାହିନୀପତି, ପୂର୍ବତନ ବିଧାୟକ ଭୁଜବଳ ମାଝି, ଦେବାଶିଷ ପଟ୍ଟନାୟକ, ସଦନ ନାୟକ, ନିମାଇ ସରକାର, ଜିଲ୍ଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ଡ. ଲିପିକା ମାଝୀ ଏବଂ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ କଂଗ୍ରେସ ନେତୃବର୍ଗ ୧୯୪୨ ମସିହାରେ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଯେଉଁ ୧୯ ଜଣ ଯୁବ ଆଦିବାସୀ ସ୍ୱାଧୀନତା ପାଇଁ ପ୍ରାଣ ବଳି ଦେଇଥିଲେ ସେମାନଙ୍କର ସ୍ମୃତି ଚାରଣ କରିବା ସହିତ ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରତି ମୂର୍ତ୍ତି ମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେପରେ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ଭେଟି ସରାଗୁଡ଼ାରେ ରକ୍ତତୀର୍ଥ ତୁରୀ ନଦୀରେ ସ୍ୱାଧୀନତା ସଂଗ୍ରାମୀ ସୋନୁ ମାଝୀଙ୍କର ସ୍ମୃତିଚାରଣ କରିବା ସହିତ ତିଳତର୍ପଣ କରିଥିଲେ। ଡାବୁଗାଁ ବ୍ଲକ କଂଗ୍ରେସ ନେତୃବର୍ଗ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଶ୍ରୀ ପଟ୍ଟନାୟକ ଉମରକୋଟରେ ପଂହଚିଥିଲେ। ଉମରକୋଟରେ ଏକ ବିରାଟ ବାଇକ ର୍ୟାଲିରେ ଉମରକୋଟ କଂଗ୍ରେସ କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି କହିଥିଲେ କଂଗ୍ରେସର ଗଡ଼ ଉମକୋଟକୁ ଆଉଥିରେ କଂଗ୍ରେସର ଗଡ଼ ରୂପେ ଗଢ଼ିତୋଳିବାକୁ ହେବ। ଏଥିପାଇଁ କଂଗ୍ରେସର ସମସ୍ତ ନେତୃବର୍ଗଙ୍କୁ ଏକ ହୋଇ କାମ କରିବାକୁ ପଡ଼ିବ। ଉଭୟ ବିଜେଡ଼ି ଓ ବିଜେପି ସରକାର ବିରୋଧରେ ପ୍ରତ୍ୟେକ ସ୍ତରରୁ ଲଢ଼େଇ ଆରମ୍ଭ ହେବ। ଏମାନଙ୍କର ବିଫଳତାକୁ ଲୋକଙ୍କ ପାଖରେ ପଂହଚାଇବାକୁ ହେବ। ଉମରକୋଟର ବିଜେଡ଼ି ଦଳର ନେତା ସୋନରାଜ ଗଣ୍ଡଙ୍କ ନେତୃତ୍ୱରେ ଦୁଇ ହଜାର ରୁ ଅଧିକ ବିଜେଡ଼ି କର୍ମୀଙ୍କୁ ସାଥିରେ ନେଇ କଂଗ୍ରେସରେ ମିଶିଲେ। ଉମରକୋଟରୁ ଶ୍ରୀ ପଟ୍ଟନାୟକ ରାଇଘର ଯାତ୍ରା କରିଥିଲେ। ରାଇଘର ଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ଦୀର୍ଘ ୮ ବର୍ଷ ଧରି ଯେଉଁ ସବୁ ଜନସାଧାରଣଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଗୋଟିଏ ବି ପାଳନ କରିବାରେ ସମର୍ଥ ନୁହଁନ୍ତି। ଯେଉଁ ୧୫ ଲକ୍ଷ ଟଙ୍କା ବ୍ୟାଙ୍କ ଖାତାକୁ ଆସିବା କଥା କୁହାଯାଇଥିଲା ତାହା ଆସିଛିକି ବୋଲି ପ୍ରଶ୍ନ କରିଥିଲେ। ୧୫ ଲକ୍ଷତ ଦୂରେ ଥାଉ ୧୫ ଟଙ୍କା ଆସିଲାକି? ଦରଦାମ ନିୟନ୍ତ୍ରଣ କରିବାରେ ଏ ସରକାର ବିଫଳ। ପ୍ରତିବର୍ଷ ୨ କୋଟି ଚାକିରି ଦେବା କଥା ୮ ବର୍ଷରେ ୧୬ କୋଟି ଚାକିରି ଦେବା ପରିବର୍ତ୍ତେ ୪୫ କୋଟି ବେରୋଜଗାର ସୃଷ୍ଟି କରିଛି। ଠିକ ସେହିଭଳି ଭାବରେ ୨୨ ବର୍ଷ ଧରି ନବୀନ ବାବୁ ବିଜେଡ଼ି ସରକାର ଓଡ଼ିଶାକୁ ଲୁଟ କରିଚାଲିଛନ୍ତି। ଉଭୟ ସରକାର ଏକ ଅଗଣତାନ୍ତ୍ରିକ ସରକାର ଏମାନେ ଯୁବକ, କୃଷକ, ମହିଳା ଓ ବିଶେଷ କରି ନିମ୍ନ ଆୟକାରୀ ବର୍ଗ ଓ ମଧ୍ୟ ଆୟକାରୀ ବର୍ଗଙ୍କୁ ବିରୋଧ କରୁଛନ୍ତି। ରାଜ୍ୟରେ କୃଷକଙ୍କର ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ସବୁଠାରୁ ପଛରେ। ଯେଉଁ ଅଫିସରମାନେ କଂଗ୍ରେସ ନେତାମାନଙ୍କୁ ହଇରାଣ ହରକତ କରୁଛନ୍ତି ଏବଂ ଜନସାଧାରଣଙ୍କର ସମସ୍ୟାପ୍ରତି କର୍ଣ୍ଣପାତ କରୁନାହାନ୍ତି ସେମାନଙ୍କର କଂଗ୍ରେସ ଚିଠା ପ୍ରସ୍ତୁତ କରିବ। କଂଗ୍ରେସ ସରକାର ଆସିଲେ ଏମାନଙ୍କୁ ଦଣ୍ଡ ଦିଆଯିବ। ଏହି ସଭାରେ ନବରଙ୍ଗ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମନୋରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ। କିଶୋର ଜେନା, ବିଭୁତି ମିଶ୍ର, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ନିରଞ୍ଜନ ଦାସ, କ୍ଷେମରାଜ ବାଗ ଙ୍କ ସମେତ ଜିଲ୍ଲାର ସମସ୍ତ ଛାତ୍ର, ଯୁବ, ମହିଳା ଓ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ ଶେଷରେ ଡ. ଲିପିକା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମ ବେଦୀରେ ମହାପ୍ରଭୁଙ୍କ କଲ୍‌କୀ ଅବତାର



ନୀଳଗିରି, ୦୮/୦୭ (ନି.ପ୍ର): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଆଡ଼ପ ମଣ୍ଡପରେ କଲକୀ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାବାହୁ। ସୂଚନା ଥାଉକି ନୀଳଗିରିର ରଥଯାତ୍ରା ପୁରୀ ରଥଯାତ୍ରାର ରୀତୀନିତୀ ଅନୁଯାୟୀ ଅନୁଷ୍ଠିତ ହେଉଥିବା ବେଳେ ନୀଳଗିରିରେ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ର ଘୋଷଯାତ୍ରା ଶେଷ ଦିନରେ ନିଜର ଜନ୍ମବାଦୀ ବା ଆଡ଼ପ ମଣ୍ଡପକୁ ଆସିଛନ୍ତି। ପ୍ରତିଦିନ ମହାପ୍ରଭୁ ୨ଟି ଅବତାର ବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଶୁକ୍ରବାର ତଥା ୫ମ ଦିନରେ ମହାପ୍ରଭୁ କଲକୀ ଅବତାର ବେଶରେ ଭକ୍ତଙ୍କୁଦର୍ଶନ ଦେଇଛନ୍ତି। ଆସନ୍ତା ଶନିବାର ଦିନ ଜନ୍ମବେଦୀରୁ ବାହାରି ରଥାରୁଢ଼ ହୋଇ ପହଣ୍ଡି ହେବେ। ଆସନ୍ତା ରବିବାର ଓ ସୋମବାର ଦୁଇ ଦିନ ଧରି ବାହୁଡ଼ା ଯାତ୍ରା କରି ଚତୁର୍ଦ୍ଧାମୂର୍ତି ବଡ଼ ଦେଉଳକୁ ପ୍ରବେଶ କରିବାର କାର୍ଯ୍ୟସୂଚୀ ରହିଛି। କଲକୀ ବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି।

# ଜଣେ ଶିକ୍ଷକରେ ଚାଲିଛି ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ୫ ଶ୍ରେଣୀ

ଜଳେଶ୍ୱର, ୦୮/୭(ନି.ପ୍ର) : ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନା ଅଂଚଳର ନୂଆ ଗାଁ ପ୍ରାଥମିକ ବିଦ୍ୟାଳୟରେ ଆଜି ଜଣେ ଶିକ୍ଷକରେ ୫ଟି ଶ୍ରେଣୀ କାର୍ଯ୍ୟ ଚାଲୁଥିବାର ଦେଖିବାକୁ ମିଳିଛି। ଶିକ୍ଷକ ଜଣକ ଗୋଟିଏ ଶ୍ରେଣୀଗୃହରେ ଥିବା ବେଳେ ଅନ୍ୟ ୪ଟି ଶ୍ରେଣୀର ଛାତ୍ରଛାତ୍ରୀ ବାହାରେ ଧାଁଧପଡ କରୁଥିବାରୁ କେତେକ ସାମ୍ବାଦିକଙ୍କଙ୍କ ନଜରରେ ପଡିଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ ହାଁସଦାଙ୍କୁ ସାମ୍ବାଦିକ ମାନେ ଗୁଡେଇ ତୁଡେଇ ପ୍ରଶ୍ନ କରିଥିଲେ। ଜଣେ ଶିକ୍ଷକରେ ଗତ କିଛିମାସ ଶିକ୍ଷାଦାନ କାର୍ଯ୍ୟ ଚାଲିଆସୁଥିବା ବେଳେ ଗତ ୫ ତାରିଖରେ ସଂଜୟ ନନ୍ଦି ନାମକ ଜଣେ ଶିକ୍ଷକ ଯୋଗ ଦାନ କରିଥିଲେ। କିନ୍ତୁ ସେହିଦିନ ତାଙ୍କୁ ସିଆର୍‌ସିସି ଭାବେ ନିଯୁକ୍ତି ମିଳିବାରୁ ସେ ଏଠାକୁ ଆସୁନଥିବା ଜଣାଯାଇଛି। ଏଠାରେ ପଢୁଥିବା ୮୫ଜଣ ଛାତ୍ରଛାତ୍ରୀଙ୍କ ଲାଗି ଅନୂନ ୩ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଏହାକୁ ଯୋଗାଇଦେବାକୁ ସରପଂଚ ସୁସ୍ମିତତା ବାରିକ, ମଂଗଲ ସରେନ୍(ୱାର୍ଡମେମ୍ବର), ସୁଶିଲ ବାରିକ, ପୂର୍ଣ୍ଣଚନ୍ଦ୍ର ସେଠୀ, ଆଲୋଚନା ବେହେରା ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଦାବି କରିଛନ୍ତି। ବିଦ୍ୟାଳୟରେ ଶୌଚାଳୟ ନ ଥିବାରୁ ଶିକ୍ଷାର୍ଥୀମାନେ ବାହାରେ ଶୌଚ ଯାଉଛନ୍ତି। ବଣ ଜଂଗଲ ଘେରା ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ କାଳାତିପାତ କରୁଥିବା ବେଳେ ବିଦ୍ୟାଳୟର ଚାରିପରେ ପାଚେରୀ କିମ୍ବା ବାଡ ନାହିଁ। ବିପଦଜନକ ଅବସ୍ଥାରେ ଥିବା ପୁରୁଣା ଘର ଗୁଡିକ ମଧ୍ୟରୁ ଗୋଟିକରେ ମଧ୍ୟାହ୍ନ ଭୋଜନ ରନ୍ଧାକାର୍ଯ୍ୟ ଚାଲୁଥିବା ବେଳେ ଆଜବେଷ୍ଟ ଛାଉଣୀ ହୋଇଥିବାରୁ ଘର ମଧ୍ୟରେ ପୋକ ଜୋକ ସାଲୁବାଲୁ ହେଉଛି। ୨ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ନୂତନ ୨ଟି ଶ୍ରେଣୀଗୃହ ଫାଟ ସୃଷ୍ଟି ହୋଇଛି। ତେଣୁ ବିଦ୍ୟାଳର ନବକଳେବର ବୃଦ୍ଧି ସହିତ ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ନିକଟରେ ଦାବି ଜଣାଛନ୍ତି।

## ଜୁଲାଇ ୧୬ରେ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୦୮/୦୭ (ନି.ପ୍ର): ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଜରୁରୀ ବୈଠକ ଓ ଆଲୋଚନାଚକ୍ର ଆସନ୍ତା ୧୬ତାରିଖ ଦିନ ୧୦ ଘଟିକା ସମୟରେ ପ୍ରଦେଶ କଂଗ୍ରେସ ଭବନ କାର୍ଯ୍ୟାଳୟରେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ, ଦଳର ବରିଷ୍ଠ ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ନିମନ୍ତ୍ରୀତ ଅତିଥି ଭାବରେ ଉପସ୍ଥିତ ରହି ରାଜ୍ୟର କୃଷି ଓ କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କିଷାନ କଂଗ୍ରେସ ତରଫରୁ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ପରାମର୍ଶ ପ୍ରଦାନ କରିବେ। ଏଣୁ ଉକ୍ତ ବୈଠକରେ କିଷାନ କଂଗ୍ରେସ ରାଜ୍ୟ କମିଟିର ସମସ୍ତ କର୍ମକର୍ତ୍ତା/ ସମସ୍ତ ସଦସ୍ୟ/ ସମସ୍ତ ଜିଲ୍ଲା, ବ୍ଲକ, ନଗର କିଷାନ କଂଗ୍ରେସ ସଭାପତି ଓ ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ, ପରାମର୍ଶଦାତାମାନଙ୍କୁ ଉପସ୍ଥିତ ହେବାକୁ କମିଟିର ଉପାଧକ୍ଷ ପ୍ରେମାନନ୍ଦ ସ୍ୱାଇଁ ଜଣାଇଛନ୍ତି।

## ରବିନ୍ଦ୍ର ବେହେରା ଗୋବିନ୍ଦପୁର ସମବାୟ ସମିତି ସଭାପତି



ଖଇରା, ୦୮/୦୭ (ନି.ପ୍ର): ରବିନ୍ଦ୍ର ନାଥ ବେହେରା ଦ୍ୱିତୀୟ ଥର ପାଇଁ ଗୋବିନ୍ଦପୁର ସେବା ସମବାୟ ସମିତିର ପରିଚାଳନା ବୋର୍ଡ ସଭାପତି ଭାବେ ୭ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ୧୫ଜଣ ସଭ୍ୟଙ୍କ ମଧ୍ୟରୁ ବିଜେଡି ସମର୍ଥୀତ ପ୍ରାର୍ଥୀ ଶ୍ରୀ ବେହେରା ୧୧ଜଣଙ୍କ ସମର୍ଥନ ଲାଭ କରିଥିବା ବେଳେ ତାଙ୍କ ବିରୋଧରେ ଭାଜପା ସମର୍ଥନରେ ଲଢୁଥିବା ନିଳାମ୍ବର ପଣ୍ଡାଙ୍କୁ ୪ଜଣ ସମର୍ଥନ କରିଥିଲେ। ପରେ ନିର୍ବାଚନ ପରିଚାଳନା ଅଧିକାରୀ ଚଗୁଲୁ ସିଂ ରବିନ୍ଦ୍ରଙ୍କୁ ବିଜୟୀ ଘୋଷଣା କରିଥିଲେ। ଘୋଷଣା ପରେ ଶ୍ରୀ ବେହେରା ସମର୍ଥୀତ ସଭ୍ୟ ଅନନ୍ତ ପ୍ରସାଦ ବାରିକ, ଅଜିତ ରାଉତ, ମୃତ୍ୟୁଞ୍ଜୟ ଜେନା,ଅଭିମନ୍ୟୁ ସାମଲ,ତୁଳସି ପଣ୍ଡା, ସରୋଜ କୁମାର ମହାକୁଡ, ଆରତି ନାୟକ, ସୁକାନ୍ତି ମଲ୍ଲିକ, ମହେଶ୍ୱର ଦତ୍ତ,ମାଳତୀ ମଲ୍ଲିକ ପ୍ରମୁଖଙ୍କ ସହ ବିଜୟୀ ଉତ୍ସବ ପାଳନ କରିଥିଲେ। ଏହି ବିଜୟ ର ଶ୍ରେୟ ସେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତଥା ଗୋବିନ୍ଦପୁର ସେବା ସମବାୟ ସମିତି ଅଧିନସ୍ଥ ସମସ୍ତ ଚାଷୀଙ୍କୁ ପ୍ରଦାନ କରିଛନ୍ତି।

## ସିଞ୍ଜୋ ଆବେଙ୍କ ସହ ନରେନ୍ଦ୍ର ମୋଦୀଙ୍କ ବନ୍ଧୁତା ସବୁବେଳେ ମନେ ରହିବ

ନୂଆଦିଲ୍ଲୀ, ୦୮/୦୭ : ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଂଜୋ ଆବେଙ୍କ ହତ୍ୟା ଦ୍ୱାରା ଭାରତ ଚକିତ ହୋଇଯାଇଛି। ପ୍ରକୃତରେ ସିଂଜୋ ଆବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ବିଶେଷ ବନ୍ଧୁ ଅଟନ୍ତି। ଯେତେବେଳେ ଦୁହେଁ ଭେଟିଲେ, ଏକ ଭିନ୍ନ ଉଷ୍ମତା ଦେଖାଗଲା। ଯେତେବେଳେ ସିଂଜୋ ଆବେ ପ୍ରଧାନମନ୍ତ୍ରୀ ଭାବରେ ଭାରତକୁ ଆସିଥିଲେ, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ବାରାଣାସୀ ଦର୍ଶନ ପାଇଁ ସାଙ୍ଗରେ ନେଇଥିଲେ ଏବଂ ଦୁଇ ରାଜ୍ୟ ମୁଖ୍ୟ ଏଠାରେ ଗଙ୍ଗା ଆରତୀ କରିଥିଲେ। ଏହି ସମୟ ମଧ୍ୟରେ ଭାରତୀୟ ସଂସ୍କୃତି ଏବଂ ସଭ୍ୟତା ପାଇଁ ସିଂଜୋ ଆବେଙ୍କ ସ୍ନେହ ସମସ୍ତଙ୍କୁ ଦେଖିଥିଲା। ସିଂଜୋ ଆବେ ସମ୍ପୂର୍ଣ୍ଣ ବିଶ୍ୱାସ ସହିତ ମୋଦୀଙ୍କ ସହ ଗଙ୍ଗା ଆରତୀ ପ୍ରଦର୍ଶନ କରିଥିଲେ। ସିଂଜୋ ଆବେ ଭାରତ ଛାଡ଼ିବା ପରେ ମୋଦୀ ଭଗବଦ୍ ଗୀତା ମଧ୍ୟ ଉପସ୍ଥାପନ କରିଥିଲେ। ୨୦୧୭ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଅହମ୍ମଦାବାଦର ସାବରମତି ଆଶ୍ରମକୁ ମଧ୍ୟ ନେଇଥିଲେ।

## ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ ଲୋକାର୍ପିତ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ମହାବିଗ୍ରହ ଶରଣପଂଜର ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏକ ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ମହାପର୍ବ। ରଥଯାତ୍ରା ସଂପର୍କରେ ଗବେଷଣା, ଅଧ୍ୟୟନ ଓ ଆଲୋଚନା ଅବ୍ୟାହତ ରହିଥିବାବେଳେ 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ଗ୍ରନ୍ଥଟି ସେହି କ୍ରମରେ ଏକ ଚମତ୍କାର ସଂଯୋଜନା। ଶୁକ୍ରବାର ଲୋକସଂପର୍କ ଭବନରେ ପବିତ୍ର ସନ୍ଧ୍ୟାଦର୍ଶନ ଅବସରରେ ରଥଯାତ୍ରାର ମହତ୍ୱ ଓ ବିଭିନ୍ନ ତଥ୍ୟସମ୍ବଳିତ 'ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ' ପୁସ୍ତକଟି ଲୋକାର୍ପିତ ହୋଇଛି। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ୍ ମହାନ୍ତି ପୁସ୍ତକର ଲୋକାର୍ପଣ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବଖାଣ ମଧ ଗୋଟିଏ ଅନନ୍ୟ ସେବା ଓ ପୁସ୍ତକର ସଂପାଦକବୃନ୍ଦ ଏଥି ପାଇଁ ପ୍ରଶଂସନୀୟ ବୋଲି ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ କହିଥିଲେ। ଶ୍ରୀଗୁଣ୍ଡିଚା ଯାତ୍ରାର ବିଭିନ୍ନ ବିଭବ ନେଇ ୨୬ ଜଣ ବୁଦ୍ଧିଜୀବୀ ଓ ଗବେଷକଙ୍କ ଉପାଦେୟ ଆଲେଖ୍ୟରେ ସମୃଦ୍ଧ। ଏହି ପୁସ୍ତକଟି ବିଶିଷ୍ଟ ଜଗନ୍ନାଥ ଗବେଷକ ଡ. ଭାସ୍କର ମିଶ୍ର, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶାନ୍ତ ଦାଶ ଓ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଅଭୟ ଚରଣ ରାଉତଙ୍କ ଦ୍ୱାରା ସଂପାଦିତ ହୋଇଛି। କାର୍ଯ୍ୟକ୍ରମରେ ପୁସ୍ତକର ସଂପାଦକବୃନ୍ଦ ବକ୍ତବ୍ୟ ରଖି ଏପରି ପ୍ରକାଶନ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ସଂପର୍କରେ ତଥ୍ୟ ଓ ଶାସ୍ତ୍ରୀୟ ଉପସ୍ଥାପନକୁ ବ୍ୟାପକ କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ। ଶ୍ରୀ ପୁରୁଷୋତମ ସଦ୍ ଗ୍ରନ୍ଥାଳୟ ପ୍ରକାଶିତ ୩୮୬ ପୃଷ୍ଠାର ଏହି ପୁସ୍ତକଟିର ପ୍ରଥମ କପି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପିତ ହୋଇଛି।

## ମୃତଚାଷୀଙ୍କୁ ମିଳିଲା ୫ଲକ୍ଷ ଟଙ୍କାର ବୀମାରାଶି



ଖଇରା, ୦୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ସେବା ସମବାୟ ସମିତି ଅଧୀନ ଦାମୋଦର ପୁର ଗ୍ରାମରେ ସର୍ପାଘାତରେ ମୃତ୍ୟୁ ବରଣ କରିଥିବା ଚାଷୀ ମରୁତ ପଣ୍ଡାଙ୍କ ପତ୍ନୀ ଆରତିଲତା ପଣ୍ଡାଙ୍କୁ ବୀମା ସହାୟତା ରାଶି ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖା ର ପରିଚାଳକ ନିଶିକାନ୍ତ ମଣ୍ଡଳ ଶାଖା କାର୍ଯ୍ୟାଳୟ ପରିସରରେ ଏହି ଚେକ ପ୍ରଦାନ କରିବା ଅବସରରେ ମାତ୍ର ୨ଶହ ଟଙ୍କାର ପ୍ରମିୟମ ଦେଇ ପ୍ରତ୍ୟେକ ଚାଷୀ ମାନେ ଏହି ବୀମାର ଲାଭ ନେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ପ୍ରଶାନ୍ତ କୁମାର ନାୟକ,ସହ-ପରିଚାଳକ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସମତି ତରଫରୁ ଦିଆଯାଇଥିବା ଏହି ଆର୍ଥୀକ ସହାୟତା ତାଙ୍କର ଏହି ଅଭାବ ସମୟରେ ଅତ୍ୟନ୍ତ ୨୦୨୧ ମସିହା ଜୁଲାଇ୨୫ ତାରିଖରେ ଚାଷୀ ମରୁତ ସର୍ପାଘାତରେ ମୃତ୍ୟୁ ବରଣ କରିଥିଲେ।

# ସୁଚିସ୍ମିତା ନିର୍ଦ୍ୱନ୍ଦ୍ୱରେ ଗୋପିନାଥପୁର ସେବା ସମବାୟ ସମିତିରେ ସଭାପତି ନିର୍ବାଚିତ



ନୀଳଗିରି, ୦୮/୦୭ (ନି.ପ୍ର): ଗୋପିନାଥପୁର ସେବା ସମବାୟ ସମିତିରେ ସଭାପତି ପଦବୀ ପାଇଁ ଏକମାତ୍ର ସୁଚିସ୍ମିତା ବେହେରା ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ନିର୍ବାଚନ ଅଧିକାରୀ ରତ୍ନାକର ଲେଙ୍କା ଶୁକ୍ରବାର ଦିନ ଶ୍ରୀମତୀ ସୁଚିସ୍ମିତା ବେହେରା ଙ୍କୁ ସଭାପତି ଭାବେ ବିଜୟ ହୋଇଥିବାର ଘୋଷଣା ଜାରି କରିଛନ୍ତି। ଉକ୍ତ ସମିତିର ୧୫ଗୋଟି ଜୋନରେ ନିର୍ବାଚନ ହୋଇଥିବା ବେଳେ ୧୩ଜଣ ପ୍ରାର୍ଥୀ / ପ୍ରାର୍ଥନୀ ବିଜେପି ସମର୍ଥନରେ ବିଜୟ ହୋଇଥିବା ବେଳେ ୧୫ନଂ.ଜୋନରୁ ବାସନ୍ତି ମହଲ ର୍ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଗୋଟିଏ ଜୋନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟ ହୋଇଥିଲେ। ସମସ୍ତ ନିର୍ବାଚିତ ସଭ୍ୟ / ସଭ୍ୟ ନବନିର୍ବାଚିତ ସଭାପତିଙ୍କୁ ପୁଷ୍ପଗଛ ଦେଇ ସ୍ୱାଗତ ଜଣାଇଥିଲେ। ସମିତିର ସଂପାଦକ ପ୍ରଦୀପ କୁମାର ମହାପାତ୍ର ସଭାପତି ସମେତ ଉପସ୍ଥିତ ନବନିର୍ବାଚିତ ସଭ୍ୟ / ସଭ୍ୟାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ଏକ ସ୍ୱାଗତ ବୈଠକରେ ନୀଳଗିରି କୋଅପରେଟିଭ ବ୍ୟାଙ୍କର ଶାଖା ପରିଚ୍ଳକ ଅରୁଣ ମାଇତି ଉପସ୍ଥିତ ହୋଇ ନୂତନ ସଭାପତିଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ନୂତନ ସଭ୍ୟ / ସଭ୍ୟାଙ୍କୁ ସ୍ୱାଗତ ଜଣାଇଥିଲେ। ସମିତିର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ନୂତନ ସଭାପତି ଶ୍ରୀମତୀ ସୁଚିସ୍ମିତା ବେହେରା ନୀଳଗିରି ଏନ.ଏ.ସି.ର ପୂର୍ବତନ ଅଧକ୍ଷ ରାଧାଗୋବିନ୍ଦ ଖଟୁଆଙ୍କ ପୁତ୍ରବଧୂ ଅଟନ୍ତି। ନିର୍ବାଚିତ ସଭ୍ୟ / ସଭ୍ୟାଙ୍କ ମଧରେ ଲକ୍ଷ୍ମୀଧର ରାଉଳ, ରବିନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ପରିଡ଼ା, ଶିବଶଙ୍କର ଦାସ, ବିଦ୍ୟାଧର ଖଟୁଆ, ସରୋଜିନି ଗୋଛାୟତ, ରବିନ୍ଦ୍ର ଜେନା, ଚିନ୍ତାମଣି ସେଠୀ, ଅଂଜୁ ମୁଖୀ, ରଂଜିତା ମହଲ, ସନ୍ତୋଷ କୁମାର ମଲିକ, ଗଦାଧର ପାତ୍ର, ହରିହର ନାୟକ, ନୂତନ ସଭାପତିଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ସମିତିର ଲଗାତର ଭାବେ ବିଜୟୀ ହୋଇଥିବା ପୂର୍ବତନ ସଭାପତି ରାଧାଗୋବିନ୍ଦ ଖଟୁଆ ଉପସ୍ଥିତ ଥିଲେ।

# ଚଳିତ ବର୍ଷ ରଥଯାତ୍ରା ପାଇଁ ୨୨୫ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ତୀର୍ଥଯାତ୍ରୀମାନଙ୍କ ଗମନାଗମନ ଏବଂ ସୁବିଧାଜନକ ଯାତ୍ରା ପାଇଁ ରେଳ ମନ୍ତ୍ରଣାଳୟ ରଥ ଯାତ୍ରା ସମୟରେ ପୁରୀକୁ ଏବଂ ପୁରୀ ଠାରୁ ୨୦୫ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାପାଇଁ ପୂର୍ବରୁ ଘୋଷଣା କରିଥିଲା। ତେବେ ସନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନା ବେଶ ଦିନ ମାନଙ୍କରେ ଅଧିକ ଭକ୍ତଙ୍କ ସମାବେଶକୁ ଆଶଙ୍କା କରି ପୂର୍ବତଟ ରେଳପଥ ମଧ ସୁନା ବେଶ ପରଦିନ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ସହିତ ଆହୁରି ୨୦ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରିଛି। ରଥଯାତ୍ରା ଅବଧି ସମୟରେ ଭୁବନେଶ୍ୱର ଓ ପୁରୀ ମଧରେ ଦୈନିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ୦୨୮୯୧/୦୨୮୧୦ ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର ବିଶେଷ ଟ୍ରେନ ଜୁଲାଇ ମାସ ପହିଲା ଠାରୁ ୧୧ ତାରିଖ ମଧରେ ଯାତ୍ରା କରୁଛି। ସନ୍ଧ୍ୟା ଦର୍ଶନ ଦିନ ଅର୍ଥାତ ୮ ଜୁଲାଇରେ ୭ ଯୋଡି ସ୍ପେଶାଲ ଟ୍ରେନ (ମହିପୁରରୁ ୩ ଯୋଡି ଏବଂ ଖୋର୍ଦ୍ଧା ରୋଡରୁ ୪ ଯୋଡି) ପୁରୀ ଏବଂ ଖୋର୍ଦ୍ଧା ରୋଡ଼/ମହୀପୁର ମଧରେ ଚଳାଚଳ କରିବ। ଏହା ବ୍ୟତୀତ, ୦୮୯୩୩/୦୮୯୩୪ ବିଶାଖାପାଟନମ୍-ପୁରୀ-ବିଶାଖାପାଟନମ୍ ସ୍ପେଶାଲ୍, ୦୮୯୩୭/୦୮୯୩୮ ଜୁନାଗଡ଼ ରୋଡ୍-ପୁରୀ-ଜୁନାଗଡ ରୋଡ୍ ସ୍ପେଶାଲ୍, ୦୮୯୪୫/୦୮୯୪୬ ସମ୍ବଲପୁର-ପୁରୀ- ସମ୍ବଲପୁର ସ୍ପେଶାଲ୍, ୦୮୯୪୧/୦୮୯୪୨ ଗୁଣୁପୁର-ପୁରୀ-ଗୁଣୁପୁର ବିଶେଷ ଟ୍ରେନ ପୁରୀକୁ ଆସି ପୁଣି ସେମାନଙ୍କ ଉତ୍ପତ୍ତି ସ୍ଥାନ ମାନଙ୍କୁ ଫେରିବ। ବାହୁଡା ଯାତ୍ରାରେ, ଅର୍ଥାତ ୯ ଜୁଲାଇରେ; ପାରାଦୀପ, ମହିପୁର, କଟକ, ବ୍ରହ୍ମପୁର, ଭଦ୍ରକ୍, ଖୋର୍ଦ୍ଧା ରୋଡ୍, କେନ୍ଦୁଝରଗଡ଼ରୁ ୧୦ ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଆଡକୁ ଯାତ୍ରା କରିବାକୁ ପୂର୍ବରୁ ଘୋଷଣା କରାଯାଇଛି। ଉପରୋକ୍ତ ବିଶେଷ ଟ୍ରେନ ମାନଙ୍କ ବ୍ୟତୀତ ଆହୁରି ୦୫ ଟି ସ୍ପେଶାଲ୍ ଟ୍ରେନ୍ ଭଦ୍ରକ, କଟକ, ଖୋର୍ଦ୍ଧା ରୋଡ୍, ପାରାଦୀପ ଏବଂ ବ୍ରହ୍ମପୁରରୁ ପୁରୀକୁ ଯାତ୍ରା କରିବ। ଫେରିବା ମାର୍ଗରେ ପୁରୀରୁ କେନ୍ଦୁଝରଗଡ, ବ୍ରହ୍ମପୁର, କଟକ, ଭଦ୍ରକ, ପାରାଦୀପ ଏବଂ ଖୋର୍ଦ୍ଧା ରୋଡ ଅଭିମୁଖେ ୮ ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା କରିବ। ସୁନାବେଶ ଦିନ, ଅର୍ଥାତ୍ ୧୦ ଜୁଲାଇରେ; ପାରାଦୀପ, ମହିପୁର, କଟକ, ବ୍ରହ୍ମପୁର, ଭଦ୍ରକ୍, ଖୋର୍ଦ୍ଧା ରୋଡ୍, କେନ୍ଦୁଝରଗଡରୁ ୧୧ ଟି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଯାତ୍ରା କରିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିବା ବେଳେ ଏଗୁଡିକ ବ୍ୟତୀତ, ୦୮୯୭୧/୦୮୯୭୨ ଜୁନାଗଡ଼ ରୋଡ୍-ପୁରୀ-ଜୁନାଗଡ଼ ରୋଡ୍ ସ୍ପେଶାଲ୍, ୦୮୯୫୭/୦୮୯୫୮ ଗୁଣୁପୁର-ପୁରୀ-ଗୁଣୁପୁର ସ୍ପେଶାଲ୍, ୦୮୯୭୯/୦୮୯୮୦ ସମ୍ବଲପୁର-ପୁରୀ- ସମ୍ବଲପୁର ସ୍ପେଶାଲ୍, ୦୮୯୭୫/୦୮୯୭୬ ବିଶାଖାପାଟନମ୍-ପୁରୀ-ବିଶାଖାପାଟଣା ବିଶେଷ ଟ୍ରେନ ଚଳାଚଳ କରାଇବାକୁ ମଧ ଘୋଷଣା କରାଯାଇଥିଲା। ଉପରୋକ୍ତ ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ କଟକ, ଭଦ୍ରକ, ବ୍ରହ୍ମପୁର, ପାରାଦୀପ, କେନ୍ଦୁଝରଗଡ ଏବଂ ଖୋର୍ଦ୍ଧା ରୋଡରୁ ପୁରୀକୁ ଆହୁରି ୮ ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରାଇବାକୁ ଯୋଜନା କରାଯାଇଥିବାବେଳେ ଫେରିବା ଦିଗରେ ପୁରୀରୁ କଟକ, ଭଦ୍ରକ, ବ୍ରହ୍ମପୁର ଏବଂ ଖୋର୍ଦ୍ଧା ରୋଡ୍ ଅଭିମୁଖେ ଆହୁରି ୮ ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ସୁନାବେଶ ପରଦିନ ଅର୍ଥାତ ୧୧ ଜୁଲାଇରେ ୬ ଟି ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ଗୁଣୁପୁର, ରାୟାଗଡା, ଭଦ୍ରକ, ବିଶାଖାପାଟନମ୍, କେନ୍ଦୁଝରଗଡ ଏବଂ ମହିପୁର ଅଭିମୁଖେ ଯାତ୍ରା କରିବ ଏବଂ ଏକ ସ୍ୱତନ୍ତ୍ର ଟ୍ରେନ୍ କେନ୍ଦୁଝରଗଡରୁ ପୁରୀ ପର୍ଯ୍ୟନ୍ତ ଚାଲିବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo